READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ପୁରୀ : ରଥଚକର ତୁମ୍ବରେ ଅଖ ସଂଯୋଗ କାର୍ଯ୍ୟ।

ବର୍ଷ-୨ ସଂଖ୍ୟା-୧୮ | ୧୪ ମଇ - ୨୦ ମଇ, ୨୦୧୮ | ଭୁବନେଶ୍ୱର | Monday Weekly | VOL-2 | ISSUE-18 | 14th APRIL - 20th MAY, 2018 | BHUBANESWAR | ₹ 5/- (8 Pages)

### ମନ୍ତ୍ରୀଙ୍କ ଚେତାବନୀ, ବନ୍ଧା ହେବେ କଳାବଜାରୀ

## କାହିଁକି ଆଳୁ, ପିଆଜ ଚିନ୍ତା



**ଭୁବନେଶ୍ୱର :** ପ୍ରତିବର୍ଷ ଆଳୁ, ପିଆଜ ସମସ୍ୟାକୁ ନେଇ ଧନ୍ଦି ହେଉଛନ୍ତି ସରକାର। ଏହାର ସମାଧାନ ପାଇଁ ଗଠିତ ହୋଇଥିଲା ଆଳୁ ଓ ପିଆଜ ମିଶନ। ହେଲେ ଏହି ମିଶନ ବୋଧହୁଏ ଠିକ୍ ଭାବେ କାର୍ଯ୍ୟ କରୁନଥିବାରୁ ବିଭାଗ ମନରେ ଏଭଳି ଆଶଙ୍କା ପ୍ରକାଶ ପାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କାରଣ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ପ୍ରଚୁର ପରିମାଣ ଆଳୁ ଗଚ୍ଛିତ ଥିବା ସୂଚନା ମିଳୁଛି, ସେଥିରେ ଓଡ଼ିଶାରେ ଆଳୁକୁ ନେଇ ଏତେ ଚିନ୍ତା ବଢ଼ିବା କାରଣ କ'ଣ ବୋଲି ବ୍ୟବସାୟୀମାନେ ଆଲୋଚନା କରୁଛନ୍ତି। ସେମାନଙ୍କର କହିବାର କଥା ହେଉଛି ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଆଳୁ ଦର ସେଭଳି କିଛି ଉତ୍କଟ ହୋଇନାହିଁ। କିନ୍ତୁ ଏନେଇ ବିଭାଗୀୟ ମନ୍ତ୍ରୀ ଅଧିକ ଆଶଙ୍କା ପ୍ରକାଶ କରିବାର କାରଣ କ'ଣ ତାହା ବୁଝାପଡୁନି। ହେଲେ ଆଳୁ ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡିଛି ବିଭାଗ। ତେଣୁ ଆଳୁ ବେପାରରେ କଳାବଜାର ଓ ବେଆଇନ୍ ମହଜୁଦ୍‌କୁ ରୋକିବା ନିମନ୍ତେ ଖାଦ୍ୟ ଓ ଯୋଗାଣ ବିଭାଗ ତରଫରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇଛି। ଏଥିରେ କୁହାଯାଇଛି, ବିଗତ କିଛି ଦିନ ହେଲା ଖୁଚୁରା ବଜାରରେ ଆଳୁ କିଲୋ ପିଛା ୧୭ରୁ ୧୮ ଟଙ୍କାରେ ବିକ୍ରି ହେଉଥିବା ବେଳେ କେତେକ ସ୍ଥାନରେ ଏହାର ଦର ୨୦ ଟଙ୍କା ହୋଇଥିବା ସରକାରଙ୍କ ନଜରକୁ ଆସିଛି। ପଡ଼ୋଶୀ ପଶ୍ଚିମବଙ୍ଗ ଏବଂ ଉତ୍ତର ପ୍ରଦେଶରେ କମ୍ ଆଳୁ ଉତ୍ପାଦନ ହୋଇଥିବା କାରଣରୁ ଏହାର ସିଧାସଳଖ ➤ ପୃ-୬

### ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

## ୩୯ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରି




**ଭୁବନେଶ୍ୱର :** ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଢେଙ୍କାନାଳ ଜିଲ୍ଲାର ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ, ପୁରୀ ଜିଲ୍ଲାର ବିଶ୍ୱନାଥପୁର, ବରଗଡ଼ ଜିଲ୍ଲାର ବୁଗବୁଗା ଓ ଦେବଗଡ଼ ଜିଲ୍ଲାର ରିଆମାଳ ପଞ୍ଚାୟତ ପାଇଁ ୧ କୋଟି ୪୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପକୁ ସେ ମଞ୍ଜୁରୀ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଗ୍ରାମ ବିକାଶ କାର୍ଯ୍ୟକ୍ରମର ସଫଳତା ପାଇଁ ଲୋକଙ୍କ ସହଯୋଗ ଲୋଡ଼ିବା ସହିତ ମଞ୍ଜୁର ହୋଇଥିବା ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକୁ ଶୀଘ୍ର ଏବଂ ଭଲ ଭାବରେ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଢେଙ୍କାନାଳ ଜିଲ୍ଲାର ଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ୩୬ ଲକ୍ଷ ଟଙ୍କାରେ ୮ଟି, ପୁରୀ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମପଞ୍ଚାୟତର ୩୫ ଲକ୍ଷ ଟଙ୍କାରେ ୧୦ଟି, ବରଗଡ଼ ଜିଲ୍ଲାର ବୁଗବୁଗା ଗ୍ରାମ ପଞ୍ଚାୟତର ୩୬ ଲକ୍ଷ ଟଙ୍କାରେ ୧୨ଟି ଏବଂ ଦେବଗଡ଼ ଜିଲ୍ଲାର ରିଆମାଳ ଗ୍ରାମ ପଞ୍ଚାୟତର ୩୬ ଲକ୍ଷ ଟଙ୍କାରେ ➤ ପୃ-୬

### ଦୁଷ୍କର୍ମ ଓ ଏସିଡ୍ ଆକ୍ରମଣ ହେଲେ

## ୧୦ ଲକ୍ଷ ପର୍ଯ୍ୟନ୍ତ କ୍ଷତିପୂରଣ

**ନୂଆଦିଲ୍ଲୀ :** ଦୁଷ୍କର୍ମ ଓ ଏସିଡ୍ ଆକ୍ରମଣର ଶିକାର ହେଉଥିବା ପୀଡ଼ିତାଙ୍କୁ ଏଣିକି ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ମିଳିବ। ଏ ସମ୍ପର୍କରେ ଜାତୀୟ ଆଇନ୍ ସେବା ପ୍ରାଧିକରଣ (ଏନ୍ଏଲ୍ଏସ୍ଏ)ର ପ୍ରସ୍ତାବିତ ଯୋଜନାକୁ ସୁପ୍ରିମ୍‌କୋର୍ଟଙ୍କ ସ୍ୱୀକୃତି ମିଳିଛି। ଏହି ଯୋଜନାକୁ ଦେଶବ୍ୟାପୀ ଲାଗୁ କରିବା ଲାଗି ସର୍ବୋଚ୍ଚ ଅଦାଲତ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ମଦନ ବି ଲୋକୁର୍ ଓ ଜଷ୍ଟିସ୍ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଯୋଜନା ଲାଗୁ ହେବ। ଏନ୍ଏଲ୍ଏସ୍ଏ କେନ୍ଦ୍ରସରକାରଙ୍କ ସହ ପରାମର୍ଶ କରି ଏହି ଯୋଜନା ପ୍ରସ୍ତୁତ କରିଛନ୍ତି। 'ମହିଳା ପୀଡ଼ିତା-ଯୌନ ନିର୍ଯାତନାର ଶିକାର/ଅନ୍ୟ ଅପରାଧ ଲାଗି କ୍ଷତିପୂରଣ ଯୋଜନା, ୨୦୧୮' ଅନୁଯାୟୀ ଦୁଷ୍କର୍ମ ଓ ଅପ୍ରାକୃତିକ ଯୌନ ନିର୍ଯାତନାର ପୀଡ଼ିତଙ୍କୁ ସର୍ବନିମ୍ନ ୪ ଲକ୍ଷ ଓ ସର୍ବାଧିକ ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ। ଏସିଡ୍ ଆକ୍ରମଣର ଶିକାର ହୋଇଥିବା ପୀଡ଼ିତାଙ୍କ ମୁହଁ ବିକୃତ ହୋଇଥିଲେ ସର୍ବନିମ୍ନ ୭ ଲକ୍ଷ ଏବଂ ସର୍ବାଧିକ ୮ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବ। ଏ ପ୍ରକାର ଆକ୍ରମଣରେ କ୍ଷତର ମାତ୍ରା ୫୦ ପ୍ରତିଶତରୁ ଅଧିକ ହୋଇଥିଲେ ସର୍ବନିମ୍ନ ୫ ଲକ୍ଷ ଏବଂ ସର୍ବାଧିକ ୮ ଲକ୍ଷ ଟଙ୍କା ଦିଆଯିବ। ➤ ପୃ-୬

### ଖୁବ୍‌ଶୀଘ୍ର ହୋଇପାରେ ଭାଗଋଷୀଙ୍କ ସମସ୍ୟା ସମାଧାନ ନିଷ୍ପତ୍ତି

## ପଞ୍ଚାୟତରେ ନିର୍ମାଣ ହେବ କଂକ୍ରିଟ ଖଳା



**ଭୁବନେଶ୍ୱର :** ରାଜ୍ୟରେ ଦୀର୍ଘଦିନରୁ ଲାଗି ରହିଥିବା ଭାଗଚାଷୀଙ୍କ ସମସ୍ୟାକୁ ନେଇ ସରକାର ଚିନ୍ତାରେ ଅଛନ୍ତି। ତେଣୁ ଭାଗଋଷୀଙ୍କୁ ସୁରକ୍ଷା ପ୍ରଦାନ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ପାଞ୍ଜଣ ମନ୍ତ୍ରୀଙ୍କୁ ନେଇ ଗଠନ କରାଯାଇଥିବା ମନ୍ତ୍ରିସ୍ତରୀୟ କମିଟି ଏନେଇ ତର୍ଜମା କରୁଛି। ଏଥିପାଇଁ ଚାରି ଚାରିଥର ବୈଠକ ମଧ୍ୟ ବସି ସାରିଲାଣି। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହେବ ବୋଲି କୃଷି ବିଭାଗର ସଫଳତା ସମ୍ପର୍କରେ ସୂଚନା ଦେବା ଅବସରରେ କହିଛନ୍ତି ବିଭାଗୀୟ ମନ୍ତ୍ରୀ ପ୍ରଦୀପ ମହାରଥୀ। ମନ୍ତ୍ରୀ ଶ୍ରୀ ମହାରଥୀ କହିଥିଲେ, ରାଜ୍ୟରେ ଚାଷୀଙ୍କ ଆୟ ଦ୍ୱିଗୁଣିତ ହୋଇଛି। ଗତବର୍ଷ ମରୁଡ଼ି, ରୋଗପୋକ ଓ ଅଦିନିଆ ବର୍ଷା କାରଣରୁ ଖାଦ୍ୟଶସ୍ୟ ଉତ୍ପାଦନ ହ୍ରାସ ପାଇ ୮୫ ଲକ୍ଷ ମେଟ୍ରିକ ଟନ ହୋଇଥିବା ବେଳେ ଚଳିତ ଆର୍ଥିକବର୍ଷରେ ୧୨୨ଲକ୍ଷ ମେଟ୍ରିକ ଟନ ଖାଦ୍ୟଶସ୍ୟ ଉତ୍ପାଦନ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ, ଗତ ୨୦୦୦-୦୧ରେ ହେକ୍ଟର ପ୍ରତି ୧୦.୪୧ କ୍ୱିଣ୍ଟାଲ ଚାଉଳ ଉତ୍ପାଦନ ହେଉଥିଲା ଏବଂ ୨୦୧୬-୧୭ରେ ଏହା ବୃଦ୍ଧି ପାଇ ୨୪.୭୨ କ୍ୱିଣ୍ଟାଲରେ ପହଞ୍ଚିଥିଲା। ସେହିଭଳି ରାଜ୍ୟର ୧୧ଟି ଆଦିବାସୀ ଅଧ୍ୟୁଷିତ ଜିଲାରେ ୧୬,୪୦୦ ହେକ୍ଟର ପରିମିତ ଜମିରେ ଓଡ଼ିଶା କ୍ଷୁଦ୍ର ଶସ୍ୟ ମିଶନ କାର୍ଯ୍ୟକାରୀ ହୋଇଛି ଏବଂ କୃଷି ଯାନ୍ତ୍ରିକୀକରଣ ବ୍ୟବସ୍ଥାରେ ଯଥେଷ୍ଟ ପ୍ରଗତି ଘଟିଛି। ଋଷୀଙ୍କ ସୁବିଧା ପାଇଁ ପ୍ରତି ➤ ପୃ-୬

### ଆଇନ ମାନୁନି ସବ୍‌ରେଜିଷ୍ଟ୍ରାର ଅଫିସ୍

## ସଚିବଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର :** ଜମିବାଡି କିଣାବିକା ବେଳେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ କ୍ୟାସଲେସ୍ କରିବା ପାଇଁ ସରକାରୀ ନିର୍ଦ୍ଦେଶର ପୁନର୍ବିଚାର କରାଯାଇଥିଲା। ରାଜ୍ୟର ରାଜସ୍ୱ ବୃଦ୍ଧି ପାଇଁ ନଗଦ ଅର୍ଥ କାରବାର ହୋଇପାରିବ ବୋଲି ମାନ୍ୟବର ହାଇକୋର୍ଟ ଗତ ନଭେମ୍ବର ମାସରେ ରାୟ ଶୁଣାଇଥିଲେ। ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାର ଏବଂ ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ଏହି ରାୟକୁ ମାନୁ ନଥିବା ଜଣାପଡିଛି। ଏଠାରେ ଏକ ଘରୋଇ ସଂସ୍ଥାକୁ ମୁନାଫା ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ଦୁଇଟି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସହଯୋଗ ➤ ପୃ-୬

## 'ଆଧାର' ଶୁଣାଣି ଶେଷ; ରାୟ ସଂରକ୍ଷିତ



**ନୂଆଦିଲ୍ଲୀ :** ଏକକ ପରିଚୟପତ୍ର 'ଆଧାର'ର ସାମ୍ବିଧାନିକ ବୈଧତା ଏବଂ ଏ ସମ୍ପର୍କିତ ୨୦୧୬ର ଆଇନ୍‌କୁ ଚ୍ୟାଲେଞ୍ଜ୍ କରି ସୁପ୍ରିମ୍‌କୋର୍ଟରେ ଆଗତ ଏକାଧିକ ଆବେଦନର ଶୁଣାଣି ଶେଷ ହୋଇଛି। ସୁପ୍ରିମ୍‌କୋର୍ଟ ଏ ସମ୍ପର୍କିତ ରାୟ ସଂରକ୍ଷିତ ରଖିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ସମସ୍ତ ପକ୍ଷଙ୍କୁ ସେମାନଙ୍କର ଲିଖିତ ମତାମତ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାର ବ୍ୟାଙ୍କ୍ ଆକାଉଣ୍ଟ, ପ୍ୟାନ୍‌କାର୍ଡ, ସେଲ୍‌ଫୋନ୍ ସେବା, ପାସ୍‌ପୋର୍ଟ ଓ ଡ୍ରାଇଭିଂ ଲାଇସେନ୍ସ ଭଳି ଅନେକ ସେବା ଓ କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ଆଧାରକୁ ବାଧ୍ୟତାମୂଳକ କରିଥିଲା ବେଳେ ଏହାର ସାମ୍ବିଧାନିକ ବୈଧତା ସମ୍ପର୍କରେ ପ୍ରଶ୍ନ ଉଠାଇ ୨୭ ଜଣ ଆବେଦନକାରୀ ସୁପ୍ରିମ୍‌କୋର୍ଟରେ ପିଟିସନ୍ ଦାଖଲ କରିଥିଲେ। ଏ ସମ୍ପର୍କରେ ସୁପ୍ରିମ୍‌କୋର୍ଟର ସାମ୍ବିଧାନିକ ଖଣ୍ଡପୀଠ ଜାନୁଆରୀରୁ ୪ ମାସ ମଧ୍ୟରେ ୩୮ ଦିନ ମାରାଥନ୍ ଶୁଣାଣି କରିଥିଲେ। ୧୯୭୩ରେ ସୁପ୍ରିମ୍‌କୋର୍ଟରେ ବହୁଚର୍ଚ୍ଚିତ କେଶବାନନ୍ଦ ଭାରତୀ ମାମଲା ପରେ ଏହା ହେଉଛି ୨ୟ ଦୀର୍ଘ ମାମଲା। କେଶବାନନ୍ଦ ଭାରତୀ ମାମଲାର ଶୁଣାଣି ୫ ମାସ ଧରି ଚାଲିଥିଲା ବେଳେ ଆଧାର ମାମଲାର ଶୁଣାଣି ୪ ମାସ ଧରି ଚାଲିଲା। ଏହି ମାମଲାରେ ଆଟର୍ଣ୍ଣି ଜେନେରାଲ କେକେ ଭେନୁଗୋପାଲଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ଆଡଭୋକେଟ୍ କପିଲ ଶିବଲ, ପି ଚିଦାମ୍ବରମ୍, ରାକେଶ ଦ୍ୱିବେଦୀ, ଶ୍ୟାମ୍ ଦିବାନ୍, ଅରବିନ୍ଦ ଦତ୍ତାରଙ୍କ ଭଳି ବହୁ ଓକିଲ କେସ୍ ପରିଚାଳନା କରିଥିଲେ। ଏହି ସାମ୍ବିଧାନିକ ଖଣ୍ଡପୀଠର ଅନ୍ୟ ବିଚାରପତିମାନେ ହେଲେ ଜଷ୍ଟିସ୍ ଏକେ ସିକ୍ରି, ଜଷ୍ଟିସ୍ ଏଏମ୍ ଖାନ୍‌ୱିଲ୍‌କର୍, ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ ଓ ଜଷ୍ଟିସ୍ ଅଶୋକ ଭୂଷଣ। ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବର ଦେଶର ୧୨୦ କୋଟି ଲୋକଙ୍କୁ ଦିଆଯାଇଥିଲା ବେଳେ ଏହା ବ୍ୟକ୍ତିଗତ ଗୋପନୀୟତା ଭଳି ମୌଳିକ ଅଧିକାରର ଉଲ୍ଲଂଘନ କରୁଥିବା ଦର୍ଶାଇ ଏହାକୁ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ୍ କରାଯାଇଛି। ଦୀର୍ଘ ୪ ମାସ ଧରି ଚାଲିଥିବା ଜବାବସୁଆଲରେ କେନ୍ଦ୍ର ସରକାର ଆଧାର ସପକ୍ଷରେ ➤ ପୃ-୬

### ବକ୍ରବାଣୀ



ଠିକାଦାର ଆମ ବଡ ଚତୁର
ନେତାଙ୍କୁ ବନେଇ ନିଜ ପାର୍ଟ୍ନର
ପୋଲ ବନାନ୍ତି ସେ ଟାଣ କରିକି
କିଏ ସେ ହବରେ ତାଙ୍କ ସରିକି
ଦକ୍ଷତା ପଦକ ମିଳେ ଆମକୁ
ପୋଲ କର୍ମଣଟା ଆର ବର୍ଷକୁ
ପିସି ପଇସାରେ କିଣୁ ପଦକ
ଚବିଶ ଯାଏରେ ଆମେ ଶାସକ।

—— ଟୁଟୁ

## 'ପଞ୍ଚାୟତିରାଜ ବ୍ୟବସ୍ଥା ଫେଲ୍ ପାଇଁ ପିସି ଦାୟୀ'



**ଭୁବନେଶ୍ୱର :** ପଞ୍ଚାୟତ ବିଭାଗରେ ରାଜ୍ୟ ସରକାର 'ଟ୍ରାନ୍ସପରେନ୍ସି' ବଦଳରେ 'ଟ୍ରିକ୍' ବ୍ୟବହାରି କରୁଛନ୍ତି ବୋଲି ବିଜେପି କହିଛି। ପିସି କାରଣରୁ ପଞ୍ଚାୟତି ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଆଳୁ ମିଶନର ବିଫଳତା କୃଷ ବିଭାଗର ଅପାରଗତାକୁ ସୂଚାଉଛି। ପ୍ରତିକୂଳ ପରିବେଶ ଯୋଗୁଁ ଶିଳ୍ପ ସଂସ୍ଥା ଓଡ଼ିଶାରୁ ମୁହଁ ଫେରାଉଛନ୍ତି ବୋଲି ବିଜେପି ଅଭିଯୋଗ କରିଛି। ରାଜ୍ୟ କାର୍ଯ୍ୟାଳୟରେ ପାଇଁ ବିଜେପି ରାଜ୍ୟ ଉପ ସଭାପତି ସମୀର ମହାନ୍ତି କହିଛନ୍ତି, ଗରିବମାନଙ୍କୁ ପକ୍କା ଘର ଯୋଗାଣ ମାମଲାରେ ମୁଖ୍ୟମନ୍ତ୍ରୀ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି। ଦୁଇ ବର୍ଷରେ ଦଶ ଲକ୍ଷ 'ବିଜୁ ପକ୍କା ଘର' ଲୋକାର୍ପିତ କରିବା ଏବଂ ଆଗାମୀ ତିନି ବର୍ଷରେ ଆଉ ୧୬ ଲକ୍ଷ ପକ୍କା ଘର ନିର୍ମାଣ କରାଯିବା ଲକ୍ଷ୍ୟ ବୋଲି କହି ସରଳ ଓଡ଼ିଆ ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** ସାମାଜିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ଯାନବାହନ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ। ବ୍ୟବସାୟୀମାନେ ଅଧିକ ଲାଭବାନ ହେବେ।

**ବୃଷ** ଆର୍ଥିକ ଚିନ୍ତାରୁ କିଛିମାତ୍ରାରେ ମୁକ୍ତି ପାଇବେ। କଳାକାରମାନେ ଯଶ ଅର୍ଜନ କରିବେ। ପରିବାରରେ ଅଶାନ୍ତି ଦେଖାଦେବ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ ନାହିଁ। ରାଜନୈତିକ ବ୍ୟକ୍ତିମାନେ ଚିନ୍ତିତ ରହିବେ।

**ମିଥୁନ** ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ବିଦେଶ ଗସ୍ତରୁ ସତର୍କ ରୁହନ୍ତୁ। କୋର୍ଟକଚେରୀ ବିବାଦର ସମାଧାନ ହେବ। ବ୍ୟବସାୟରେ ଲାଭବାନ ହେବେ।

**କର୍କଟ** ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ସୁଖ ସୌଭାଗ୍ୟ ବୃଦ୍ଧି ପାଇବ। ଗୃହରେ ସନ୍ତାନଙ୍କ ଶରୀର ଅସୁସ୍ଥ ରହିପାରେ। ଚାକିରିରେ ନିଜର ସୁରକ୍ଷା ବଜାୟ ରହିବ। ରାଜନୈତିକ ବ୍ୟକ୍ତିମାନେ ଅପମାନ ପାଇବେ।

**ସିଂହ** କର୍ମକ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ। ପାରିବାରିକ ଶାନ୍ତି ଅନୁଭବ କରିବେ। ଠାକୁରଙ୍କ ସେବାରେ ସମୟ ଅତିବାହିତ ହେବ। ଜମିଜମା ବିବାଦ ଲାଗିପାରେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**କନ୍ୟା** ନୂତନ କର୍ମକ୍ଷେତ୍ରରେ ଯୋଗଦେବେ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ତୀର୍ଥସ୍ଥାନ ଭ୍ରମଣ କରିପାରନ୍ତି। ଅଳଙ୍କାର କ୍ରୟ କରିବେ। ରାଜନୀତିରେ ଆଧିପତ୍ୟ ବଢ଼ିବ।

**ତୁଳା** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ବନ୍ଧୁଙ୍କଠାରୁ ସହଯୋଗ ପାଇବେ ନାହିଁ। ଛାତ୍ରଛାତ୍ରୀମାନେ ଅସଫଳ ହେବେ। ମାନସିକ ପୀଡାରୁ ମୁକ୍ତି ମିଳିବ। ବ୍ୟବସାୟୀମାନେ ଲାଭ ଅପେକ୍ଷା ଅଧିକ କ୍ଷତି ସହିବେ।

**ବିଛା** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସା ମିଳିବ। ଗୃହରେ ବୟସ୍କଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବେ। ବିବାଦ ଆଶାୟୀଙ୍କ ପାଇଁ ଶୁଭ ସୂଚନା ମିଳିବ। ରାଜନୈତିକ କ୍ଷେତ୍ରରେ ଶୁଭଫଳ ମିଳିବ।

**ଧନୁ** ଧନପ୍ରାପ୍ତିର ସୁଯୋଗ ହାତଛଡା କରିବେ। ଆର୍ଥିକ ପରିସ୍ଥିତି ସୁଧାର ଆସିବ। ବିଦ୍ୟାର୍ଥୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖିବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ ନାହିଁ।

**ମକର** କର୍ମକ୍ଷେତ୍ରରେ ଖୁବ୍‌ଶୀଘ୍ର ପରିବର୍ତ୍ତନ ହେବ। ସନ୍ତାନକୁ ନେଇ ଚିନ୍ତିତ ରହିବେ। ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ମିଳିପାରେ। ବ୍ୟବସାୟରେ କିଛିମାତ୍ରାରେ କ୍ଷତି ସହିବେ। କୋର୍ଟକଚେରୀ ମାମଲାର ସମାଧାନ ହେବ।

**କୁମ୍ଭ** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଆର୍ଥିକ ପରିସ୍ଥିତି ସୁଧୁରିବ। ନୂତନ ଗୃହ ନିର୍ମାଣ କରି ଅସୁବିଧାରେ ପଡିବେ। ଜମିଜମା ବିବାଦରୁ ମୁକ୍ତି ମିଳିପାରେ। ବ୍ୟବସାୟରେ ଲାଭବାନ ହେବ।

**ମୀନ** କର୍ମକ୍ଷେତ୍ରରେ ଖୁସିର ସମୟ କଟିବ। ଚାଷ କର୍ମରେ ଅଧିକ ଲାଭ ମିଳିପାରେ। ବୈବାହିକ ଜୀବନ ସୁଖରେ କଟିବ। ଗୃହରେ ଶୁଭକାର୍ଯ୍ୟ ଅନୁଷ୍ଠିତ ହେବାର ଆଶା ଅଧିକ। ନୂତନ ଗୃହ କ୍ରୟ କରି ଖୁସି ରହିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ଜଷ୍ଟିସ୍ ଜୋଶେଫଙ୍କ ପଦୋନ୍ନତି ପ୍ରସଙ୍ଗ, ସୁପ୍ରିମ୍‌କୋର୍ଟ କଲେଜିୟମରେ ସହମତି

# ପୁଣି ସୁପାରିସ କରାଯିବ

**ନୂଆଦିଲ୍ଲୀ :** ସୁପ୍ରିମ୍‌କୋର୍ଟରେ ବିଚାରପତି ପଦ ଲାଗି ଉତ୍ତରାଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ କେଏମ୍ ଯୋଶେଫଙ୍କ ନାମ ପୁନର୍ବାର କେନ୍ଦ୍ରକୁ ସୁପାରିସ୍ କରିବାକୁ ସମ୍ପୃକ୍ତ କଲେଜିୟମ୍‌ରେ ସହମତି ପ୍ରକାଶ ପାଇଛି। କେନ୍ଦ୍ର ସରକାର ଏହି ସୁପାରିସ୍‌କୁ ଫେରାଇବାର ୩ ମାସ ପରେ ସୁପ୍ରିମ୍‌କୋର୍ଟ କଲେଜିୟମ୍ ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ଜଷ୍ଟିସ୍ ଯୋଶେଫଙ୍କ ନାମ ସହିତ ଆଉ କେତେକ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନାମ ସୁପାରିସ୍ କରାଯିବ ବୋଲି ସୁପ୍ରିମ୍‌କୋର୍ଟ କଲେଜିୟମ୍ ବୈଠକରେ ସ୍ଥିର ହୋଇଛି। ଆସନ୍ତା ୧୬ରେ ଅନ୍ୟନାମ ଗୁଡ଼ିକ ସ୍ଥିର କରାଯିବ। ତାହା ସ୍ଥିର ହେବା ପରେ ଜଷ୍ଟିସ୍ ଯୋଶେଫ୍ ଓ ଅନ୍ୟମାନଙ୍କ ନାମ ସରକାରଙ୍କୁ ସୁପାରିସ୍ କରାଯିବ। ଜଷ୍ଟିସ୍ ଯୋଶେଫଙ୍କ ପଦୋନ୍ନତି ସମ୍ପର୍କରେ ଆଲୋଚନା କରିବା ଲାଗି ସୁପ୍ରିମ୍‌କୋର୍ଟ କଲେଜିୟମ୍‌ର ବୈଠକ ପ୍ରାୟ ୧ ଘଣ୍ଟା ଧରି ବସିଥିଲା। ଏଥିରେ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ସମେତ କଲେଜିୟମ୍‌ର ଅନ୍ୟ ଚାରିଜଣ ସଦସ୍ୟ ଜଷ୍ଟିସ୍ ଜେ ଚେଲମେଶ୍ୱର, ଜଷ୍ଟିସ୍ ରଞ୍ଜନ ଗୋଗୋଇ, ଜଷ୍ଟିସ୍ ମଦନ ବି ଲୋକୁର ଓ ଜଷ୍ଟିସ୍ କୁରିଏନ୍ ଯୋଶେଫ୍ ଯୋଗ ଦେଇଥିଲେ। କଲେଜିୟମ୍ ପକ୍ଷରୁ ଏକ ପ୍ରସ୍ତାବରେ କୁହାଯାଇଛି, ଏ ସମ୍ପର୍କରେ ଅଧିକ ଆଲୋଚନା କରାଯିବାର ଆବଶ୍ୟକତା ପଡୁଥିବାରୁ ଆସନ୍ତା ୧୬ରେ କଲେଜିୟମ୍ ବୈଠକ ବସିବ। ଗତ ୨ ତାରିଖରେ ଏହି ପ୍ରସଙ୍ଗରେ କଲେଜିୟମ୍‌ର ବୈଠକ ବସିଥିଲେ ମଧ୍ୟ କୌଣସି ନିଷ୍ପତ୍ତି ନିଆଯାଇ ନଥିଲା। ଗତ ଏପ୍ରିଲ୍ ୨୬ରେ କେନ୍ଦ୍ର ସରକାର ଜଷ୍ଟିସ୍ କେଏମ୍ ଯୋଶେଫଙ୍କ ପଦୋନ୍ନତି ପାଇଁ ସୁପାରିସ୍‌କୁ ପୁନର୍ବିଚାର ପାଇଁ କଲେଜିୟମ୍ ନିକଟକୁ ଫେରାଇ ଦେଇଥିଲେ। କେନ୍ଦ୍ର ସରକାର ଦର୍ଶାଇଥିଲେ ଯେ ଏହି ସୁପାରିସ୍ ସର୍ବୋଚ୍ଚ ଅଦାଲତଙ୍କ ନୀତି ଅନୁରୂପ ହୋଇନାହିଁ। ସର୍ବୋଚ୍ଚ ଅଦାଲତରେ କେରଳର ପ୍ରତିନିଧିତ୍ୱ ଅଧିକ ହୋଇଥିବା ବେଳେ ଜଷ୍ଟିସ୍ ଯୋଶେଫ୍ କେରଳର ହୋଇଥିବାରୁ ତାଙ୍କର ପଦୋନ୍ନତି ଯଥାର୍ଥ ହେବ ନାହିଁ। ଜଷ୍ଟିସ୍ ଯୋଶେଫଙ୍କ ବରିଷ୍ଠତା ନେଇ ମଧ୍ୟ କେନ୍ଦ୍ର ପ୍ରଶ୍ନ ଉଠାଇଥିଲା। ସରକାର ଦର୍ଶାଇଥିଲେ ଯେ ହାଇକୋର୍ଟ ବିଚାରପତିଙ୍କ ବରିଷ୍ଠତା



ତାଲିକାରେ ଜଷ୍ଟିସ୍ ଯୋଜେଫ୍ ୪୨ ତମ ସ୍ଥାନରେ ରହିଛନ୍ତି। ୧୧ଟି ହାଇକୋର୍ଟର ମୁଖ୍ୟବିଚାରପତି ତାଙ୍କ ଠାରୁ ବରିଷ୍ଠ ହୋଇଥିବାରୁ ତାଙ୍କୁ ପଦୋନ୍ନତି ଦିଆଯିବା ଠିକ୍ ହେବ ନାହିଁ। ଗତ ୯ ତାରିଖରେ ସୁପ୍ରିମ୍‌କୋର୍ଟର ଦ୍ୱିତୀୟ ବରିଷ୍ଠ ବିଚାରପତି ଜଷ୍ଟିସ୍ ଚେଲମେଶ୍ୱର ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କୁ ଚିଠି ଲେଖି କଲେଜିୟମ୍‌ର ବୈଠକ ଡକାଯିବାକୁ କହିଥିଲେ। ସେ ଏହି ଚିଠିରେ ଜଷ୍ଟିସ୍ ଯୋଶେଫଙ୍କ ପଦୋନ୍ନତି ନିଷ୍ପତ୍ତିକୁ ଦୋହରାଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ଚଳିତବର୍ଷ ଜାନୁଆରୀରେ କଲେଜିୟମ୍ ସରକାରଙ୍କୁ ଜଷ୍ଟିସ୍ ଯୋଶେଫଙ୍କ ନାମ ସୁପାରିସ୍ କରିବା ପରଠାରୁ ସ୍ଥିତିରେ କୌଣସି ପରିବର୍ତ୍ତନ ଘଟି ନଥିବାରୁ ଏହାର ପୁନର୍ବିଚାର ଅନାବଶ୍ୟକ। କେନ୍ଦ୍ର ସରକାର ଏଥିନେଇ ଯେଉଁ ଆପତ୍ତି ଉଠାଉଛନ୍ତି ତାହା ଯଥାର୍ଥ ନୁହେଁ ବୋଲି ଦର୍ଶାଇ ଜଷ୍ଟିସ୍ ଯୋଶେଫଙ୍କ ନାମ ପୁନର୍ବାର ସୁପାରିସ୍ କରିବାକୁ ସେ କହିଥିଲେ। ଉଲ୍ଲେଖଯୋଗ୍ୟ, ଆସନ୍ତା ଜୁନ୍ ୨୨ରେ ଜଷ୍ଟିସ୍ ଚେଲମେଶ୍ୱର ଅବସର ନେବାକୁ ଯାଉଛନ୍ତି। ଆଇନ୍ ବିଶେଷଜ୍ଞଙ୍କ ମତ ଅନୁଯାୟୀ ସୁପ୍ରିମ୍‌କୋର୍ଟ କଲେଜିୟମ୍‌ଙ୍କ ପୁର୍ନବାର ସୁପାରିସ୍‌କୁ ସରକାର ଗ୍ରହଣ କରିବାକୁ ବାଧ୍ୟ ହେବେ। ତେବେ କଲେଜିୟମ୍‌ର ଏହି ସୁପାରିସ୍ କାର୍ଯ୍ୟକାରୀ କରିବା ପାଇଁ କୌଣସି ସମୟସୀମା ନାହିଁ। ଜଷ୍ଟିସ୍ କେଏମ୍ ଯୋଜେଫ୍ ୨୦୧୪ ଜୁଲାଇରୁ ଉତ୍ତରାଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଅଛନ୍ତି।

## ଆମେରିକା-ଇରାନ୍ ନ୍ୟୁକ୍ଲିୟର୍ ଡିଲ୍ ରଦ୍ଦ

**ବେଙ୍ଗାଲୁରୁ :** ବାରାକ୍ ହୁସେନ୍ ଓବାମା ଆମେରିକାର ରାଷ୍ଟ୍ରପତି ଥିବା ବେଳେ ୨୦୧୫ରେ ଇରାନ ସହ ନ୍ୟୁକ୍ଲିୟର୍ ଡିଲ୍ କରିଥିଲେ। ସେହି ଡିଲ୍‌ରେ ବ୍ୟବସ୍ଥା ଥିଲା ଯେ ଇରାନ୍ ତାହାର ଆଣବିକ କାର୍ଯ୍ୟକ୍ରମ ବନ୍ଦ ରଖିବ ଓ ଇରାନ୍ ବିରୋଧରେ ଆମେରିକା ତଥା ଜାତିସଂଘ ତରଫରୁ ଲାଗୁ ହୋଇଥିବା ଅର୍ଥନୈତିକ କଟକଣା ହଟିବ। ଏହାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସେହି ଡିଲ୍‌କୁ ରଦ୍ଦ କରିଦେଇଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଏହି ପଦକ୍ଷେପ ଭାରତର ଅର୍ଥନୀତିକୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ଇରାନର ଛାବାହର ବନ୍ଦରର ବିକାଶ ପାଇଁ ଭାରତ ସରକାର ୫୦କୋଟି ଡଲାର ନିବେଶ କରୁଛନ୍ତି। ଏବେ ଇରାନ ସହ ନ୍ୟୁକ୍ଲିୟର୍ ଡିଲ୍‌କୁ ରଦ୍ଦ କରି ଆମେରିକା ପୁଣି ଥରେ ଇରାନ ଉପରେ ଅର୍ଥନୀତିକ କଟକଣା ଲାଗୁ କରୁଥିବାରୁ ଇରାନରେ ଭାରତର ନିବେଶ ପ୍ରଭାବିତ ହେବ। ଛାବାହାର ବନ୍ଦର ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ଏହି ବନ୍ଦର ଦେଇ ଭାରତୀୟ ପଣ୍ୟ ଆଫଗାନିସ୍ତାନ ଓ କେନ୍ଦ୍ର ଏସିଆକୁ ପଠାଯାଇପାରିବ ଓ ସେଥିପାଇଁ ପାକିସ୍ତାନର ସଡ଼କ ପଥ ବ୍ୟବହାର କରାଯିବା ଦରକାର ହେବନାହିଁ। ଛାବାହର ବନ୍ଦରର ପ୍ରଥମ ଫେଜ୍ ଗତ ଡିସେମ୍ବରରେ ଉଦ୍‌ଘାଟିତ ହୋଇସାରିଛି। ଏବେ ଇରାନ ବିରୋଧରେ ଆମେରିକା ସରକାର ଅର୍ଥନୀତିକ କଟକଣା ଲାଗୁ କଲେ ଛାବାହର ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେବାରେ ବିଳମ୍ବ ହେବ ଯାହା ଭାରତର ସ୍ୱାର୍ଥ ଦୃଷ୍ଟିରୁ କ୍ଷତିକାରକ। ବିଶ୍ୱରେ ଭାରତ ତୃତୀୟ ବୃହତ୍ତମ ଅଏଲ୍ କଞ୍ଜ୍ୟୁମର୍ ହୋଇଥିବା ବେଳେ ଇରାନ ହେଉଛି ବିଶ୍ୱର ତୃତୀୟ ବୃହତ୍ତମ ଅଏଲ୍ ସପ୍ଲାୟର୍। କେବଳ ଆମେରିକା ପକ୍ଷରୁ ଇରାନ ବିରୋଧରେ ଅର୍ଥନୀତିକ କଟକଣା ଲାଗୁ ହେଲେ ଇରାନରୁ ଭାରତ ଅଏଲ୍ କିଣିବା ବାଧାପ୍ରାପ୍ତ ହେବନାହିଁ। କାରଣ ଭାରତ ୟୁରୋପିଆନ୍ ବ୍ୟାଙ୍କିଙ୍ଗ୍ ଚ୍ୟାନେଲ୍‌ରେ ୟୁରୋ ପେମେଣ୍ଟ୍ କରି ଇରାନଠାରୁ ଅଏଲ୍ କିଣୁଛି। ଯଦି ୟୁରୋପୀୟ ଦେଶମାନେ ମଧ୍ୟ ଆମେରିକାର ଚାପରେ ଇରାନ ବିରୋଧରେ ଅର୍ଥନୀତିକ କଟକଣା ଲାଗୁ କରନ୍ତି ତେବେ ଭାରତ ଆଉ ୟୁରୋ ପେମେଣ୍ଟ୍‌ରେ ଇରାନଠାରୁ ଅଏଲ୍ କିଣିପାରିବ ନାହିଁ। ପୁଣି ଇରାନ ବିରୋଧରେ ଅର୍ଥନୀତିକ କଟକଣା ଲାଗୁ ହେବାର ପ୍ରଭାବରେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ଦର ବଢ଼ିବ ଯାହା ଫଳରେ ଅଏଲ୍ ଆମଦାନୀ ବାବଦକୁ ଭାରତକୁ ଅଧିକ ବୈଦେଶିକ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ିବ। ତାହା ହେଲେ ଭାରତର କରେଣ୍ଟ୍ ଆକାଉଣ୍ଟ୍ ଡେଫିସିଟ୍ ବା ସିଏଡି ବଢ଼ିବ। ଅଏଲ୍ ଦର ବଢ଼ିଲେ ଦେଶରେ ମୁଦ୍ରାସ୍ଫୀତି ହାର ଉଚ୍ଚା ରହିବ ଓ ଜାତୀୟ ସାମଗ୍ରିକ ଉତ୍ପାଦ ବା ଜିଡିପି କମିବ।

## 'ଭାରତ ସହ ଶାନ୍ତି ଓ ସୁ-ସମ୍ପର୍କ ଚାହେଁ ପାକ୍ ସେନା'

**ଲଣ୍ଡନ :** ଜେନେରାଲ୍ କ୍ୱାମାର୍ ଜାଭେଦ୍ ବେଜୱାଙ୍କ ନେତୃତ୍ୱରେ ପାକିସ୍ତାନୀ ମିଲିଟାରୀ ଲିଡର୍‌ଶିପ୍ ଭାରତ ସହ ସୁସମ୍ପର୍କ ରଖିବାକୁ ଚାହିଁଛି ବୋଲି ଏକ ବ୍ରିଟିଶ୍ ଥିଙ୍କ୍‌ଟ୍ୟାଙ୍କ୍ କମେଣ୍ଟ୍ରିରେ ଜଣେ ପାକିସ୍ତାନୀ ଆନାଲିଷ୍ଟ୍ କହିଛନ୍ତି। ନୂଆଦିଲ୍ଲୀ ସହ ସାମରିକ ସହଯୋଗର କ୍ଷେତ୍ର ପ୍ରସ୍ତୁତ କରାଗଲେ ଭାରତ ଓ ପାକିସ୍ତାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହେବ ବୋଲି ଜେନେରାଲ୍ ବେଜୱା ମତ ଦିଅନ୍ତି। ୭୦ବର୍ଷ ତଳେ ସ୍ୱାଧୀନତା ପାଇବା ପରେ ପାକିସ୍ତାନ ବହୁ ଦଶନ୍ଧି ଧରି ସେନା ଶାସନରେ ରହିଛି। ଗତମାସରେ ଇସଲାମାବାଦରେ ଅନୁଷ୍ଠିତ ପାକିସ୍ତାନ ଡେ' ମିଲିଟାରୀ ପ୍ୟାରେଡ୍‌କୁ ଆସିବାକୁ ଜେନେରାଲ୍ ବେଜୱା ପାକିସ୍ତାନରେ ଅବସ୍ଥାପିତ ଭାରତର ମିଲିଟାରୀ ଆଟାଚି ସଞ୍ଜୟ ବିଶ୍ୱସରାଓଙ୍କୁ ନିମନ୍ତ୍ରଣ ଦେଇଥିଲେ। ପାକିସ୍ତାନ ଡେ' ମିଲିଟାରୀ ପ୍ୟାରେଡ୍‌କୁ ପୂର୍ବରୁ କେବେ ଭାରତର ମିଲିଟାରୀ ଆଟାଚିଙ୍କୁ ନିମନ୍ତ୍ରଣ କରାଯାଉନଥିଲା। କିଛିଦିନ ତଳେ ଜେନେରାଲ୍ ବେଜୱା କହିଥିଲେ ଯେ ପାକିସ୍ତାନ ମିଲିଟାରୀ ଭାରତ ସହ ଶାନ୍ତି ଚାହେଁ ଓ ଉଭୟ ଭାରତ ଓ ପାକିସ୍ତାନ ମଧ୍ୟରେ ଶାନ୍ତି ଆଲୋଚନା ପୁଣି ଥରେ ଆରମ୍ଭ ହେବା ଚାହେଁ। ଭାରତ ଓ ପାକିସ୍ତାନ ମଧ୍ୟରେ ବନ୍ଧୁତାର ସମ୍ପର୍କ ପାଇଁ ପୂର୍ବରୁ କେତେଥର ଉଦ୍ୟମ ହୋଇଛି। ୧୯୮୦ ଦଶକରେ ପାକିସ୍ତାନର ସାମରିକ ଶାସକ ଜେନେରାଲ୍ ଜିଆ-ଉଲ୍ ହକ୍ ଓ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ପରସ୍ପରର ନିକଟତର ହୋଇଥିଲେ। ସେହିଭଳି ପାକିସ୍ତାନର ମିଲିଟାରୀ ଲିଡର୍ ଜେନେରାଲ୍ ପରଭେଜ୍ ମୁସାରଫ୍ ଭାରତର ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନିମନ୍ତ୍ରଣ ରକ୍ଷାକରି ଆଗ୍ରା ଶୀର୍ଷ ବୈଠକକୁ ଆସି କଶ୍ମୀର ବିବାଦର ସମାଧାନ ଉପରେ ଆଲୋଚନା କରିଥିଲେ। ପାକିସ୍ତାନ ପଟୁ ଭାରତ ଭିତରକୁ ଆତଙ୍କବାଦୀମାନେ ପ୍ରବେଶ କରୁଥିବାରୁ ଓ ପାକିସ୍ତାନ ସେନା ପ୍ରକୃତ ନିୟନ୍ତ୍ରଣ ରେଖାରେ ଅସ୍ତବିରତି ଉଲ୍ଲଙ୍ଘନ କରୁଥିବାରୁ ପାକିସ୍ତାନ ସହ କୌଣସି ପ୍ରକାରର ଶାନ୍ତି ଆଲୋଚନା ନକରିବା ପାଇଁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି।

## ଜନକପୁର ବିକାଶ ପାଇଁ ୧୦୦ କୋଟି

**ଜନକପୁର :** ଭାରତରେ ନେପାଳକୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଦୁଇ ଦିନିଆ ନେପାଳ ଗସ୍ତରେ ଶ୍ରୀ ମୋଦି ଜନକପୁର ଠାରେ ଏହି ପବିତ୍ର ସହର ଓ ଏହାର ଆଖପାଖ ଅଞ୍ଚଳର ବିକାଶ ଲାଗି ଶହେ କୋଟି ଟଙ୍କା ସହାୟତା ଘୋଷଣା କରିଛନ୍ତି। ଜନକପୁର ସହରର ୧୨ ବିଘା ମଇଦାନରେ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ମୋଦି କହିଛନ୍ତି ଯେତେବେଳେ କିଛି ସମସ୍ୟା ଦେଖା ଦେଇଛି, ସେତେବେଳେ ଭାରତ ଓ ନେପାଳ ଏକାଠି ଛିଡ଼ା ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏହା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ତୃତୀୟ ନେପାଳ ଗସ୍ତ। ୨୦୧୪ରେ ସେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ପ୍ରଥମ କରି ନେପାଳ ଗସ୍ତ କରିଥିଲେ। ନେପାଳର ଜନକପୁର ସହରରେ ଥିବା ପ୍ରସିଦ୍ଧ ଜାନକୀ ମନ୍ଦିରରେ ପ୍ରଧାନମନ୍ତ୍ରୀ ମୋଦି ପୂଜାର୍ଚ୍ଚନା କରିଥିଲେ। ସେଠାରେ ସେ ଷୋଡ଼ଶ ଉପଚାର ପୂଜା କରିଥିବା ସ୍ଥାନୀୟ ଗଣାମଧ୍ୟମ ରିପୋର୍ଟରେ କୁହାଯାଇଛି। ମୋଦି ପ୍ରାୟ ୧୦ ମିନିଟ୍ ଧରି ପୂଜାର୍ଚ୍ଚନା କଲା ବେଳେ ଭଗବାନ ରାମ ଓ ସୀତାଙ୍କ ଭକ୍ତି ସଂଗୀତ ପରିବେଷଣ କରାଯାଇଥିଲା। ଭାରତର ପୂର୍ବତନ ରାଷ୍ଟ୍ରପତି ଏନ୍ ସଞ୍ଜିବା ରେଡ୍ଡୀ, ଜ୍ଞାନୀ ଜୟଲ ସିଂହ ଓ ପ୍ରଣବ ମୁଖାର୍ଜୀ ଏହି ମନ୍ଦିରରେ ଏଭଳି ପୂଜାର୍ଚ୍ଚନା କରିଥିଲେ ବୋଲି କହିଛନ୍ତି ମୁଖ୍ୟ ପୂଜକ ରାମ ତପେଶ୍ୱର ବ୍ୟାସ ବୈଷ୍ଣବ। ମନ୍ଦିରରେ ଏ ପ୍ରକାର ପୂଜାର୍ଚ୍ଚନା କରିବାରେ ମୋଦି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ। ଉଲ୍ଲେଖଯୋଗ୍ୟ ଜନକପୁର ଭଗବାନ ରାମଙ୍କ ପତ୍ନୀ ସୀତାଙ୍କ ଜନ୍ମ ସ୍ଥାନ ଭାବେ ପରିଚିତ।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ସରକାରୀ ବଙ୍ଗଳା ମନା

**ନୂଆଦିଲ୍ଲୀ :** ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀମାନେ ଏଣିକି ଆଉ ସରକାରୀ ବଙ୍ଗଳାରେ ରହିପାରିବେ ନାହିଁ। ସେମାନେ କ୍ଷମତାରୁ ଅବ୍ୟାହତି ନେବା ପରେ ସାଧାରଣ ଲୋକଙ୍କ ସହ ସମାନ ବିବେଚିତ ହେବେ ବୋଲି ସୁପ୍ରିମ୍‌କୋର୍ଟ ଗୁରୁତ୍ୱପୂର୍ଣ୍ଣ ରୁଲିଂ ଦେଇଛନ୍ତି। ଏହା ଫଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଲେଶ ଯାଦବ, ତାଙ୍କର ପିତା ମୁଲାୟମ ସିଂହ ଯାଦବ ଓ ମାୟାବତୀ ମାଡ଼ିବସିଥିବା ସରକାରୀ ବଙ୍ଗଳାକୁ ସେମାନଙ୍କୁ ଛାଡ଼ିବାକୁ ପଡ଼ିବ। ଉତ୍ତରପ୍ରଦେଶରେ ମୁଖ୍ୟମନ୍ତ୍ରୀମାନେ ପଦବୀରୁ ଯିବା ପରେ ବି ସରକାରୀ ବାସଭବନ ବଜାୟ ରଖିପାରିବେ ବୋଲି ରାଜ୍ୟ ଆଇନରେ ଏକ ସଂଶୋଧନ ଅଣାଯାଇଥିଲା। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇ ଓ ଜଷ୍ଟିସ୍ ଆର୍ ଭାନୁମତୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ସଂଶୋଧନକୁ ରଦ୍ଦ କରିଛନ୍ତି ଏବଂ କହିଛନ୍ତି, ମୁଖ୍ୟମନ୍ତ୍ରୀ କ୍ଷମତାରୁ ଯିବା ପରେ ସରକାରୀ ବଙ୍ଗଳା ଭଳି ସର୍ବସାଧାରଣ ସମ୍ପତ୍ତିକୁ ଦଖଲ କରିପାରିବେ ନାହିଁ। ରାଜ୍ୟ ଆଇନରେ ରହିଥିବା ଏହି ବ୍ୟବସ୍ଥା ନାଗରିକଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଶ୍ରେଣୀ ସୃଷ୍ଟି କରୁଛି। ଖଣ୍ଡପୀଠ ଆହୁରି କହିଛନ୍ତି, ପ୍ରାକୃତିକ ସମ୍ବଳ, ସାଧାରଣ ଜମି ଓ ସରକାରୀ ବଙ୍ଗଳା/ସରକାରୀ ବାସଭବନ ପ୍ରଭୃତି ଦେଶର ଜନସାଧାରଣଙ୍କ ସମ୍ପତ୍ତି। ଏସବୁର ବଣ୍ଟନ 'ସାମ୍ୟନୀତି' ଅନ୍ତର୍ଭୁକ୍ତ ହୋଇଥିବାରୁ ଏଥିରେ ଆଦୌ ସାଲିସ୍ କରାଯାଇ ପାରିବ ନାହିଁ। ମୁଖ୍ୟମନ୍ତ୍ରୀ କ୍ଷମତାରୁ ଯିବାପରେ ସାଧାରଣ ଜନତାଙ୍କ ସହ ସମାନ। କିନ୍ତୁ କିଛି କାଳ କ୍ଷମତାରେ ରହିଥିବାରୁ ସେମାନଙ୍କୁ ସୁରକ୍ଷା ଓ ଅନ୍ୟାନ୍ୟ ପ୍ରୋଟୋକଲ୍ ଯୋଗାଇ ଦିଆଯାଇ ପାରେ। କିନ୍ତୁ ତାଙ୍କୁ ସରକାରୀ ବଙ୍ଗଳା ଯୋଗାଇ ଦିଆଯିବ ନାହିଁ କି ସେ ସାରା ଜୀବନ ତା'ର ଦଖଲରେ ରହିପାରିବେ ନାହିଁ। ୨୦୧୬ରେ ଅଖିଲେଶ ଯାଦବ ସରକାର ଥିଲା ବେଳେ 'ୟୁପି ମନ୍ତ୍ରୀ (ବେତନ, ଭତ୍ତା ଓ ବିବିଧ ସୁବିଧା) ଆଇନ, ୧୯୮୧'ରେ ସଂଶୋଧନ ଆଣି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ସରକାରୀ ବଙ୍ଗଳାରେ ରହିବାର ସୁଯୋଗ ଦେଇଥିଲେ। ତେବେ ସ୍ୱେଚ୍ଛାସେବୀ ସଂଗଠନ 'ଲୋକପ୍ରହରୀ' ଏହି ସଂଶୋଧନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲା। କୋର୍ଟ ୨୯ ପୃଷ୍ଠାର ରାୟ ଦେଇ ଏଥିରେ କହିଛନ୍ତି, ଏହା ଏକ ବ୍ୟବସ୍ଥାପକ ବିଧି ବ୍ୟବସ୍ଥା। ଏଥିରେ ଆଇନଗତ ଦିଗକୁ ଧ୍ୟାନ ଦିଆଯାଇ ନାହିଁ। ସମ୍ବିଧାନ ଦ୍ୱାରା ମଧ୍ୟ ଏହା ସ୍ୱୀକୃତ ନୁହେଁ। ଉତ୍ତରପ୍ରଦେଶରେ ଏହି ବ୍ୟବସ୍ଥା ଆଇନଗତ ଦୃଷ୍ଟିରୁ ଖରାପ ହୋଇଥିବାରୁ ଯେଉଁମାନେ ଦଖଲରେ ଅଛନ୍ତି, ସେମାନଙ୍କୁ ଦୁଇ ମାସ ମଧ୍ୟରେ ତାହା ଛାଡ଼ିବାକୁ ପଡ଼ିବ। ସରକାରୀ ବଙ୍ଗଳାରେ ରହୁଥିବା ଏଭଳି ପୂର୍ବତନ ମୁଖ୍ୟମନ୍ତ୍ରୀମାନଙ୍କ ଠାରୁ ରାଜ୍ୟ ସରକାର ଭଡ଼ା ଆଦାୟ କରିବା ଉଚିତ ବୋଲି ଏହି ରାୟରେ କୁହାଯାଇଛି।

## ୬ ବର୍ଷରେ ୬୦% କନ୍ୟା ସନ୍ତାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି

**ନୂଆଦିଲ୍ଲୀ :** ଭାରତରେ ଗତ ୬ ବର୍ଷ ମଧ୍ୟରେ ଯେତିକି ପିଲାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି, ସେମାନଙ୍କ ମଧ୍ୟରେ ୬୦% ହେଉଛନ୍ତି କନ୍ୟା ସନ୍ତାନ। ମହାରାଷ୍ଟ୍ରରେ ସବୁଠାରୁ ଅଧିକ ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇଛି। ସରକାରୀ ତଥ୍ୟ ଅନୁଯାୟୀ ୨୦୧୭-୧୮ରେ ଦେଶରେ ୩୨୭୬ ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୮୫୮ ଜଣ ହେଲେ କନ୍ୟା ସନ୍ତାନ। 'ଶିଶୁ ପୋଷ୍ୟ ସନ୍ତାନ ସମ୍ବଳ ପ୍ରାଧିକରଣ' (ସିଏଆର୍‌ଏ) କହିଛି ଯେ, ୨୦୧୭ରେ ମହାରାଷ୍ଟ୍ରରେ ୬୪୨ ଜଣ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୩୫୩ ଜଣ ହେଲେ କନ୍ୟା ସନ୍ତାନ। ଏହା ପଛକୁ ରହିଛି କର୍ଣ୍ଣାଟକ। ଏହି ବର୍ଷରେ ୨୮୬ ଜଣ ପୋଷ୍ୟ ସନ୍ତାନଙ୍କ ମଧ୍ୟରୁ କନ୍ୟାଙ୍କ ସଂଖ୍ୟା ୧୬୭। ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ 'ସିଏଆର୍‌ଏ' ହେଉଛି ମୁଖ୍ୟ ସଂସ୍ଥା। ୨୦୧୭- ୧୮ରେ ଦେଶ ଭିତରେ ପୋଷ୍ୟ ସନ୍ତାନ ଗ୍ରହଣର ମାତ୍ରା ଯଥେଷ୍ଟ ବଢ଼ିଛି। ଏହି ସମୟରେ ଭାରତରେ ୩୨୭୬ ସନ୍ତାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ଏଥିରେ କନ୍ୟା ସନ୍ତାନଙ୍କ ସଂଖ୍ୟା ୧୮୫୮ ଏବଂ ପୁତ୍ର ସନ୍ତାନଙ୍କ ସଂଖ୍ୟା ୧୪୧୮। ଆନ୍ତଃ ଦେଶୀୟ ପୋଷ୍ୟ ସନ୍ତାନ ଗ୍ରହଣର ମାତ୍ରା ମଧ୍ୟ ବଢ଼ିଛି। ୨୦୧୬ - ୧୭ରେ ତାହା ୫୭୮ ଥିଲା ବେଳେ ୨୦୧୭ - ୧୮ରେ ୬୫୧କୁ ବୃଦ୍ଧି ପାଇଛି। ୨୦୧୭ - ୧୮ରେ ଆମେରିକା, ଇଟାଲୀ, ଫ୍ରାନ୍ସ ଓ ସ୍ପେନ୍‌ର ନାଗରିକମାନେ ବହୁ ସଂଖ୍ୟାରେ ଭାରତୀୟ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ବିଗତ ୫ ବର୍ଷର ତଥ୍ୟ ଅନୁଧ୍ୟାନ କଲେ ହାରାହାରି ୫୯.୭୭% ଦମ୍ପତି କନ୍ୟା ସନ୍ତାନ ଗ୍ରହଣ କରିଥିଲା ବେଳେ ୪୦.୨୩ ପୁତ୍ର ସନ୍ତାନ ଗ୍ରହଣ କରିଛନ୍ତି ବୋଲି 'ସିଏଆର୍‌ଏ'ର 'ସିଇଓ' ଲେଫ୍ଟନାଣ୍ଟ କର୍ଣ୍ଣେଲ ଦୀପକ କୁମାର କହିଛନ୍ତି।

# କଠୁଆ ମାମଲା : ପଠାନ୍‌କୋଟକୁ ସ୍ଥାନାନ୍ତର

**ନୂଆଦିଲ୍ଲୀ :** ଜମ୍ମୁ-କଶ୍ମୀରର କଠୁଆରେ ୮ ବର୍ଷୀୟା ଝିଅଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାର ଶୁଣାଣିକୁ ସୁପ୍ରିମକୋର୍ଟ ପଞ୍ଜାବର ପଠାନ୍‌କୋଟ୍‌କୁ ସ୍ଥାନାନ୍ତର କରିଛନ୍ତି। ଏଥିସହ ଘଟଣାର ସିବିଆଇ ତଦନ୍ତ ପାଇଁ ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ମନା କରି ଦେଇଛନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ଖଣ୍ଡପୀଠ ମାମଲାକୁ କଠୁଆରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ହୋଇଥିବା ଆବେଦନର ଶୁଣାଣି କରିଥିଲେ। ମାମଲାକୁ ପଠାନ୍‌କୋଟ୍‌ର ଜିଲ୍ଲା ଓ ସେସନ୍ସ କୋର୍ଟକୁ ସ୍ଥାନାନ୍ତର କରି ଖଣ୍ଡପୀଠ ଜମ୍ମୁ-କଶ୍ମୀର ସରକାରଙ୍କୁ ସରକାରୀ ଓକିଲ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପୀଡ଼ିତାଙ୍କ ପରିବାର, ଓକିଲ ଓ ସାକ୍ଷୀମାନଙ୍କୁ ସମସ୍ତ ପ୍ରକାରର ସୁରକ୍ଷା ଯୋଗାଇ ଦେବାକୁ ଖଣ୍ଡପୀଠ ସରକାରଙ୍କୁ କହିଛନ୍ତି। ପଠାନ୍‌କୋଟ୍‌କୁ ମାମଲାର ଶୁଣାଣିକୁ



ସ୍ଥାନାନ୍ତର କରିବା ପୂର୍ବରୁ ଖଣ୍ଡପୀଠ ଉଧମପୁର, ଜମ୍ମୁ, ରାମବନ ଓ ସାମ୍ବା ପ୍ରଭୃତି କୋର୍ଟରେ ଶୁଣାଣି କରିବା ପ୍ରସ୍ତାବର ବିଚାର କରିଥିଲେ। ପୀଡ଼ିତାଙ୍କ ବାପା ରାମବନ ବ୍ୟତୀତ ଅନ୍ୟ କୌଣସି କୋର୍ଟରେ ଶୁଣାଣି ପାଇଁ ରାଜି ହୋଇନଥିଲେ। ଖଣ୍ଡପୀଠ ରାମବନ କୋର୍ଟ ସଂକ୍ରାନ୍ତରେ ଅଭିଯୁକ୍ତଙ୍କୁ ପକ୍ଷ ରଖିବାକୁ କହିଥିଲେ। ହେଲେ ଅଭିଯୁକ୍ତମାନେ ଏଥିରେ ରାଜି ହୋଇ ନଥିଲେ। ରାମବନରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ପ୍ରଭାବ ଥିବାରୁ ମାମଲାର ନିରପେକ୍ଷ ଶୁଣାଣି ହୋଇପାରିବ ନାହିଁ ବୋଲି ସେମାନେ କହିଥିଲେ। ଖଣ୍ଡପୀଠ ଉଭୟ ପକ୍ଷକୁ ଶୁଣିବା ପରେ ମାମଲାର ଶୁଣାଣି ପଠାନ୍‌କୋଟ୍‌କୁ ସ୍ଥାନାନ୍ତର କରିଥିଲେ। ଖଣ୍ଡପୀଠ କହିଥିଲେ ପଠାନକୋଟ ଜିଲ୍ଲା ଓ ସେସନ୍ସ ବିଚାରପତି ନିଜେ ହିଁ ଏହି ମାମଲାର ତ୍ୱରିତ ଶୁଣାଣି କରିବେ। ଅନ୍ୟ କୌଣସି ଅତିରିକ୍ତ ଜଜ୍‌ଙ୍କୁ ସେ ଏହାର ଶୁଣାଣି ଦାୟିତ୍ୱ ହସ୍ତାନ୍ତର କରିପାରିବେ ନାହିଁ। ଶୁଣାଣି ବେଳେ କୋର୍ଟ ନୟମର କଡ଼ାକଡ଼ି ପାଳନ କରାଯିବା ସହ କ୍ୟାମେରା ଲାଗିବ। ସର୍ବୋଚ୍ଚ ଅଦାଲତ ନିୟମିତ ଭାବେ ଶୁଣାଣିର ସମୀକ୍ଷା କରିବେ ବୋଲି ଖଣ୍ଡପୀଠ ଆଜି ରୁଲିଂ ଦେଇଛନ୍ତି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଶୁଣାଣି ସମୟରେ ସୁରକ୍ଷା ବ୍ୟବସ୍ଥା ଏକ ବଡ଼ ପ୍ରଶ୍ନ ହୋଇଛି। ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ଦେଇ ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ୍ ଅମରିନ୍ଦର ସିଂହ କହିଛନ୍ତି, କଠୁଆ ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଆମ ସରକାର ପୂରା ପ୍ରସ୍ତୁତ ଅଛନ୍ତି। ଶୁଣାଣି ବେଳେ ପଠାନ୍‌କୋଟ୍‌ର ସୁରକ୍ଷା ଦାୟିତ୍ୱ ସରକାରଙ୍କର। ସରକାର ଏଥିପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କଠୁଆରେ ଶୁଣାଣି ପ୍ରଭାବିତ ହେବା ଆଶଙ୍କାରେ ପୀଡ଼ିତାଙ୍କ ବାପା ଏହାକୁ ଚଣ୍ଡିଗଡ଼କୁ ସ୍ଥାନାନ୍ତର କରିବାକୁ ଆବେଦନ କରିଥିଲେ। ଦୁଇ ଅଭିଯୁକ୍ତ ମଧ୍ୟ ଘଟଣାର ସିବିଆଇ ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ସୁପ୍ରିମକୋର୍ଟ ଜମ୍ମୁ-କଶ୍ମୀର କ୍ରାଇମବ୍ରାଞ୍ଚର ତଦନ୍ତରେ ଏକ ପ୍ରକାରର ସନ୍ତୋଷ ବ୍ୟକ୍ତ କରିବା ସହ ବର୍ତ୍ତମାନ ମାମଲାର ସିବିଆଇ ତଦନ୍ତର ଆବଶ୍ୟକତା ନାହିଁ ବୋଲି କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୯ରେ ହେବ। ପୂର୍ବରୁ ସୁପ୍ରିମକୋର୍ଟ ମାମଲାର ସମସ୍ତ ଶୁଣାଣିକୁ ମେ'୭ ଯାଏ ସ୍ଥଗିତ ରଖିଥିଲେ।

## ପ୍ରସନ୍ନ ରାଜ୍ୟସଭାରେ ବିଜେଡି ନେତା



**ଭୁବନେଶ୍ୱର :** ବିଜୁ ଜନତା ଦଳର ଉପସଭାପତି ତଥା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟସଭାରେ ବିଜେଡିର ସଂସଦୀୟ ଦଳ ନେତା ଭାବେ ନିଯୁକ୍ତି ପାଇଛନ୍ତି। ଦଳ ପକ୍ଷରୁ ସର୍ବସମ୍ମତିକ୍ରମେ ଶ୍ରୀ ଆଚାର୍ଯ୍ୟଙ୍କୁ ନିଯୁକ୍ତି ଦିଆଯାଇଛି। ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ରିଲିଜ୍‌ରେ କୁହାଯାଇଛି ଯେ, ଶ୍ରୀ ଆଚାର୍ଯ୍ୟ ବିଜେଡି ସଂସଦୀୟ ଦଳର ନେତା ଭାବେ କାର୍ଯ୍ୟ କରିବା ସଂକ୍ରାନ୍ତ ନିଷ୍ପତ୍ତି ସମ୍ପର୍କରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ ସାଂସଦ ଦିଲ୍ଲୀପ ତିର୍କୀ ଏପ୍ରିଲ ୨ ତାରିଖରେ ଅବସର ନେବା ପରେ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ପଦ ଖାଲି ପଡ଼ିଥିଲା।

## ଭତ୍ତାଧାରୀଙ୍କୁ ମିଳିବ ଛତା

**ଭୁବନେଶ୍ୱର :** ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଜାତୀୟ ସାମାଜିକ ନିରାପତ୍ତା ଯୋଜନା ଓ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ୍ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ରାଜ୍ୟ ସରକାର ଛତା ଦେବେ। ଏହି ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ଓ ଅନ୍ୟାନ୍ୟ ଭତ୍ତା ପାଉଥିବା ହିତାଧିକାରୀଙ୍କୁ ଚଳିତବର୍ଷ ଗ୍ରୀଷ୍ମକାଳୀନ ସହାୟତା ସ୍ୱରୂପ ଛତା କିଣା ବାବଦରେ ଶହେ ଟଙ୍କା ପ୍ରଦାନ କରାଯିବ। ମେ' ୧୫ ତାରିଖ ଜନସେବା ଦିବସରେ ଛତା କିଣା ବାବଦରେ ଅତିରିକ୍ତ ୧୦୦ ଟଙ୍କା ଲେଖାଏଁ ନିୟମିତ ଭତ୍ତା ସହିତ ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଦେଓବନ୍ଧ-ଚାନ୍ଦପଶି ରାସ୍ତାପାର୍ଶ୍ୱ ବନୀକରଣରେ ଦୁର୍ନୀତିର ଗନ୍ଧ

**ଘଟଗାଁ :** ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଷ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚକରି ନୂତନ ଜଙ୍ଗଲମାନ ସୃଷ୍ଟି କରାଯାଉଛି। ଏହାର ତଦାରଖ ଦାୟିତ୍ୱ ବନାଞ୍ଚଳ ଅଧିକାରୀ ମାନେ ନେଉଥିବା ବେଳେ, କିଛି ଦୁର୍ନୀତିଖୋର ଅଧିକାରୀଙ୍କ ଲାଭଖୋର ମନୋଭାବ ଯୋଗୁଁ କେଉଁଠାରେ ବୃକ୍ଷରୋପଣ ପରେ ରକ୍ଷଣାବେକ୍ଷଣା ଅଭାବରୁ ବୃକ୍ଷ ଗୁଡିକ ମରିଯାଉଛି ତ ଆଉ କେଉଁଠି ବୃକ୍ଷରୋପଣ ନହୋଇ କେବଳ କାଗଜ କଲମରେ ବୃକ୍ଷରୋପଣ ହୋଇଥିବା ଦର୍ଶାଯାଉଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ବନଖଣ୍ଡ ଅଧିନ ଘଟଗାଁ ବନାଞ୍ଚଳ ଅନ୍ତର୍ଗତ ଦେଓବନ୍ଧ ଫରେଷ୍ଟ ସର୍କଲ୍‌ରେ। ୨୦୧୩-୧୪ ଆର୍ଥିକ ବର୍ଷରେ ବନ ବିଭାଗ ପକ୍ଷରୁ ମନରେଗା ଯୋଜନା ମାଧ୍ୟମରେ ଦେଓବନ୍ଧ ଠାରୁ ଚାନ୍ଦପଶୀ ରାସ୍ତାରେ ଦେଓବନ୍ଧ ଛକ ଠାରୁ ରୁଟିଶୀଳା ପର୍ଯ୍ୟନ୍ତ ସାଢେ ସାତ କିଲୋମିଟର ବ୍ୟାପି ରାସ୍ତାର ଦୁଇ ପାଶ୍ୱରେ ୩୭୫୦ଟି କଦମ୍ବ, ଲିମ୍ବ, ଶିଶୁ, ବର ଓ ଚମ୍ପା ମୂଲ୍ୟବାନ ଗଛ ରୋପଣ କରାଯାଇଥିଲା। ମାତ୍ର ଏହି ରାସ୍ତାକଡରେ ଏବେ ଗୋଟିଏ ବି ଗଛ ଦେଖିବାକୁ ମିଳୁନାହିଁ। ଲଗାଯାଇଥିବା ଚାରା ଗୁଡିକ ବଞ୍ଚିନଥିବା ଓ ଏବେ ଏହି ଗଛ ଜାଗାରେ ମଲା ଚାରା ଗୁଡିକର ଖୁଣ୍ଟି ଦେଖିବାକୁ ମିଳୁଛି। ରୁଟିଶୀଳା ଗ୍ରାମ ନିକଟରେ ଲାଗିଥିବା ସୂଚନା ଫଳକରେ ଏହାର ବ୍ୟୟ ଅଟକଳର ପରିମାଣ ଓ ବୃକ୍ଷରୋପଣ ହୋଇଥିବା ସ୍ଥାନର ନାମ ସୂଚିତ ହୋଇନାହିଁ। ତେଣୁ ଏଠାରେ ବୃକ୍ଷରୋପଣ ନାଁରେ ଅର୍ଥ ହଡପ ହୋଇଥିବା ସ୍ପଷ୍ଟ ବାରି ହେଉଛି। ତେଣୁ ନବ ନିଯୁକ୍ତ ବନଖଣ୍ଡ ଅଧିକାରୀ ଓ ଜଙ୍ଗଲ ଓ ପରିବେଶ ସଚିବ ଏହାକୁ ଦୃଷ୍ଟିରେ ରଖି ତଦନ୍ତ କଲେ ଦୁର୍ନୀତିର ପର୍ଦାଫାସ୍ ହୁଅନ୍ତା ବୋଲି ସ୍ଥାନୀୟ ଅଞ୍ଚଳର ସମାଜସେବୀ ତଥା ପୂର୍ବତନ ସମିତି ସଭ୍ୟ ଖଗେଶ୍ୱର ମହାନ୍ତ, ପରେଶ୍ ଚକ୍ରବର୍ତି, ଗୋରେଖ ନାଥ ନାଏକ ପ୍ରମୁଖ ଦାବି କରିଛନ୍ତି।

## ୬ ମାସ ମଧ୍ୟରେ ସୋଲାର ଜଳ ପ୍ରକଳ୍ପ ଅଚଳ

**ଘସିପୁରା :** କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଧକୋଠା ପଂଚାୟତ ଅନ୍ତର୍ଗତ ସାଲକୁଡାହି ଗାଁରେ ସୋଲାର ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇ ପଡ଼ିବାରୁ ସେଠାରେ ପାନୀୟ ଜଳ ସମସ୍ୟା ଏବେ ଉତ୍କଟ ହୋଇଛି। ଆଦିବାସୀ ଅଧ୍ୟୁସିତ ଏହି ଗାଁରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ପାନୀୟ ଜଳର ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାୟ ଏକ ବର୍ଷ ପୂର୍ବେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏଠାରେ ଏକ ସୋଲାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଗଲା। ତେବେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାର ଛଅ ମାସ ନ ବିତୁଣୁ ତାହା ଅଚଳ। ଗ୍ରୀଷ୍ମ ଋତୁରେ ଗାଁରେ ପାନୀୟ ଜଳ ମୁନ୍ଦାଏ ପାଇଁ ଲୋକଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ବିକଳ୍ପ ବ୍ୟବସ୍ଥା ନଥିବାରୁ ଲୋକେ ବାଧ୍ୟ ହୋଇ ଚୂଆ ଓ ନାଳ ପାଣି ବ୍ୟବହାର କରିବାକୁ ଲାଗିଲେ। ତେବେ ଗତ କିଛି ଦିନ ହେବ ଗ୍ରାମବାସୀ ସୋଲାର ପ୍ରକଳ୍ପ ସଂଯୋଗ ହୋଇଥିବା ବୋରିଂରେ ନିଜସ୍ୱ ଶ୍ରମ ଦାନ କରି ଏକ ନଳକୂପ ହ୍ୟାଣ୍ଡେଲ ଲଗାଇ ସେଥିରୁ ପାନିୟ ଜଳ ସଂଗ୍ରହ କରୁଛନ୍ତି। ମାତ୍ର ଏହି ଗୋଟିଏ ନଳକୂପ ଅଞ୍ଚଳରେ ପାନୀୟ ଜଳ ସଙ୍କଟକୁ ଦୂର କରିବା ବିଫଳ ହେଉଛି। ରାତି ପାହିଲେ ପାଣି ପାଇଁ ସେଠାରେ ଲୋକଙ୍କ ଲମ୍ବା ଲାଇନ ଲାଗୁଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ସରକାର ଉକ୍ତ ଗାଁରେ ସୋଲାର ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରିଥିଲେ ମଧ୍ୟ କିଛି ଦାୟିତ୍ୱହୀନ ଅଧିକାରୀଙ୍କ ପାଇଁ ଏହି ଯୋଜନା ଏବେ ଫେଲ ମାରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଦେଶରେ ପ୍ରଥମ;ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର

**ବ୍ରହ୍ମପୁର :** ପ୍ରଥମ ଥର ପାଇଁ ସହରାଞ୍ଚଳ ବସ୍ତିବାସିନ୍ଦାମାନଙ୍କୁ ଜମି ଅଧିକାର ପ୍ରଦାନ କରିଛନ୍ତି ଓଡ଼ିଶା ସରକାର। ଛତ୍ରପୁରଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜମି ଅଧିକାର ବ୍ୟବସ୍ଥା 'ଜାଗା' ଯୋଜନାର ଲୋକାର୍ପଣ କରିଛନ୍ତି। ଏଥିପାଇଁ ଛତ୍ରପୁର ଷ୍ଟାଡିୟମ୍‌ରେ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ଜମି ଅଧିକାର ବଣ୍ଟନର ଶୁଭାରମ୍ଭ ଏବଂ ଓଡ଼ିଶା ବାସୋପଯୋଗୀ ବସତି ମିଶନ୍‌ର ରାଜ୍ୟସ୍ତରୀୟ ଶୁଭାରମ୍ଭ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେଇ 'ସମସ୍ତେ ଭଲରେ ରୁହନ୍ତୁ, ଲୋକଙ୍କ ଖୁସିରେ ହିଁ ତାଙ୍କର ଖୁସି' ବୋଲି କହିଥିଲେ। ଏଭଳି ଏକ କାର୍ଯ୍ୟକ୍ରମ ଯୋଗୁ ଛତ୍ରପୁର ଏକ ଐତିହାସିକ ଶୁଭାରମ୍ଭର ମୁକସାକ୍ଷୀ ପାଲଟିଲା ବୋଲି ସେ କହିଥିଲେ। ସାରା ଓଡ଼ିଶାର ସମସ୍ତ ସହରରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ୧୦ଲକ୍ଷ ଲୋକ ଏହାଦ୍ୱାରା ଉପକୃତ ହେବେ ବୋଲି ସେ କହିଥିଲେ। ଓଡ଼ିଶାର ଗରିବ ଲୋକଙ୍କ ପାଇଁ ସେ ନିରନ୍ତର କାର୍ଯ୍ୟ କରିଚାଲିଛନ୍ତି ବୋଲି କହିବା ସହ ସବୁ ବର୍ଗର ଲୋକଙ୍କୁ ଖୁସିରେ ରଖିବା ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ନେଇଥିବା କହିଥିଲେ। ଏହି ଉତ୍ସବରେ ଟାଟା ଟ୍ରଷ୍ଟ୍‌ର ଚେୟାରମ୍ୟାନ୍ ରତନ ନଭେଲ ଟାଟା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଉଦ୍ୟମର ପ୍ରଶଂସା କରିଥିଲେ। ସେ ଏହି କାର୍ଯ୍ୟରେ ଓଡ଼ିଶା ସରକାରଙ୍କ କାନ୍ଧରେ କାନ୍ଧ ମିଶାଇ ଚାଲିବାକୁ ପ୍ରତିଶ୍ରୁତି ଦେବା ସହ ବସ୍ତିବାସିନ୍ଦାଙ୍କ ଭବିଷ୍ୟତ ସୁଧାରିବା ପାଇଁ ପୃଥିବୀରେ ଏହା ପ୍ରଥମ ପ୍ରୟାସ ବୋଲି କହିଥିଲେ। ଅନ୍ୟ ରାଜ୍ୟ ସରକାରମାନେ ମଧ୍ୟ ଓଡ଼ିଶାର ପଥ ଅନୁସରଣ କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ। ଜୀବନର ମୂଲ୍ୟାଙ୍କନ କରିବା ସହ ଏଗୁଡିକର ରକ୍ଷଣାବେକ୍ଷଣର ଦାୟିତ୍ୱ ନେବାରେ ଓଡ଼ିଶା ପ୍ରଥମ ରାଜ୍ୟ ବୋଲି ବିଶିଷ୍ଟ ଶିକ୍ଷାବିତ୍ ତଥା ଜମି ଅଧିକାର କର୍ମୀ ଗୌତମ ଭାନ୍ କହିଥିଲେ। ଚାରିମାସ ପୂର୍ବେ ଖ୍ୟାତନାମା ବଲିଉଡ୍ ତାରକା ଶାହରୁଖ୍ ଖାନ୍‌ଙ୍କ ଟ୍ୟାଗ୍‌ଟକ୍ କାର୍ଯ୍ୟକ୍ରମରେ ସେ ଓଡ଼ିଶା ସରକାର




ବସ୍ତିବାସିନ୍ଦାଙ୍କ ପାଇଁ ଜମି ଅଧିକାର ପ୍ରଦାନ କରୁଥିବା କଥା କହିଥିଲେ। ସେ ନିଜେ ଏଠାରେ ଉପସ୍ଥିତ ରହି କିଛି ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ। ଦେଶର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟଠାରୁ ଆରମ୍ଭ କରି ଦୈନନ୍ଦିନ କାର୍ଯ୍ୟ ଯେଉଁମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ, ସେମାନଙ୍କର ପାଦତଳେ ଜମି ନ ଥିବା କଥା ଶୁଣିଲେ ଲୋମ ଟାଙ୍କୁରି ଉଠେ। ସେମାନଙ୍କୁ ଜମି ଅଧିକାର ପ୍ରଦାନ କରାଯାଇଥିବାରୁ ଏହା ସମଗ୍ର ଦେଶ ପାଇଁ ଐତିହାସିକ ମୁହୂର୍ତ୍ତ ବୋଲି ସେ କହିଥିଲେ। ଲୋକଙ୍କୁ ଯେଉଁ ଜମି ଅଧିକାର ଦିଆଯାଉଛି ତାହା ସେମାନଙ୍କର ସନ୍ତାନଙ୍କୁ ପ୍ରଦାନ କରାଯାଉଛି। ସେମାନଙ୍କ ଭବିଷ୍ୟତ ସୁଧାରିବାର ଏହା ଏକ ପ୍ରୟାସ। ବିକାଶ କରିବାକୁ ହେଲେ ପ୍ରଥମେ ଲୋକଙ୍କ ଜମି ଲୋକଙ୍କୁ ଫେରାଇବାକୁ ପଡିବ। ଆଜି ଯେଉଁ ପଟ୍ଟା ମିଳିଛି, ସେଥିରୁ ଜୀବନର ଏକ ନୂତନ ଆରମ୍ଭ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ଘର କରିବା, ପିଲାଙ୍କୁ ସ୍କୁଲ ପଠାଇବା ଆଦି ବହୁ କାମ କରିବାକୁ ପଡିବ। ରାଜ୍ୟ ସରକାର ଏଥିପାଇଁ ସମସ୍ତ ସୁବିଧା ଯୋଗାଇ ଦେବାକୁ ସଙ୍କଳ୍ପବଦ୍ଧ ଥିବାରୁ ସେ ସାଧୁବାଦ ଜଣାଇଥିଲେ। ବସ୍ତିବାସିନ୍ଦାଙ୍କ ପାଇଁ ଜମି ଠାବ କରିବା କାଠିକାର ପାଠ ଥିବା ବେଳେ ଏବେ ଡ୍ରୋନ୍ କ୍ୟାମେରା ଦ୍ୱାରା ସୁବିଧାରେ କମ୍ ସମୟରେ ତାହା କରାଯାଇପାରିଛି ବୋଲି ସର୍ଭେ କାର୍ଯ୍ୟ କରିଥିବା ସଂସ୍ଥା ଓଏମଇଡିଓ୍ୱାଏଆର ନେଟଓ୍ୱର୍କର ପରିଚାଳନା ନିର୍ଦ୍ଦେଶିକା ରୂପା କୁଡଭା କହିଥିଲେ। ଟାଟା ଗ୍ରୁପ୍ ସହ ମିଶି ଏଭଳି ଏକ ପ୍ରୟାସ ହୋଇପାରିଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ସ୍ୱନାମଧନ୍ୟ ବ୍ରିଟିଶ୍ ଆର୍ଟିଟେକ୍ଟ ନର୍ମାନ୍ ଫୋଷ୍ଟର୍ ଏହି ଅବସରରେ ଯୋଗଦେଇ ସମଗ୍ର ବିଶ୍ୱ ପାଇଁ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ ଉଲ୍ଲେଖନୀୟ ଘଟଣା ବୋଲି କହିଥିଲେ। ଭାରତରେ ସହରାଞ୍ଚଳ ବସ୍ତିବାସିନ୍ଦାମାନଙ୍କ ଜୀବନ ଜୀବିକାରେ ଉନ୍ନତି ପାଇଁ ମିଶି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ତାହାର ଫଳ ଆଜି ବସ୍ତିବାସିନ୍ଦାମାନଙ୍କୁ ମିଳିଛି ବୋଲି ସେ କହିଥିଲେ।

# ୨୦ଲକ୍ଷ ପରିବାର ପାଇନାହାନ୍ତି ରାସନ୍ କାର୍ଡ

**ଭୁବନେଶ୍ୱର :** ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟରେ ମାର୍ଚ୍ଚ ଶେଷ ସୁଦ୍ଧା ୬୪,୧୦୮ଟି ରାସନ୍ କାର୍ଡ ପାଇଁ ଆବେଦନ ପଡ଼ିରହିଥିବାରୁ ରାଜ୍ୟ ଫୁଡ୍ କମିଶନ କ୍ଷୁବ୍ଧ ହୋଇଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ହିତାଧିକାରୀଙ୍କୁ ଆବେଦନ ଉପରେ ବିଡିଓମାନେ ତ୍ୱରିତ୍ ପଦକ୍ଷେପ ନେଉନଥିବାରୁ କମିଶନ ତୀବ୍ର ଅସନ୍ତୋଷ ବ୍ୟକ୍ତ କରି ଜିଲ୍ଲାପାଳମାନଙ୍କୁ କଡ଼ା ଭାଷାରେ ଚିଠି ଲେଖିଛନ୍ତି। ଏହା ସହିତ ରାଜ୍ୟରେ ରାସନ୍ ସାମଗ୍ରୀ ପାଉଥିବା ୮୬.୫୮ଲକ୍ଷ ପରିବାର ମଧ୍ୟରୁ ୧୯.୭୯ଲକ୍ଷ ପରିବାରକୁ ଏପର୍ଯ୍ୟନ୍ତ ଛାପା ରାସନ୍ କାର୍ଡ ଦିଆଯାଇନଥିବାରୁ ମେ' ମାସ ଶେଷ ସୁଦ୍ଧା ଏହା ବଣ୍ଟନ କରିବାକୁ ଫୁଡ୍ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଫୁଡ୍ କମିଶନ ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡ଼ା ମେ' ୪ତାରିଖରେ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି କହିଛନ୍ତି ଯେ ପଡ଼ିରହିଥିବା ରାସନ୍ କାର୍ଡ ଆବେଦନ ଉପରେ ୨୦୧୮ ଜାନୁଆରୀ ୩୧ତାରିଖ ସୁଦ୍ଧା ବିଚାର କରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଶେଷକରି ୫ଟି ଜିଲ୍ଲା ଗଞ୍ଜାମ ଜିଲ୍ଲାରେ ୬୩୩୩ଟି କେନ୍ଦୁଝରରେ ୬୪୭୭ଟି, କୋରାପୁଟରେ ୪୨୪୯ଟି, ନୂଆପଡ଼ାରେ ୯୯୬୩ଟି ଓ ପୁରୀରେ ୯୭୪୦ଟି ରାସନ୍ କାର୍ଡ ଆବେଦନ ବିଭିନ୍ନ ବ୍ଲକ୍‌ରେ ପଡ଼ିରହିଛି। ଏସବୁ ରାସନ୍ କାର୍ଡ ଆବେଦନ ଉପରେ ଜୁନ୍ ୩୦ତାରିଖ ସୁଦ୍ଧା ବିଡିଓମାନେ ବିଚାର ନକଲେ ତାକୁ ଦାୟିତ୍ୱରେ ଗୁରୁତର ତ୍ରୁଟି ଭାବେ ବିବେଚନା କରାଯିବ ବୋଲି କମିଶନ ଅଧ୍ୟକ୍ଷ ଚେତାବନୀ ଦେଇଛନ୍ତି। ସେହିପରି ରାଜ୍ୟରେ ଏବେ ମୋଟ ୮୬.୫୮ଲକ୍ଷ ପରିବାର ରାସନ୍ ସାମଗ୍ରୀ ନେଉଥିବାବେଳେ ୧୯.୬୧ଲକ୍ଷ ପରିବାର ଚୂଡ଼ାନ୍ତ ପ୍ରାୟୋରିଟି ଲିଷ୍ଟ(ଏଫ୍‌ପିଏଲ୍)ରେ ରହିଥିଲେ। ସେମାନେ ଛାପା ରାସନ୍ କାର୍ଡ ପାଇନଥିଲେ। ଏହି ସଂଖ୍ୟା ଏବେ ୧୯.୭୯ଲକ୍ଷ ପରିବାରକୁ ବୃଦ୍ଧି ପାଇଛି। ବିଶେଷକରି ଅନୁଗୁଳ ଜିଲ୍ଲାରେ ୨.୫୯ଲକ୍ଷ, ବରଗଡ଼ରେ ୩.୩୮ଲକ୍ଷ, ବଲାଙ୍ଗିର ଜିଲ୍ଲାରେ ୩.୯୧ଲକ୍ଷ, ବୌଦ୍ଧରେ ୧.୦୧ ଲକ୍ଷ, ଗଜପତିରେ ୧.୨୭ଲକ୍ଷ, କୋରାପୁଟରେ ୩.୩୭ଲକ୍ଷ, ମାଲକାନଗିରିରେ ୧.୪୯ଲକ୍ଷ ଓ ସମ୍ବଲପୁରରେ ୨.୧୩ଲକ୍ଷ ପରିବାରକୁ ଛାପା ରାସନ୍ କାର୍ଡ ମିଳିନାହିଁ। ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ଏସବୁ କାର୍ଡ ଚଳିତମାସ ଶେଷ ସୁଦ୍ଧା ବଣ୍ଟନ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। କେବଳ ସେତିକି ନୁହେଁ କମିଶନ ଅଧ୍ୟକ୍ଷ ରାଜ୍ୟରେ ହଜାର ହଜାର ପରିବାର ରାସନ୍ କାର୍ଡ ପାଇବାକୁ ଯୋଗ୍ୟ ବିବେଚିତ ଥାଇ ମଧ୍ୟ ବର୍ଷକରୁ ଊର୍ଦ୍ଧ୍ୱ ସମୟ ହେଲା ରାସନ୍ କାର୍ଡ ପାଇପାରିନାହାନ୍ତି। ମାର୍ଚ୍ଚ ୩୧ତାରିଖ ସୁଦ୍ଧା ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ମୃତ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କାର୍ଯ୍ୟକୁ ଜୁନ୍ ଶେଷ ସୁଦ୍ଧା ସାରିବା ପାଇଁ କମିଶନ କହିଛନ୍ତି। ଯଦି ଏହି କାର୍ଯ୍ୟକୁ ଠିକ୍ ଭାବେ କରାଯିବ ତା'ହେଲେ ଜୁନ୍ ଶେଷ ସୁଦ୍ଧା ପ୍ରାୟ ୩ଲକ୍ଷ ମୃତ ବ୍ୟକ୍ତିଙ୍କୁ ରାସନ୍ କାର୍ଡ ତାଲିକାରୁ ବାଦ୍ ଦେବା ସମ୍ଭବପର ହେବ ଶ୍ରୀ ଜାମୁଡ଼ା ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି।

## ମେ' ତୃତୀୟ ସପ୍ତାହରେ +୨ ପରୀକ୍ଷା ଫଳ

**ଭୁବନେଶ୍ୱର :** ଚଳିତବର୍ଷ ଯୁକ୍ତଦୁଇ ରେଜଲ୍ଟ ପ୍ରକାଶ କ୍ଷେତ୍ରରେ ବିଳମ୍ବ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବରୁ ମେ' ୧୫ ମଧ୍ୟରେ ବିଜ୍ଞାନ ରେଜଲ୍ଟ ଓ ୩୦ତାରିଖ ସୁଦ୍ଧା କଳା, ବାଣିଜ୍ୟ ଓ ଧନ୍ଦାମୂଳକଶିକ୍ଷା ଫଳ ପ୍ରକାଶ କରିବାକୁ ପରିଷଦ ଯେଉଁ ଟାର୍ଗେଟ୍ ରଖିଥିଲା ତାହା ଫେଲ୍ ମାରିଛି। ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇନଥିବାରୁ ମେ' ୧୫ ମଧ୍ୟରେ ବିଜ୍ଞାନ ରେଜଲ୍ଟ ପ୍ରକାଶ ପାଇପାରିବ ନାହିଁ। ତେଣୁ ମେ' ତୃତୀୟ ସପ୍ତାହରେ ବିଜ୍ଞାନ ରେଜଲ୍ଟ ଏବଂ ଜୁନ୍ ପ୍ରଥମ ସପ୍ତାହ ମଧ୍ୟରେ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ରେଜଲ୍ଟ ପ୍ରକାଶ ପାଇବ ବୋଲି କୁହାଯାଉଛି। ଏ ସମ୍ପର୍କରେ +୨ ପରିଷଦର ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ଖାତା ଦେଖା ଶେଷ ହୋଇ ନଥିଲେ ବି ମେ' ୨୧ ସୁଦ୍ଧା ବିଜ୍ଞାନ ରେଜଲ୍ଟ ପ୍ରକାଶ ପାଇବ। ଜୁନ ୫ ସୁଦ୍ଧା ଅବଶିଷ୍ଟ ରେଜଲ୍ଟ ପ୍ରକାଶ ପାଇବ। ତଥାପି ଧାର୍ଯ୍ୟ ତାରିଖ ମଧ୍ୟରେ ପରୀକ୍ଷା ଫଳ ବାହାରି ପାରିବ କି ନାହିଁ, ସେ ନେଇ ଅନିଶ୍ଚିତତା ଲାଗି ରହିଛି। ପରୀକ୍ଷା ଫଳ ପ୍ରକାଶନରେ ବିଳମ୍ବ ଲାଗି ପରିଷଦର ଅଧ୍ୟକ୍ଷ କେବଳ ଦାୟୀ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବିଜ୍ଞାନର ପ୍ରାୟ ୮ ପ୍ରତିଶତ ଖାତା ଦେଖା ହୋଇନି। କଳାରେ ଏବେ ବି ୧୫%, ବାଣିଜ୍ୟରେ ୧୦% ଓ ଧନ୍ଦାମୂଳକ ଶିକ୍ଷାରେ ୨୦% ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇନି। ଫଳ ବାହାରିବାରେ ବିଳମ୍ବ ଯୋଗୁ ବହୁ ବିଜ୍ଞାନ ଛାତ୍ରଛାତ୍ରୀ ଜାତୀୟସ୍ତରୀୟ ବୈଷୟିକ କଲେଜରେ ନାମଲେଖାକୁ ନେଇ ଚିନ୍ତିତ ଅଛନ୍ତି। ଏନେଇ +୨ ପରିଷଦର ଜଣେ ଅଧିକାରୀ କହିଛନ୍ତି ଯେ, ଖାତାଦେଖା ଲାଗି ଯେଉଁ ଅଧ୍ୟାପକଙ୍କୁ ନିଯୁକ୍ତ କରାଯାଇଥିଲା ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ବିକଳ୍ପ ବ୍ୟବସ୍ଥାରେ ସରକାର ଯେଉଁ ଅଧ୍ୟାପକଙ୍କୁ ସାମିଲ କରିଥିଲେ ସେମାନଙ୍କୁ ଅନେକ ମୂଲ୍ୟାୟନ କେନ୍ଦ୍ର ମଧ୍ୟକୁ ଗଲା ବେଳେ ଆନ୍ଦୋଳନକାରୀ ବିରୋଧ କରିଥିଲେ। ପ୍ରଥମ ପର୍ଯ୍ୟାୟ ସମ୍ପୂର୍ଣ୍ଣ ଅବହେଳା ମଧ୍ୟରେ ଶେଷ ହୋଇ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲେ ହେଁ ପ୍ରଥମ ପର୍ଯ୍ୟାୟର ପ୍ରାୟ ୭୫ ପ୍ରତିଶତ ଖାତାଦେଖା ଶେଷ ହୋଇନଥିଲା। ତେଣୁ ଦ୍ୱିତୀୟ ପର୍ଯ୍ୟାୟର ଉତ୍ତରଖାତା ସଂଖ୍ୟା ବଢ଼ିଯାଇଥିଲା। ୨ୟ ପର୍ଯ୍ୟାୟର ପ୍ରାୟ ୨୨ପ୍ରତିଶତ ଖାତାଦେଖା ଶେଷ ହୋଇପାରିନାହିଁ। ତରବରିଆ ଭାବେ ଖାତାଦେଖା ଶେଷ କରିବାକୁ ଚାପ ପଡୁଛି। ଯାହାକୁ ଅନେକ ଅଧ୍ୟାପକ ବିରୋଧ କରୁଛନ୍ତି। ପୂର୍ବରୁ ପ୍ରତି ଅଧ୍ୟାପକଙ୍କୁ ସର୍ବାଧିକ ୧୫ଟି ଉତ୍ତରଖାତା ଦେଖିବାକୁ ସୁଯୋଗ ମିଳୁଥିବା ବେଳେ ବର୍ତ୍ତମାନ ସଂଖ୍ୟାରେ କୌଣସି କଟକଣା ନାହିଁ। ମୂଲ୍ୟାୟନ କେନ୍ଦ୍ରରେ ଜଣେ ଅଧ୍ୟାପକ ଯେତେ ଇଚ୍ଛା ସେତେ ଖାତା ଦେଖିପାରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ଯଦି ମୂଲ୍ୟାୟନ ପରେ କିଛି ତ୍ରୁଟି ବା ଅଭିଯୋଗ ମିଳେ ତେବେ ସମ୍ପୃକ୍ତ ଅଧ୍ୟାପକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ତେଣୁ ମୂଲ୍ୟାୟନକାରୀ ଅଯଥା ରିସ୍କ ନନେଇ ୧୫ରୁ ୨୦ଟି ଖାତା ଦେଖୁଛନ୍ତି। ଖାତା ଦେଖା ଶେଷ ହେବା ପରେ ହାଇଦ୍ରାବାଦ୍‌ର ଯେଉଁ ଫାର୍ମରେ ରେଜଲ୍ଟ ଟ୍ୟାବୁଲେସନ୍ କାମ ହେବ ସେଠାରେ ମଧ୍ୟ ପ୍ରାୟ ୧ସପ୍ତାହ ସମୟ ଲାଗିବ। ତେଣୁ କେତେ ବିଳମ୍ବ ଘଟିବ, ତାହା ନିଶ୍ଚିତ ଭାବେ କହିହେବ ନାହିଁ।

## 'କଂଗ୍ରେସ କ୍ଷମତାକୁ ଆସିଲେ ପୂର୍ତ୍ତ ବିଭାଗ ଦୁର୍ନୀତିର ତଦନ୍ତ ହେବ'



**ଭୁବନେଶ୍ୱର :** କଂଗ୍ରେସ ଦଳ କ୍ଷମତାକୁ ଆସିଲେ ପୂର୍ତ୍ତ ଏବଂ ଜଳସମ୍ପଦ ବିଭାଗ ଦୁର୍ନୀତିର ତଦନ୍ତ ହେବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଏହି ଦୁଇ ବିଭାଗରେ ଗତ ୧୫ ବର୍ଷ ଧରି ବହୁ ଦୁର୍ନୀତି ହୋଇଛି। ଏଥିପାଇଁ ତଦନ୍ତ କମିଶନ ବସାଯିବ ବୋଲି ସେ କହିଛନ୍ତି। ବମିଖାଲ୍ ଓଭରବ୍ରିଜ୍ ଅଘଟଣ ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ ଏହି ଘଟଣା ପାଇଁ ଉଭୟ ଠିକାଦାର ଏବଂ ଇଞ୍ଜିନିୟର ଦାୟୀ। ମାତ୍ର ଠିକାଦାରଙ୍କୁ ଗିରଫ କରାଯାଇଥିବା ବେଳେ ଅଧିକାରୀମାନଙ୍କୁ କେବଳ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ଧର୍ମକୁ ଆଖିଠାର ସଦୃଶ। ଏଠାରେ ସୂଚନାଯୋଗ୍ୟ ଯେ ବମିଖାଲ୍ ଓଭରବ୍ରିଜ୍ ଦୁର୍ଘଟଣାର ରିପୋର୍ଟ ଆସିଥିବା ବେଳେ ସମ୍ପୃକ୍ତ ଠିକା ସଂସ୍ଥା ପଣ୍ଡା ଇନଫ୍ରାର ଅନ୍ୟତମ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀଙ୍କୁ ଗିରଫ କରାଯାଇଛି। ଏନେଇ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ଯେ, ବମିଖାଲ୍ ଓଭରବ୍ରିଜ୍ ଅଘଟଣ ପାଇଁ ଠିକାଦାର ସମ୍ପୂର୍ଣ୍ଣ ଭାବରେ ଦାୟୀ। ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିନଥିବାରୁ ଏଭଳି ଘଟିଛି। ଏହି ପ୍ରସଙ୍ଗରେ ଅଧିକାରୀମାନଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ।

## ନିର୍ମାଣ ହେବ ୨ ନିୟୁତ ଗୃହ: ମନ୍ତ୍ରୀ

**ଭୁବନେଶ୍ୱର :** ୨୦୧୪-୧୫ ମସିହାରୁ ଏପର୍ଯ୍ୟନ୍ତ ରାଜ୍ୟରେ ୧୭.୧୦ଲକ୍ଷ ଗୃହ ନିର୍ମାଣ କାର୍ଯ୍ୟ ହୋଇଛି ଓ ଏଥିପାଇଁ ୧୪,୦୧୨କୋଟି ଟଙ୍କା ବ୍ୟୟ ହୋଇଛି। ଚଳିତବର୍ଷ ସେପ୍ଟେମ୍ବର ସୁଦ୍ଧା ୨ ନିୟୁତ ଗୃହ ନିର୍ମାଣ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ ମହାରଥୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିଭାଗର ସମୀକ୍ଷା ପରେ ଶ୍ରୀ ମହାରଥୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ହିତାଧିକାରୀମାନଙ୍କୁ ତ୍ୱରିତ୍ ଗୃହ ନିର୍ମାଣ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ରାଶି ଦିଆଯାଉଛି। ଗ୍ରାମୀଣ ବାସଗୃହ ଯୋଜନାର ହିତାଧିକାରୀଙ୍କୁ ଓଡ଼ିଶା ଜୀବିକା ମିଶନ ଓ ମନରେଗା ଯୋଜନାରେ ଜୀବିକା ବୃଦ୍ଧି ସମ୍ବନ୍ଧୀୟ ସମ୍ପତ୍ତି ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଉଛି। ଗୃହ ପାଇବା ପାଇଁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରେ ସାମିଲ କରିବା ପାଇଁ ସର୍ବସାଧାରଣଙ୍କଠୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ୩୯.୦୩ଲକ୍ଷ ଦରଖାସ୍ତ ଗ୍ରହଣ ହୋଇଛି ଯାହାର ଯାଞ୍ଚ ପ୍ରକ୍ରିୟା ଓ କ୍ଷେତ୍ର ଅନୁସନ୍ଧାନ କାର୍ଯ୍ୟ ଜାରି ରହିଛି। ଏହା ଜୁଲାଇ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବାର ସମ୍ଭାବନା ରହିଛି। ଗ୍ରାମୀଣ ଆବାସ ଯୋଜନାର କାର୍ଯ୍ୟକାରିତାରେ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ୮୧୬ଜଣ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ସେହିପରି ରାଜ୍ୟର ମୋଟ ୬୮୦୧ ପଞ୍ଚାୟତ ମଧ୍ୟରୁ ୧୨୨୪ଟି ପଞ୍ଚାୟତରେ ୨ରୁ ଅଧିକ ପାଇପ୍ ଦ୍ୱାରା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ୧୬୨୫ଟି ପଞ୍ଚାୟତରେ ୨ଟି ଲେଖାଏ ପାଇପ୍ ଦ୍ୱାରା ଜଳଯୋଗାଣ ହେଉଥିବାବେଳେ ୩୧୯୦ଟି ପଞ୍ଚାୟତରେ ଗୋଟିଏ ଲେଖାଏ ପାଇପ୍ ଦ୍ୱାରା ଜଳ ଯୋଗାଣ ହେଉଛି। ୭୬୦ଟି ପଞ୍ଚାୟତରେ ପାଇପ୍ ଦ୍ୱାରା ଜଳଯୋଗାଣ ବ୍ୟବସ୍ଥା ହୋଇନାହିଁ। ମାର୍ଚ୍ଚ ମାସ ସୁଦ୍ଧା ରାଜ୍ୟର ୧.୫୭ଲକ୍ଷ ଗାଁ ମଧ୍ୟରୁ ୪୧,୫୧୪ଟି ଗାଁରେ ପାଇପ୍ ଦ୍ୱାରା ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ଯୋଜନାରେ ଉପଲବ୍ଧ ମୋଟ ୧୧୧୧.୭୫ କୋଟି ଟଙ୍କା ମଧ୍ୟରୁ ୬୪୩.୪୪ କୋଟି ଟଙ୍କା(୫୮%) ବିନିଯୋଗ ହୋଇଛି। ବ୍ୟକ୍ତିଗତ ପରିବାରର ଶୌଚାଳୟ ନିର୍ମାଣ ନିମନ୍ତେ ପ୍ରସ୍ତାବିତ ୧୧,୦୯,୫୧୦ଟି ମଧ୍ୟରୁ ୭,୭୧,୯୦୧(୭୦%) ଶୌଚାଳୟ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି।

### ରାଜ୍ୟ ସରକାର ଓ ଟାଟା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

# ଭୁବନେଶ୍ୱରରେ ହେବ ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ

**ଭୁବନେଶ୍ୱର :** ରାଜ୍ୟରେ ସୁଲଭ ମୂଲ୍ୟରେ ଉନ୍ନତମାନର କ୍ୟାନସର ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କର କ୍ରମାଗତ ଉଦ୍ୟମର ଅଂଶବିଶେଷ ରୂପେ ରାଜ୍ୟ ସରକାର ଏବଂ ଟାଟା ଟ୍ରଷ୍ଟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ରତନ ଟାଟାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ଅନୁଯାୟୀ ଟାଟା ଟ୍ରଷ୍ଟ ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ କ୍ୟାନସର ଚିକିତ୍ସା ଓ ଗବେଷଣା କେନ୍ଦ୍ର ସ୍ଥାପନ କରି ଏହାକୁ ପରିଚାଳିତ କରିବ। ଏହି କ୍ୟାନସର ଚିକିତ୍ସା କେନ୍ଦ୍ରର ମାନକୁ ମୁମ୍ବାଇର ଟାଟା ମେମୋରିଆଲ ହସ୍ପିଟାଲରେ ଯୋଗାଇ ଦିଆଯାଉଥିବା ସେବାସହ ସମକକ୍ଷ କରାଯିବ। ଏଥିପାଇଁ ରାଜ୍ୟ ସରକାର ୨୫ ଏକର ଜମି ବିନା ମୂଲ୍ୟରେ ଯୋଗାଇଦେବେ। ଏହି ବିସ୍ତୃତ କ୍ୟାନସର ସେବା କାର୍ଯ୍ୟକ୍ରମ ଏକ ତ୍ରିସ୍ତରୀୟ ନେଟଓ୍ୱାର୍କ ଦ୍ୱାରା ପରିଚାଳିତ ହେବ। ଏହି ବ୍ୟବସ୍ଥାରେ ଭୁବନେଶ୍ୱରରେ ସ୍ଥାପିତ ହେବାକୁ ଥିବା କ୍ୟାନସର ହସ୍ପିଟାଲ ଓ କଟକର




ଆଚାର୍ଯ୍ୟ ହରିହର ଆଞ୍ଚଳିକ କ୍ୟାନସର ହସ୍ପିଟାଲ ସର୍ବୋଚ୍ଚ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ରାଜ୍ୟର ମେଡିକାଲ କଲେଜ ଓ ଜିଲ୍ଲାସ୍ତରୀୟ ହସ୍ପିଟାଲଗୁଡ଼ିକରେ ଉଚ୍ଚକୋଟୀର ଡାଇଗ୍ନୋଷ୍ଟିକ୍ ଓ କେମୋଥେରାପିର ସୁବିଧା ଦିଆଯିବ। କେତେକ ନିର୍ଦ୍ଦିଷ୍ଟ ଜିଲ୍ଲାସ୍ତରୀୟ ହସ୍ପିଟାଲରେ ଏହିସବୁ ସୁବିଧା ସହିତ ରେଡ଼ିଓଥେରାପି ସେବାର ସୁବିଧା ମଧ୍ୟ ରହିବ। ଏହାଦ୍ୱାରା ରାଜ୍ୟବ୍ୟାପୀ କ୍ୟାନସର ଚିକିତ୍ସା ନେଟଓ୍ୱାର୍କ ପ୍ରତିଷ୍ଠା ହୋଇପାରିବ। କ୍ୟାନସର ଚିକିତ୍ସାକୁ ଲୋକଙ୍କ ନିକଟତର କରାଯାଇପାରିବ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉପଦେଷ୍ଟା କମିଟି ଗଠନ କରାଯାଇ ଏଥିରେ କ୍ୟାନସର ଚିକିତ୍ସା କାର୍ଯ୍ୟକ୍ରମର ପ୍ରାଥମିକତାଗୁଡ଼ିକ ନିର୍ଣ୍ଣୟ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ବୁଝାମଣା ଅନୁଯାୟୀ ରାଜ୍ୟର ଏହି ନୂତନ କ୍ୟାନସର ଚିକିତ୍ସା ନେଟଓ୍ୱାର୍କକୁ କାର୍ଯ୍ୟକାରୀ କରିବା ପାଇଁ ଏହି ଉପଦେଷ୍ଟା କମିଟି ଏକ ସ୍ୱତନ୍ତ୍ର ପ୍ରୋଗ୍ରାମ ମ୍ୟାନେଜମେଣ୍ଟ ଏଣ୍ଟିଟି ସୁପାରିଶ କରିବ। ଏଥିରେ ଉଭୟ ରାଜ୍ୟ ସରକାର ଓ ଟାଟା ଟ୍ରଷ୍ଟର ଅଧିକାରୀମାନେ ସଦସ୍ୟଭାବେ କାର୍ଯ୍ୟ କରିବେ। ଏହି କାର୍ଯ୍ୟକ୍ରମରେ କ୍ୟାନସର ଚିକିତ୍ସା ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆଗାମୀ ୫ ବର୍ଷରେ ୮୦୦ କୋଟି ଟଙ୍କା ବିନିଯୋଗ କରାଯିବ। ଏଥିରେ ରାଜ୍ୟ ସରକାର ୫୦୦ କୋଟି ଟଙ୍କା ବିନିଯୋଗ କରିବେ। ଟାଟା ଟ୍ରଷ୍ଟ ପକ୍ଷରୁ ୩୦୦ କୋଟି ଟଙ୍କା ବିନିଯୋଗ କରାଯିବ। କାର୍ଯ୍ୟକ୍ରମ ପରିଚାଳନା ପାଇଁ ଆବଶ୍ୟକୀୟ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଗରିବ ଲୋକଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ କରିବାପାଇଁ ବ୍ୟବସ୍ଥା କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟ ନାୟକ କହିଲେ ଯେ ଏହି ବିସ୍ତୃତ କାର୍ଯ୍ୟକ୍ରମ ରାଜ୍ୟରେ କ୍ୟାନସର ଚିକିତ୍ସା କ୍ଷେତ୍ରରେ ଆବଶ୍ୟକ ଉନ୍ନତି ଆଣିପାରିବ। ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ରତନ ଟାଟା କହିଲେ ଯେ ଟାଟା ଟ୍ରଷ୍ଟ କ୍ୟାନସର ଚିକିତ୍ସା କ୍ଷେତ୍ରରେ ଥିବା ଏହାର ଜ୍ଞାନ ଓ ଅଭିଜ୍ଞତାକୁ ନେଇ ଅତ୍ୟାଧୁନିକ ଚିକିତ୍ସା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଉଦ୍ୟମରେ ସହଯୋଗ କରିବ। ଏହି ଏମଓୟୁ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ସଚିବ ଡ. ପ୍ରମୋଦ କୁମାର ମେହେର୍ଦ୍ଦା ଏବଂ ଟାଟା ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଆର୍. ଭେଙ୍କଟରମଣନ୍‌ଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୪ ମଇ - ୨୦ ମଇ, ୨୦୧୮

# କେଉଁ କଥାକୁ ଗୁରୁତ୍ୱଦେବା

ସମ୍ପାଦକୀୟ

ତାରକ ମହାନ୍ତି



ସାମାଜିକ ମୂଲ୍ୟବୋଧ ହ୍ରାସ ଓ ମାନବିକତାର ଅବକ୍ଷୟକୁ ନେଇ ବିଭିନ୍ନ ସମୟରେ ଆଲୋଚନା ହୋଇଥାଏ। ଯେଉଁଥିରେ ୬୦ ବର୍ଷ ଟପି ଯାଇଥିବା ବୟସ୍କ ବ୍ୟକ୍ତି ପୁରୁଣା ଦିନକୁ ମନେ ପକାଇ ସାମ୍ପ୍ରତିକ ଅବ୍ୟବସ୍ଥା ସମ୍ପର୍କରେ ଟିପ୍ପଣୀ ଦେଇଥାନ୍ତି। ଏଭଳି ଆଲୋଚନା ଭିତରେ ପରିବାର, ସମାଜ, ସଂସ୍କାର ଓ ପିଲାମାନଙ୍କ ଚଳଣୀକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ କଥା ସାମ୍ନାକୁ ଆସେ। ଯେଉଁଥିରେ ବର୍ତ୍ତମାନର ଯୁବପିଢ଼ି ଦିଗହରା ହୋଇଯାଇଥିବା ଏବଂ କର୍ମ ବିମୁଖ ହୋଇଥିବା ଜଣାପଡେ। କାରଣ ଆଜିକାଲି ସଭ୍ୟତା ନାଁରେ ଅପସଂସ୍କୃତିର ବ୍ୟାପକତା ବଢ଼ିଚାଲିବା ଦ୍ୱାରା ସମାଜ ସ୍ଖଳନମୁଖୀ ହୋଇଥିବାର କଥା ଉଠିଥାଏ। ପରିବେଶ ଓ ପରିସ୍ଥିତିର ଏଭଳି ଦୁଃସ୍ଥିତିକୁ ନେଇ ଭବିଷ୍ୟତ ଭାରତର ଗତି ଓ ପ୍ରଗତି କେଉଁଦିଗରେ ଯାଉଛି ତାହାକୁ ନେଇ ନାନା ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି ହୋଇଛି। ଆମ ରାଜ୍ୟ ଓଡ଼ିଶା କୃଷି ପ୍ରଧାନ ରାଜ୍ୟଟିଏ ହୋଇଥିଲା ବେଳେ ବର୍ତ୍ତମାନର ରାଜନୀତିକ ବିକାଶ ଏଜେଣ୍ଡାକୁ ନେଇ ଏହା ଆଗକୁ ଗତି କରୁଛି ବୋଲି ଦାବି ମଧ୍ୟ କରାଯାଉଛି। ଯେହେତୁ ବଡ ବଡ ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ଶିଳ୍ପ ଏବଂ ରାସ୍ତାଘାଟର ବହୁମାତ୍ରାରେ ଉନ୍ନତି ଘଟିଛି। ରାଜ୍ୟର ପ୍ରଗତି ଏସବୁ ସହିତ ଜଡିତ ଥିବାରୁ କୃଷି ଅପେକ୍ଷା ଶିଳ୍ପ ବିକାଶକୁ ସରକାର ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଅଧିକରୁ ଅଧିକ ଶିଳ୍ପ ଗଢ଼ିଉଠିଲେ ରାଜ୍ୟର ଶିକ୍ଷିତ ବେକାର ଏଥିରେ କର୍ମ ନିଯୁକ୍ତି ପାଇବେ। ଯାହାଫଳରେ ସେମାନଙ୍କ ପରିବାର ସ୍ୱଚ୍ଛନ୍ଦ ଓ ସୁଖରେ କାଳାତିପାତ କରିବାର ସମ୍ଭାବନାଟିଏ ରହିଛି। ବାସ୍ତବରେ ଏହି କଥାଟିକୁ ଗଭୀର ଭାବେ ଚିନ୍ତନ କଲେ ଯେଉଁ ଅନୁପାତରେ ଶିକ୍ଷିତ ବେକାରମାନେ ଚାକିରି ପାଇବା କଥା ତାହା ପାଇଥିବା ଭଳି ଅନୁଭବ ହୁଏନାହିଁ। କାରଣ ଆଜିକାଲିର ଯୁବଗୋଷ୍ଠୀ ନିଜର ଦକ୍ଷତା ବିକାଶ ବଦଳରେ ଯେଭଳି ମନୋରଞ୍ଜନ ଓ ବିଳାସମୟ ଜୀବନ ପଛରେ ଧାଇଁଛି ସେଥିରେ ଆଶଙ୍କା ସୃଷ୍ଟି ହେଉଛି ସିନା ଆଶାଟିଏ ସଞ୍ଚାର ହୋଇପାରୁନି। ଅଧିକାଂଶ ଶିକ୍ଷିତ ଯୁବକ / ଯୁବତୀ କର୍ମସଂସ୍ଥାନ ଖୋଜିବା ବଦଳରେ ପରିବାର ଉପରେ ଏକପ୍ରକାର ବୋଝ ପାଲଟି ନିଜର ଆବଶ୍ୟକତା ପୂରଣ ପାଇଁ ଜୁଲୁମ କରୁଥିବାର ଅନେକ ନଜିର ରହିଛି। ଟଙ୍କାଟିଏ ଉପାର୍ଜନ ନକରି ମଧ୍ୟ ବହୁ ଯୁବକ ବାପା ମା'ଙ୍କ ପଇସାକୁ ପାଣିଭଳି ଉଡାଇ ଚାଲିଛନ୍ତି। ଯାହାଫଳରେ ସମ୍ପୃକ୍ତ ପରିବାରର ଭବିଷ୍ୟତ ନିମ୍ନମୁଖୀ ହେବା ସହିତ ସାମାଜିକ ପ୍ରତିବନ୍ଧକର ସାମ୍ନା କରୁଥିବା ଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସୁଛି। କିଛି ପରିବାରରେ ପିତାମାତାମାନେ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅକ୍ଳାନ୍ତ ପରିଶ୍ରମ କରି ଯାହା ରୋଜଗାର କରୁଛନ୍ତି ତାହାର ସିଂହଭାଗ ପିଲାମାନେ ଅଯଥା ଖର୍ଚ୍ଚରେ ସାରି ଦେଉଛନ୍ତି। ରୋଜଗାର ନଥିବା ସତ୍ତ୍ୱେ ଦାମୀ ପୋଷାକ, ଦାମୀ ଚଷମା, ଦାମୀ ଗାଡି, ସୁସ୍ୱାଦୁ ଭୋଜନ ଓ ଅଧିକ ଅୟସ କରିବାର ସାଧନ ଲୋଡୁଛନ୍ତି। ଯାହାର କୁଫଳ ଭୋଗ କରୁଛି ସେହି ଯୁବକର ପରିବାର। ହେଲେ ଏଥିପାଇଁ ସମ୍ପୃକ୍ତ ଯୁବକ ଅନୁଶୋଚନା ବା ଦୁଃଖ କରିବା ପରିବର୍ତ୍ତେ ନିଜର ଅଧିକାରକୁ ଅଧିକରୁ ଅଧିକ ଜାହିର କରି ବସୁଛି। ଏଭଳି ପରିସ୍ଥିତିରେ ପରିବାର ଚଳାଇବା ପାଇଁ ବ୍ୟସ୍ତ ବିବ୍ରତ ହେଉଥିବା ପିତାମାତାମାନେ ନାଚାର ହୋଇପଡୁଛନ୍ତି। ସମାଜରେ ନିଜର ସମ୍ମାନ କ୍ଷୁଣ୍ଣ ହେବ ବୋଲି ମନେ କରି ନିରବ ରହୁଛନ୍ତି ସିନା ହେଲେ ପ୍ରତିବାଦର ସ୍ୱର ଉଠାଇ ପାରୁନାହାନ୍ତି। ଏଇଥିପାଇଁ ଯେ, ବାହାର ଲୋକଙ୍କୁ ପରିବାର କିମ୍ବା ପିଲାମାନଙ୍କର କୁଗୁଣ ବଖାଣିବା ଦ୍ୱାରା ସମାଜରେ ଉପହାସିତ ହେବାର ଆଶଙ୍କା ମଧ୍ୟ ରହିଛି। କାରଣ ଆଜିକାଲି ଶାଗଖିଆ ପେଜଖିଆକୁ ନ ସହିପାରିବା ଭଳି ପରିସ୍ଥିତି ସମସ୍ତଙ୍କୁ ଚୁପ୍ କରିଦେଇଛି। ସବୁ ପରିବାରରେ କିଛିନା କିଛି ଅସୁବିଧା, ଅବୁଝାମଣା ଓ ଅଭାବ ରହିଥିବା ସ୍ପଷ୍ଟ ଅନୁମେୟ ହୁଏ।

ଏ କ୍ଷେତ୍ରରେ ସହର ଅପେକ୍ଷା ଗ୍ରାମାଞ୍ଚଳରୁ ଆସିଥିବା ପରିବାରର ମୁଖିଆମାନେ ବିଶେଷ ଅସୁବିଧା ଭୋଗ କରୁଥିବା ଜଣାପଡେ। କାରଣ ସ୍ୱରୂପ ଯେଉଁ ପରିବାର ଗାଁରେ ରହିଲେ ନିଜ ପିଲାଛୁଆଙ୍କୁ ଭଲ ଶିକ୍ଷା ଦେଇପାରିବ ନାହିଁ କିମ୍ବା ସ୍ୱାସ୍ଥ୍ୟସେବା ପ୍ରଦାନ କରିପାରିବ ନାହିଁ ଭାବି ସହରାମୁଖୀ ହୋଇଥାନ୍ତି ସେମାନେ ପରବର୍ତ୍ତୀ ସମୟରେ ଏଭଳି ଅସୁବିଧାକୁ ସାମ୍ନା କଲାବେଳେ ଭାଙ୍ଗିପଡନ୍ତି। ସେମାନଙ୍କ ମନଭିତରେ ଧାରଣାଥାଏ ଯେ, ଅଭାବ ଅସୁବିଧା ଯୋଗୁ ନିଜେ ଭଲ ପାଠ ପଢ଼ିପାରି ନଥିଲେ ସୁଦ୍ଧା ପିଲାମାନେ ଭଲ ପାଠପଢ଼ି ମଣିଷ ହେଲେ ନିଜର ଦୁଃଖ ଲାଘବ ହେବା ସହିତ ପରିବାରର ମାନମର୍ଯ୍ୟାଦା ବଢ଼ିବ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ପରିବାରଟି ଅଧିକ ମଜଭୁତ ସ୍ଥିତିକୁ ଆସିପାରିବ। ଯେଉଁ ପରିବାରରେ ଏହି ଆଶା ସମ୍ଭାବନାରେ ପରିଣତ ହୋଇଥାଏ ସେଠାରେ ସୁଖ ଓ ହସଖୁସି ବଞ୍ଚିରହେ। ହେଲେ ଯେଉଁ ପରିବାର ବ୍ୟତିକ୍ରମକୁ ସାମ୍ନା କରେ ସେଠାରେ ସ୍ୱପ୍ନ, ସମ୍ଭାବନା, ଆଶା ଧୂଳିସାତ ହେବା ବ୍ୟତିରେକ ଅନ୍ୟକିଛି ଉପାୟ ନଥାଏ। ଏଭଳି ପରିସ୍ଥିତିରେ ଅନନ୍ୟୋପାୟ ପିତାମାତାମାନେ କୌଣସି ସଠିକ୍ ନିଷ୍ପତ୍ତି ନେଇନପାରି ଆତ୍ମଦହନ ଭିତରେ ଘାଣ୍ଟି ହେଉଥାନ୍ତି। ଅନ୍ୟପକ୍ଷେ କିଛି ଶିକ୍ଷିତ ବେକାରଙ୍କ ସମ୍ପର୍କରେ ଆଲୋଚନା କଲାବେଳେ ନିଶାପାଣି, କୁସଙ୍ଗ ଏବଂ ପରିବେଶ ସମ୍ପର୍କରେ ଚିନ୍ତା କରିବାକୁ ପଡିଥାଏ। କେତେକ ସ୍ଥଳରେ ଉଗ୍ର ଆଧୁନିକତା ସାମାଜିକ ଅବକ୍ଷୟ ପାଇଁ ଦାୟୀ ବୋଲି କେହି କେହି କହୁଥିଲା ବେଳେ ଆଉ କେହି ଏହା ସଂସ୍କାର ଅଭାବ ବୋଲି କହିଥାନ୍ତି। ତା'ରି ମଧ୍ୟରେ ସଂସ୍କାର ଶବ୍ଦର ଅର୍ଥକୁ ଭଲଭାବେ ତର୍ଜମା କଲେ ସଠିକ୍ କିଛି ନିର୍ଦ୍ଧାରଣ କରିହୁଏନାହିଁ। ବୟସର ତାରତମ୍ୟ ଦୃଷ୍ଟିରୁ ଚିନ୍ତାଧାରାରେ ପାର୍ଥକ୍ୟ, ଶିକ୍ଷାନୁଷ୍ଠାନରେ ଚରିତ୍ର ଗଠନ ଭଳି ବିଷୟ ନଥିବା ହେତୁ ଏହି ବିଘଟନ ଘଟୁଥିବା ମଧ୍ୟ ପ୍ରଶ୍ନ ଉଠେ। ଗତ କିଛିଦିନ ତଳେ ଅଟୋ ରିକ୍ସାରେ ଯିବା ବେଳେ ପାଖରେ ବସିଥିବା ଜଣେ ୭୫ ବର୍ଷ ବୟସ୍କା ମହିଳା କ୍ଷୋଭ ପ୍ରକାଶ କରି କହୁଥିଲେ ଯେ, ସବୁକିଛି ବିଗିଡିଗଲା। କାରଣ ତାଙ୍କ ପିଲାବେଳେ ସେ ଗୁରୁଜନଙ୍କ ସାମ୍ନାକୁ ଯାଉନଥିବା ବେଳେ ବର୍ତ୍ତମାନ ସମାଜରେ ଗୁରୁଜନ-ଲଘୁଜନ ବ୍ୟବଧାନ ଆଦୌ ନାହିଁ। ଆଗେ ଯେଉଁ ନମ୍ର ସ୍ୱରରେ ପିଲାମାନେ କଥାବାର୍ତ୍ତା କରୁଥିଲେ ଏବେ ସେଭଳି ପରିସ୍ଥିତି ନାହିଁ। ଆବଶ୍ୟକତା ଥିଲେ ପୂର୍ବର ପିଲାମାନେ ମା'ମାନଙ୍କ ଜରିଆରେ ନିଜର ଦାବିକୁ ବାପାଙ୍କ ନିକଟରେ ଉପସ୍ଥାପନ କରୁଥିଲା ବେଳେ ଏବେକାର ପିଲାମାନେ ସିଧାସଳଖ ଦାବି ଜଣାଇବାକୁ କୁଣ୍ଠାବୋଧ କରୁନାହାନ୍ତି। ତାଙ୍କ ଅମଳରେ ଝିଅପିଲାମାନେ ଯେତିକି ମାର୍ଜିତ ଦିଶୁଥିଲେ ବା କଥାବାର୍ତ୍ତା କରୁଥିଲେ ଏବେ ସେଭଳି ନାହିଁ। ନାଚଗୀତ ଭଳି ମନୋରଞ୍ଜନ କାର୍ଯ୍ୟକ୍ରମରେ ଭାଗ ନେବାକୁ ସେବେଳେ ବାରଣ କରାଯାଉଥିଲା। କାରଣ ଏହାଦ୍ୱାରା ପରିବାରର ମର୍ଯ୍ୟାଦା ହାନୀ ହୁଏ ବୋଲି ସେମାନଙ୍କ ମନରେ ଧାରଣା ରହିଥିଲା। କିନ୍ତୁ ଆଜିକାଲି ବାପାମା'ମାନେ ପୁଅ ଝିଅଙ୍କୁ ଅର୍ଦ୍ଧନଗ୍ନ ପୋଷାକ ପରିଧାନ କରାଇ ପେଣ୍ଡାଲ ଉପରକୁ ନେଉଛନ୍ତି। ଯାହା ତାଙ୍କ ବିଚାରରେ ଅତ୍ୟନ୍ତ ଖରାପ କଥା। ତେଣୁ ସାମାଜିକ ମୂଲ୍ୟବୋଧ ହ୍ରାସ ପ୍ରସଙ୍ଗରେ କହିଲା ବେଳେ କେଉଁ କଥାଟିକୁ ଗୁରୁତ୍ୱଦେବା ତାହା ମଧ୍ୟ ସନ୍ଦେହରେ ରହିଯାଉଛି।

## ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଦୁଷ୍କର୍ମ ପାଇଁ ମୃତ୍ୟୁଦଣ୍ଡ: ଜନଆକ୍ରୋଶକୁ ଏଡ଼େଇବା ପାଇଁ ଏକ କ୍ଷଣିକ ନିଷ୍ପତ୍ତି !

**ସମୀତ ପଣ୍ଡା**

ଉତ୍ତରପ୍ରଦେଶର ଉନ୍ନାଓ ଏବଂ ଜମ୍ମୁ କାଶ୍ମୀରର କଠୁଆରେ ଘଟିଥିବା ନାବାଳିକା ଦୁଷ୍କର୍ମ ଘଟଣା ଦେଶକୁ ଦୋହଲାଇ ଦେଇଛି ଏବଂ ଏହା ବିରୋଧରେ ଦେଶସାରା ବିରୋଧ ପ୍ରଦର୍ଶନ ହେଉଅଛି। ଅଧିକାଂଶ ଲୋକେ ଏଭଳି ଘୃଣ୍ୟ ଅପରାଧ ଭିଆଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରିବା ପାଇଁ ଦାବି ରଖୁଛନ୍ତି। ଲୋକଙ୍କ ଚାପ ଫଳରେ କେନ୍ଦ୍ର ସରକାର **Prevention of Children from Sexual Offences Act (POCSO )** ଏବଂ ଅପରାଧ ଆଇନ (ସଂଶୋଧନ)ରେ ଅଧାଦେଶ ବଳରେ ସଂଶୋଧନ ଆଣିଛନ୍ତି। ଏଥିରେ ୧୨ବର୍ଷରୁ କମ୍ ବୟସ ନାବାଳିକାଙ୍କ ସହିତ ଦୁଷ୍କର୍ମ କ୍ଷେତ୍ରରେ ମୃତ୍ୟୁଦଣ୍ଡର ବ୍ୟବସ୍ଥା ଏବଂ ଅନେକ କଠୋର ଦଣ୍ଡବିଧାନର ବ୍ୟବସ୍ଥା ଆଣିଛନ୍ତି। ଏଠାରେ ପ୍ରଶ୍ନଉଠୁଛି ଦୁଷ୍କର୍ମ ପାଇଁ ମୃତ୍ୟୁଦଣ୍ଡ ବ୍ୟବସ୍ଥା ପ୍ରକୃତରେ ଏକ ସମାଧାନର ରାସ୍ତା ହୋଇପାରିବକି ନା। ଏହା ସାମୟିକ ଭାବେ ଜନଭାବନାକୁ କିଛିଟା ସାନ୍ତ୍ୱନା ଦେବାର ଏକ ପଦକ୍ଷେପ ହେବ।

ମୃତ୍ୟୁଦଣ୍ଡ ପ୍ରକୃତରେ ବଳାତ୍କାର ରୋକିବାରେ କେତେ ମାତ୍ରାରେ ସମର୍ଥ ହୋଇଛି ବା ହୋଇପାରିବ ଜାଣିବା ପାଇଁ ଆମେ ବିଭିନ୍ନ ତଥ୍ୟ ଏବଂ ଯୁକ୍ତିକୁ ବିଶ୍ଳେଷଣ କରିବା ଜରୁରୀ ମନେ ହୁଏ। ୨୦୧୨ ମସିହାରେ ଘଟିଥିବା ନିର୍ଭୟା ଘଟଣା ଦେଶର ଜନମାନସକୁ ସମାନ ଭାବରେ ଆନ୍ଦୋଳିତ କରିଥିଲା ଏବଂ ତାହାର ଫଳସ୍ୱରୂପ ଜଷ୍ଟିସ୍ ଜେ.ଏସ୍.ବର୍ମା। କମିଶନଙ୍କ ରିପୋର୍ଟ ଆଧାରରେ ଯୌନ ଅପରାଧ ସମ୍ପର୍କିତ ଆଇନଗୁଡ଼ିକରେ ତତ୍କାଳୀନ କେନ୍ଦ୍ର ସରକାର ବ୍ୟାପକ ପରିବର୍ତ୍ତନ କରିଥିଲେ। ଆଶା କରାଯାଉଥିଲା ଶିଶୁ ଏବଂ ମହିଳାମାନଙ୍କ ସହିତ ଘଟୁଥିବା ଏଭଳି ଘୃଣ୍ୟ ଅପରାଧରେ ହ୍ରାସ ଆସିବ କିନ୍ତୁ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ (ଘଉଜଇ)ର ତଥ୍ୟ ଅନୁସାରେ ଏଭଳି ଅପରାଧରେ ପ୍ରତିବର୍ଷ ବୃଦ୍ଧି ଘଟିଥିବା ଦର୍ଶାଉଛି। କଠୁଆ, ଉନ୍ନାଓ ଓ ଦେଶର ଅନ୍ୟାନ୍ୟ ସ୍ଥାନରେ ଘଟୁଥିବା ଦୁଷ୍କର୍ମ ଘଟଣାଗୁଡ଼ିକୁ ଦେଖି ଅଧିକାଂଶ ଲୋକଙ୍କୁ ଲାଗୁଥିବ ଦୁଷ୍କର୍ମ କରୁଥିବା ଲୋକେ ସବୁ ନାବାଳିକାଙ୍କ ପାଇଁ ଅଚିହ୍ନା କିନ୍ତୁ ଏନ୍‌ସିଆର୍‌ବି-୨୦୧୬ର ତଥ୍ୟ ଅନୁସାରେ ଚଙଉଝଙ ଆଇନରେ ଦାୟର ହୋଇଥିବା ୯୪ ପ୍ରତିଶତ ମାମଲାରେ ଆରୋପୀ ହେଉଛନ୍ତି ନାବାଳିକା ପରିବାରର ସଦସ୍ୟ, ସମ୍ପର୍କୀୟ, ପଡ଼ୋଶୀ କିମ୍ବା ଚିହ୍ନା ଲୋକେ। ଏଭଳି ସ୍ଥିତିରେ ଦୁଷ୍କର୍ମ ଶିକାର ହୋଇଥିବା ଶିଶୁ ଏବଂ ତା' ପରିବାର ଉପରେ ମାମଲା ପ୍ରତ୍ୟାହାର ଓ ନ୍ୟାୟାଳୟ ବାହାରେ ତାହାର ସମାଧାନ ପାଇଁ ଅନେକ ଚାପ ପଡ଼ିଥାଏ। ରାଷ୍ଟ୍ରୀୟ ଆଇନ ବିଶ୍ୱବିଦ୍ୟାଳୟ, ବାଙ୍ଗାଲୋର ଅନ୍ତର୍ଗତ 'ସେଣ୍ଟର ଫର୍ ଚାଇଲଡ୍ ରାଇଟ୍ ଏଣ୍ଡ୍ ଲ' ଦ୍ୱାରା ୫ଟି ରାଜ୍ୟରେ ହୋଇଥିବା ଏକ ଅଧ୍ୟୟନ ଅନୁସାରେ ଆରୋପୀ ଚିହ୍ନାଲୋକ ବା ସମ୍ପର୍କୀୟ ହୋଇଥିଲେ ଅଧିକାଂଶ ପୀଡ଼ିତା ମୋକଦ୍ଦମାରୁ ଓହରି ଯାଆନ୍ତି। ମହାରାଷ୍ଟ୍ରରର ତଥ୍ୟ ଅନୁସାରେ ଯଦି ଆରୋପୀ ପୀଡ଼ିତାର ଚିହ୍ନା ହୋଇଥିଲେ ତେବେ ୭୭%; ବାପା ହୋଇଥିଲେ ୭୩%; ସମ୍ପର୍କୀୟ ହୋଇଥିଲେ ୭୮%; ଶିକ୍ଷକ ହୋଇଥିଲେ ୮୩% ଏବଂ ପଡ଼ୋଶୀ ହୋଇଥିଲେ ୭୦% କ୍ଷେତ୍ରରେ ପୀଡ଼ିତା ମାମଲାରୁ ଓହରିଯିବା କଥା ସାମ୍ନାକୁ ଆସିଅଛି। ଏହି ଅଧ୍ୟୟନ ଅନୁସାରେ ଦେଶରେ ଚଙଉଝଙ ଆଇନ ଅନ୍ତର୍ଗତ କେବଳ ୨୮ ପ୍ରତିଶତ ମାମଲାରେ ଶାସ୍ତିବିଧାନ ହୋଇଛି, ଅର୍ଥାତ୍ ୭୨ପ୍ରତିଶତ ମାମଲାରେ ନାବାଳିକା ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି।

୨୦୧୨ରେ ନିର୍ଭୟା ଘଟଣା ପରେ ହୋଇଥିବା ବ୍ୟାପକ ଆଇନଗତ ପରିବର୍ତନ ପରେ ଆଶା କରାଯାଉଥିଲା ପୋକ୍‌ସୋ ଆଇନ ଠିକ୍ ରୂପେ କାର୍ଯ୍ୟକାରୀ ହେବ କିନ୍ତୁ ଦୁଃଖର ବିଷୟ ଆଇନକୁ ଲାଗୁ କରିବାପାଇଁ ଯେଉଁ ବ୍ୟବସ୍ଥା ଏବଂ ଭିତ୍ତିଭୂମିର ଆବଶ୍ୟକତା ରହିଛି ତା'ଉପରେ ବିଶେଷ ଧ୍ୟାନ ଦିଆଯାଇନାହିଁ। ଶିଶୁଙ୍କ ସହିତ ହେଉଥିବା ଯୌନ ଅପରାଧର ଶୁଣାଣି ସ୍ୱତନ୍ତ୍ର ଅଦାଲତରେ ହେଉଛି କିନ୍ତୁ ଏହା ଶିଶୁଙ୍କୁ ସମ୍ବେଦନଶୀଳତାକୁ ସମ୍ମାନ ଦେଇ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ହୋଇନାହିଁ। ଏ ସମ୍ବନ୍ଧୀୟ ଏକ ପ୍ରଶ୍ନ ମାନ୍ୟବର ଲୋକସଭା ସାଂସଦ ଶ୍ରୀଯୁକ୍ତ ରାହୁଲ କାସ୍ୱାନ ଗୃହ ମନ୍ତ୍ରଣାଳୟକୁ ୧୯ ଡିସେମ୍ବର ୨୦୧୭ରେ ପଚାରିଥିଲେ। ଏହି ପ୍ରଶ୍ନର ଉତ୍ତରରେ ସରକାର ପୋକ୍‌ସୋ ଆଇନର କାର୍ଯ୍ୟକାରିତା ଉପରେ କୌଣସି ଅଧ୍ୟୟନ କରାଯାଇ ନାହିଁ ଅବା ସ୍ୱତନ୍ତ୍ର ବଜେଟ୍‌ର ବ୍ୟବସ୍ଥା ନାହିଁ ବୋଲି କହିଥିଲେ। ଗୃହ ମନ୍ତ୍ରଣାଳୟର ଉତ୍ତର ଏଠି ସ୍ପଷ୍ଟ କରୁଛି ଯେ ଶିଶୁଙ୍କ ସହିତ ହେଉଥିବା ଯୌନ ଅପରାଧ ରୋକିବାପାଇଁ ସରକାର କେତେ ତତ୍ପର।

ଏବେ ଫେରିବା ନୂତନ ଭାବେ ହୋଇଥିବା ମୃତ୍ୟୁଦଣ୍ଡ ବ୍ୟବସ୍ଥା ଆଡ଼କୁ। ମୃତ୍ୟୁଦଣ୍ଡ ବ୍ୟବସ୍ଥାର ମୁଖ୍ୟ ସମସ୍ୟା ହେଲା ଏହାଦ୍ୱାରା ବଳାତ୍କାର ଶିକାର ହେଉଥିବା ନାବାଳିକାଙ୍କ ଜୀବନ ଅଧିକ ବିପନ୍ନ ହେଇଯିବାର ସମ୍ଭାବନା ରହିଛି, ଯେହେତୁ ବଳାତ୍କାର ଏବଂ ହତ୍ୟାର ଶାସ୍ତି ସମାନ ବଳାତ୍କାରୀ ପାଇଁ ଶିଶୁକୁ ଜୀବନ୍ତ ଛାଡ଼ିବାର ସମ୍ଭାବନା କମ୍। ଦୁଷ୍କର୍ମ ଘଟଣାରେ ପୀଡ଼ିତାଙ୍କ ବୟାନ ସବୁଠୁ ମହତ୍ୱପୂର୍ଣ୍ଣ ହୋଇଥିବା ଯୋଗୁଁ ବଳାତ୍କାରୀ ଦୁଷ୍କର୍ମ ପରେ ହତ୍ୟାର ଚରମ ପଦକ୍ଷେପ ନେବାର ଭୟ ରହିଛି।

ଦୁଷ୍କର୍ମ ବା ଅନ୍ୟ କୌଣସି ଅପରାଧ ପାଇଁ ମୃତ୍ୟୁଦଣ୍ଡର ବ୍ୟବସ୍ଥା ନରଖିବା ପାଇଁ ଅନ୍ୟ ଏକ ଯୁକ୍ତି ମଧ୍ୟ ରହିଛି। ବିଶ୍ୱରେ ଦଣ୍ଡବିଧାନ ଏବଂ ଅପରାଧ ନିରାକରଣ ଉପରେ ହୋଇଥିବା ଅଧିକାଂଶ ଅଧ୍ୟୟନ ଅପରାଧ ହ୍ରାସ ହେବାରେ ମୃତ୍ୟୁଦଣ୍ଡର କୌଣସି ଭୂମିକା ନାହିଁ ବୋଲି ପ୍ରମାଣିତ କରିଛି। ଏହା ପ୍ରମାଣିତ ହେବାପରେ ଆମେରିକା ଛଡ଼ା ପ୍ରାୟ ସମସ୍ତ ବିକଶିତ ଦେଶ ମୃତ୍ୟୁଦଣ୍ଡ ବ୍ୟବସ୍ଥା ବନ୍ଦ କରିସାରିଲେଣି। କେନ୍ଦ୍ର ସରକାର ଜନତାଙ୍କ ଚାପରେ ମୃତ୍ୟୁଦଣ୍ଡର ବ୍ୟବସ୍ଥା ନେଇଆସିଲେ କିନ୍ତୁ ନିର୍ଭୟା ଘଟଣା ପରେ ଦୁଷ୍କର୍ମ ପାଇଁ କରାଯାଇଥିବା ମୃତ୍ୟୁଦଣ୍ଡ ବ୍ୟବସ୍ଥା ଦ୍ୱାରା କିଛି ପରିବର୍ତ୍ତନ ହୋଇଥିବାର ଅଧ୍ୟୟନ ବର୍ତ୍ତମାନଯାଏଁ ସରକାରଙ୍କ ତରଫରୁ କରାଯାଇ ନାହିଁ। ଏପରିକି ୨୦୧୭ ମସିହାରେ ଭାରତ ସରକାରଙ୍କ ଲ'କମିଶନ ଆତଙ୍କବାଦ ଛଡ଼ା ଅନ୍ୟ ସମସ୍ତ ଅପରାଧରେ ମୃତ୍ୟୁଦଣ୍ଡ ବ୍ୟବସ୍ଥା ନିଷେଧ କରିବାକୁ ସୁପାରିଶ୍ କରିଥିଲେ। ସବୁଠାରୁ ରୋଚକକଥା ହେଉଛି, କିଛିଦିନ ପୂର୍ବରୁ ୨୦୧୮ ଫେବୃୟାରୀ ମାସରେ ସୁପ୍ରିମ୍‌କୋର୍ଟଙ୍କ ତରଫରୁ ଶିଶୁ ସହିତ ଦୁଷ୍କର୍ମ କରିଥିବା ବ୍ୟକ୍ତିଙ୍କ ପାଇଁ ମୃତ୍ୟୁଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ଭାରତ ସରକାରଙ୍କ ରାୟ ପଚରାଯାଇଥିଲା। ଏହାର ଉତ୍ତରରେ ଭାରତ ସରକାରଙ୍କ ତରଫରୁ ଆସିଷ୍ଟାଣ୍ଟ ସଲିସିଟର୍ ଜେନେରାଲ୍ ମାନ୍ୟବର କୋର୍ଟଙ୍କୁ ମୃତ୍ୟୁଦଣ୍ଡ ଏଭଳି ଅପରାଧର ସମାଧାନ ନୁହେଁ ବୋଲି ଦର୍ଶାଇଥିଲେ। ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ସରକାର ଏହିମତ ଜଣାଇବା ପୂର୍ବରୁ କଥୁଆ ଏବଂ ଉନ୍ନାଓର ଘଟଣା ଘଟି ସାରିଥିଲା ଏବଂ ସରକାର ଏ ବିଷୟରେ ଅବଗତ ଥିଲେ। ତେଣୁ ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ କଥୁଆ ଏବଂ ଉନ୍ନାଓ ଘଟଣାରେ ସରକାରୀ କଳର ବିଫଳତା ଓ ଜନ ଅସନ୍ତୋଷକୁ ଏଡ଼ାଇ ଦେବା ପାଇଁ ମୃତ୍ୟୁଦଣ୍ଡ ଦେବାର ବ୍ୟବସ୍ଥା ଆଣିଲେ। ଆହୁରି ମଧ୍ୟ ଏହି ଅଧାଦେଶ ଲାଗୁହେବାର ମାତ୍ର ୨ଦିନ ପରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଭାରତ ସରକାରଙ୍କୁ ଏଭଳି ଅଧାଦେଶ ଆଣିବା ପୂର୍ବରୁ କୌଣସି ବିସ୍ତୃତ ବୈଜ୍ଞାନିକ ଅଧ୍ୟୟନ କରିଥିବା ପୀଡ଼ିତାମାନଙ୍କ ମତକୁ ବିଚାରକୁ ନିଆଯାଇଛି କି ନାହିଁ ପଚାରିଛନ୍ତି। ଦୁଷ୍କର୍ମକୁ କେମିତି ରୋକାଯାଇ ପାରିବ ଏବଂ ସେଥିପାଇଁ କିଭଳି ନ୍ୟାୟିକ ବ୍ୟବସ୍ଥା ହେବା ଉଚିତ ତାହା ଉପରେ କୌଣସି ଅଧ୍ୟୟନ ବିନା ବାରମ୍ବାର ମତ ବଦଳାଉଥିବା ସରକାର ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ କ'ଣ ମତ ରଖିବେ ତାହା ଦେଖିବା ରୋଚକ ହେବ।

କଠୁଆ ବା ଉନ୍ନାଓ ଭଳିଆ ଘଟଣାରେ ଜନ ଆକ୍ରୋଶ ହେବା ଅଥବା ମୃତ୍ୟୁଦଣ୍ଡ ଭଳିଆ କଠୋର ଦଣ୍ଡର ପ୍ରାବଧାନ କରିବା ପାଇଁ ଦାବି ରଖିବା ସ୍ୱାଭାବିକ, କିନ୍ତୁ କୌଣସି ବିଷୟରେ ଜଟିଳତାକୁ ନଜର ଅନ୍ଦାଜ କରି ଏଭଳି ଉପର ଠାଉରିଆ ଭାବେ ସରକାର କୌଣସି ବ୍ୟବସ୍ଥା ନେଇଆସିବା କେତେଦୂର ସମୀଚୀନ। ନାବାଳିକାଙ୍କ ସହିତ ହେଉଥିବା ଦୁଷ୍କର୍ମର ସମାଧାନ ପ୍ରକୃତରେ ଆଣିବାକୁ ଯଦି ସରକାର ଇଚ୍ଛୁକ ତେବେ ଅନେକ ସମୟ ଧରି ପଡ଼ିରହିଥିବା ସଂସ୍କାର ଯଥା ପୁଲିସ୍ ସଂସ୍କାର, ଇନଭେଷ୍ଟିଗେସନ ଏବଂ ଲ ଆଣ୍ଡ୍ ଅର୍ଡ଼ରକୁ ଅଲଗା କରିବା, ନ୍ୟାୟ ବ୍ୟବସ୍ଥାରେ ଦରକାର ମୁତାବକ ବିଚାରପତି ନିଯୁକ୍ତି ଏବଂ ଭିତ୍ତିଭୂମିର ଉନ୍ନତି, ପୁଲିସ୍ ଏବଂ ନ୍ୟାୟ ବ୍ୟବସ୍ଥାକୁ ଅଧିକ ସମ୍ବେଦନଶୀଳ କରିବା ପାଇଁ ଆବଶ୍ୟକୀୟ ପ୍ରଶିକ୍ଷଣ ଇତ୍ୟାଦି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ନିହାତି ଆବଶ୍ୟକ। କେବଳ ବ୍ୟବସ୍ଥାରେ ପରିବର୍ତ୍ତନ ଯଥେଷ୍ଟ ନୁହେଁ, ଏଥିପାଇଁ ସାମାଜିକ ସଚେତନତା ଏବଂ ପରିବର୍ତ୍ତନ ମଧ୍ୟ ନିହାତି ଜରୁରୀ, ଯେମିତିକି ପୁଅ ଏବଂ ଝିଅକୁ ସମାନଭାବେ ଦେଖାଯିବା, ଲିଙ୍ଗଗତ ଭେଦଭାବ ଦୂର କରିବା ପାଇଁ ପ୍ରୟାସ ଅନ୍ୟତମ।

*ଭୁବନେଶ୍ୱର*

# ବୁଣାକାରଙ୍କ ବିକାଶରେ ଅନ୍ତରାୟ ନହେଉ ଜିଏସ୍‌ଟି

**ବିନୟ ରଞ୍ଜନ ପ୍ରଧାନ**

ସରକାର ଘୋଷଣା କଲେ ବୁଣାକାରଙ୍କ ସାମଗ୍ରିକ ବିକାଶ ଦିଗରେ ଦୃଷ୍ଟିଦିଆଯିବ ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ। ତେବେ ଏହା ଥିଲା ରାଜ୍ୟସ୍ତରୀୟ ହସ୍ତତନ୍ତ ଦିବସ ଅବସରର ଘଟଣା। ଗରିବ ବୁଣାକାରମାନେ ଆନନ୍ଦରେ ଉଲ୍ଲସିତ ହୋଇ ଉଠୁଥିଲେ। ମାତ୍ର ଦୀର୍ଘ ଦିନ ବିଳମ୍ବ ପରେ ମଧ୍ୟ କାର୍ଯ୍ୟକାରିତା ପ୍ରତି ନଜର ଦିଆଯାଇନାହିଁ। କେବଳ ସୁବର୍ଣ୍ଣପୁର କାହିଁକି ସମଗ୍ର ଓଡ଼ିଶାରେ ୫ଲକ୍ଷରୁ ଅଧିକ ବୁଣାକାରଙ୍କ ଜୀବନ ଜୀବିକା କେବଳ ଲୁଗାବୁଣା ଉପରେ ହିଁ ନିର୍ଭର କରେ। ସ୍ୱାଧୀନତା ପ୍ରାପ୍ତିର ୭୦ ବର୍ଷ ହେବ ହସ୍ତତନ୍ତ ଉପରେ କୌଣସି କର ଲାଗୁ ନଥିଲା। ତେବେ ବର୍ତ୍ତମାନ ପରିସ୍ଥିତିରେ ଜିଏସ୍‌ଟି ସେବାକର ଲାଗୁ ହେବା ପରେ ବୁଣାକାର ତାନିଜ ଉତ୍ପାଦିତ ହସ୍ତତନ୍ତ ବସ୍ତ୍ରରେ ବିକ୍ରୀବଟା ସକାଶେ ଘୋର ଅସୁବିଧାର ସମ୍ମୁଖୀନ ହୋଇ ଅଭାବି ବିକ୍ରିର ଶିକାର ହୋଇପଡିଛି। ତେବେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ବାରମ୍ବାର ବୁଣାକାରମାନଙ୍କ ତରଫରୁ ବିନମ୍ର ଅନୁରୋଧ କରାଯାଉଛି। ଲେଖକ ଜଣେ ଅଣବୁଣାକାର, ସ୍ୱଳ୍ପ ଶିକ୍ଷିତ ତଥା ତେସ୍ତରୀ ବର୍ଷ ବରିଷ୍ଠ ନାଗରିକ ଏବଂ ପରିଣତ ବୟସରେ ସେବା ମନୋଭାବ ନେଇ ଆଗେଇ ଆସୁଛୁ ଯେହେତୁ ଦୀର୍ଘ ବର୍ଷ ଧରି ହସ୍ତତନ୍ତ ସଂସ୍ଥାମାନଙ୍କରେ କାର୍ଯ୍ୟରତ ଥିଲୁ। ଆହରଣ ଜ୍ଞାନର ଝଲକ ମାତ୍ର ଏଠାରେ ଉପସ୍ଥାପନା କରୁଛୁ। ବୁଣାକାରଙ୍କ ଅର୍ଥନୈତିକ ସମସ୍ୟା କିଭଳି ସୁଧାର ହେବ ତାହା ପ୍ରତି ଦୃଷ୍ଟି ନିକ୍ଷେପ କରିବା ହିଁ ଏହି ଭିନ୍ନ ସ୍ୱାଦର ଗବେଷଣାଧର୍ମୀ ଆଲେଖ୍ୟର ବିଶେଷତ୍ୱ।

ପ୍ରାୟତଃ ବୁଣାକାର ଅଶିକ୍ଷିତ ଡିଜିଟାଲ ଓ ବୈଷୟିକ ଜ୍ଞାନ ଆହରଣର ସେ ବହୁ ଦୂରରେ। ପାରମ୍ପରିକ ବୁଣା କାମ କରି ଯାହା ଉତ୍ପାଦନ କରେ ତାହା କଳତନ୍ତରେ ପ୍ରସ୍ତୁତ ଲୁଗା ସଙ୍ଗରେ ପ୍ରତିଯୋଗିତା କରିବା ଅସମ୍ଭବ ମନେହୁଏ। ବୁଦ୍ଧିଜୀବୀ ଓ ବ୍ୟକ୍ତି ବିଶେଷଙ୍କ ଚାପରେ ସରକାର ଯେଭଳି ଖଦୀ ବସ୍ତ୍ର ଉପରୁ ଜିଏସ୍‌ଟି ସେବା କର ଉଠାଇ ଖଦୀ ବୁଣାକାରଙ୍କ କଷ୍ଟ ଉପଲବ୍ଧ କଲେ ସେହିଭଳି ହସ୍ତତନ୍ତ ବୁଣାକାରଙ୍କ କ୍ଷେତ୍ରରେ ମଧ୍ୟ ତାହା କଷ୍ଟ ଉପଲବ୍ଧ କରି ପାରିଲେ ଉଚିତ ହେବ ବୋଲି ଅନୁରୋଧ କରାଯାଉଛି। ସୂଚନାଯୋଗ୍ୟ ମେସିନରେ ପ୍ରସ୍ତୁତ ସୁତାକୁ ହସ୍ତତନ୍ତରେ ବୁଣିଲେ ତାକୁ ହସ୍ତତନ୍ତ କୁହାଯାଏ ଏବଂ ହାତରେ ସୂତା କାଟି ବୁଣିଲେ ତାକୁ 'ଖଦୀ' କୁହାଯା,। ତେବେ ଫରକ ସାମାନ୍ୟ ମାତ୍ରାର। ହସ୍ତତନ୍ତକୁ ଜିଏସ୍‌ଟି ସେବା କରରୁ ମୁକ୍ତ କରିବା ନିହାତି ପ୍ରୟୋଜନ ବୋଲି ଅନୁରୋଧ କରାଯାଉଛି। ନଚେତ ଦେଶର ପ୍ରାୟ ୫ କୋଟିରୁ ଅଧିକ ବୁଣାକାର, ଦାଦନ ଓ ଗୋତି ଶ୍ରମିକ ହୋଇ ପଡୋଶୀ ରାଜ୍ୟମାନଙ୍କରେ ନିର୍ମମ ଭାବେ କୁଣ୍ଠିତ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ। ଏକଥା ସତ ସିଦ୍ଧ ଯେ ଖଦୀ ଓ ହସ୍ତତନ୍ତ କେବେ ହେଲେ ଏକ ତନ୍ତ ଭଳି ଉଚ୍ଚମାନର ଉତ୍ପାଦନକ୍ଷମ ହୋଇପାରିବ ନାହିଁ। ଅଯଥାରେ ବାକ୍ୟରେ କେବଳ ହସ୍ତତନ୍ତରେ ବାହସ୍ଫୋଟ ମାରି ଗରିବ ବୁଣାକାରମାନଙ୍କୁ ଅନ୍ଧକାର ମଧ୍ୟକୁ ଠେଲି ଦେବା ସମିଚୀନ ନୁହେଁ ବୋଲି ଆମର ମତ। ଯାହା ଫଳରେ ବୁଣାକାରମାନଙ୍କୁ ସ୍ୱର୍ଶକାତର ତଥା ଆତ୍ମାକୁ ମାର୍ମନ୍ତିକ ଅସହ୍ୟବୋଧ ହେଉଛି। ସର୍ବନ୍ୟୁନତମ ଶିକ୍ଷାରେ ଥାଇ ମଧ୍ୟ ପରିବାର ଭରଣପୋଷଣ ପାଇଁ ଯେଉଁ ବୁଣାକାର ସଂଘର୍ଷ କରେ ସେ କେବଳ ଜାଣେ ଜୀବନ ଜୀବିକା କ'ଣ ଏହି ଆଦର୍ଶ୍ୟକୁ ପାଥେୟ କରି କାର୍ଯ୍ୟକାରୀ କଲେ ଏକ ରାମ ରାଜ୍ୟ ପ୍ରତିଷ୍ଠାର ସ୍ୱପ୍ନ ଦେଖୁଥିବା ସରକାରଙ୍କ ଉଦ୍ଦେଶ୍ୟ ସଫଳ ହେବ ବୋଲି ଆମ୍ଭେ ବିଚାର କରୁ। ହସ୍ତତନ୍ତରେ ଜିଏସ୍‌ଟି ରୂପକ ସେବାକର ଲଦି ହସ୍ତତନ୍ତ କ୍ଷେତ୍ରକୁ ହତାଦର କରାନଯାଉ। କାରଣ କଳା, ସଂସ୍କୃତି ଅବକ୍ଷୟକୁ କେବେବି କ୍ଷମା ଦେବେନାହିଁ। ଭାରତବର୍ଷକୁ ନିଜର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟର ଉତ୍କୃଷ୍ଟ ଦେଶ ବୋଲି କୁହାଯାଉଥିବା ବେଳେ ଜିଏସ୍‌ଟି ରୂପକ କର ଲଦି ଦେବା ସ୍ପୃହଣୀୟ ନୁହେଁ ବୋଲି ଆଲୋଚନାର ପରିସରକୁ ଚାଲିଆସିଛି। ସେପରି ସ୍ଥଳେ ଗରିବ ବୁଣାକାରମାନଙ୍କୁ ଅଶାନ୍ତି ନକରିବା ସରକାରଙ୍କ ପକ୍ଷେ ଆମେ ଉଚିତ ମନେ କରୁ।

ସ୍ରଷ୍ଟାଙ୍କ ସୃଷ୍ଟିରେ ମଣିଷ ଦୁର୍ଲଭ ଜୀବନ ନେଇ ପୃଥିବୀ ପୃଷ୍ଠକୁ ଆସିଛି। ବିଭିନ୍ନ ମଣିଷଙ୍କ ମଧ୍ୟରୁ କିଏ କେଉଁ କଳା ନେଇ ଆସିଛି କହି ନ ହେଲେ ମଧ୍ୟ ଗରିବ ବୁଣାକାର ତାହାର ଏକ ଜ୍ୱଳନ୍ତ ଉଦାହରଣ। ଆମ ମତରେ ଯେଉଁମାନେ କଳା କାରିଗରି ବିଦ୍ୟାକୁ ନେଇ ପରିବାର ସହ କଷ୍ଟ ସ୍ୱୀକାର ପୂର୍ବକ ସପରିବାରକୁ ନେଇ ୬ ଖଣ୍ଡ କାଠ (ମଙ୍ଗାରେ) ହସ୍ତତନ୍ତ ବୟନ କଳରେ ଭରଣପୋଷଣ ହୁଅନ୍ତି ସେମାନେ ହିଁ ମହାନ୍। ଯେପରି ସଙ୍ଗୀତର 'ସା' ଠାରୁ ଆରମ୍ଭ ହୋଇ 'ସା'ରେ ସମାପ୍ତ ହୁଏ ଓ ଏହାରି ଆଧାରରେ ବିଭିନ୍ନ ରାଗ ରାଗିଣୀ ସୃଷ୍ଟି ହୁଏ ସେମିତି ବୟନ କଳାରେ ଆକର୍ଷଣୀୟ ଡିଜାଇନ ସେ ସୃଷ୍ଟି କରିଥାଏ। ତାକୁ ବିକ୍ରି କରି ପରିବାର ଭରଣପୋଷଣ କରିଥାଏ। ମାତ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସେବାକର ଜିଏସ୍‌ଟି ହିଁ ତାକୁ ସମସ୍ୟା ବଳୟରେ ପକେଇ ଦେଇଛି। ବର୍ତ୍ତମାନର ସେବାକର ଯୋଗୁଁ ସେ ଅଭାବି ବିକ୍ରିର ସମ୍ମୁଖୀନ ହୋଇଛି। ଭାରତୀୟ କର ବ୍ୟବସ୍ଥା (ଜିଏସ୍‌ଟି)କୁ ସରଳୀକରଣ ଓ ଦକ୍ଷ କରିବା ସକାଶେ ଯଦି ପଦକ୍ଷେପ ନେବେ ତାହା ଅତି ମାତ୍ରାରେ ସ୍ୱାଗତଯୋଗ୍ୟ ପ୍ରତିପାଦିତ ହେବ। ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବିଚାର ପୂର୍ବକ ହସ୍ତତନ୍ତରେ ସେବାକର (ଜିଏସ୍‌ଟି) ଛାଡ କରାଗଲେ ଗରିବ ବୁଣାକାରମାନଙ୍କ ସାମଗ୍ରିକ ବିକାଶ ତଥା କୌଳିକ ବୃତିରେ ସେ ଆଉ ବିମୁଖ ନହୋଇ ତା'ର ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ। ଏଣୁ କେନ୍ଦ୍ର ସରକାର ଯେତେଶୀଘ୍ର ହେବ ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ।

*ଲେଖକ ଓ ସାମ୍ବାଦିକ, ସୁବର୍ଣ୍ଣପୁର*
*ମୋ -୮୬୫୮୯୧୬୮୪୫*

# ମୋକ୍ଷ ପଥ

**ଯୋଗୀ ଗଣେଶ୍ୱର**

ଭାଗ-୪

"ନାମ ବ୍ରହ୍ମକୁ ତୁ ଭାବରେ କୁମର ଏ
ଦୁଃଖ ରହିବ ନାହିଁ।
ନନ୍ଦ ନନ୍ଦନକୁ ଡାକ ବାର ବାର କରୁଣା
କରିବେ ସେହି ॥"

ରାଣୀ ମୁକ୍ତାଦେଇ ପୁତ୍ରକୁ ମରଣ ମୁହଁରୁ ରକ୍ଷା କରିବା ନିମନ୍ତେ ଶୋକାତୁର କଣ୍ଠରେ ନାନା ମତେ ବୁଝାଉଥିଲେ ମଧ୍ୟ ଗୋବିନ୍ଦଙ୍କ ଚେତନାରେ କିଛି ପ୍ରଭାବ ପଡୁ ନ ଥିବା ଦେଖି ଚିନ୍ତାଗ୍ରସ୍ତ ହୋଇ ପଡ଼ିଲେ। ମାତାଙ୍କର ବହୁ ମୂଲ୍ୟ ପରାମର୍ଶ ରାଜା ଗୋବିନ୍ଦଙ୍କୁ ପ୍ରଗଲ୍‌ଭ ମନେ ହେଉଥିଲା। ମାୟାମୋହର ବିଳାସମୟ ରାଜ୍ୟରେ ସ୍ୱଚ୍ଛନ୍ଦରେ ବିଚରଣ କରୁଥିବା ଯୁବରାଜଙ୍କୁ ମାତାଙ୍କ ଉପଦେଶ ହାସ୍ୟାସ୍ପଦ ମନେହେଲା। ଜନ୍ମଦାତ୍ରୀ ମାତାଙ୍କର ଏହା କପଟ ଆଚରଣ ଭାବି ରାଜା ଗୋବିନ୍ଦ କ୍ରୋଧ ପ୍ରକାଶ କରି କହିଲେ- ମା' ତୁମେ ଏ ସବୁ କ'ଣ କହୁଛ ? ତୁମେ ଯାହା କହୁଛ, ତାହା ଜଣେ ବିମାତାର ଆଚରଣ। ତୁମେ ମୋର ପ୍ରକୃତ ମାତା ହୋଇଥିଲେ ଏପରି ଚଣ୍ଡାଳୁଣୀ ବୁଦ୍ଧି ଦେଉ ନ ଥାନ୍ତ। ଏତେ ବଡ଼ ରାଜ୍ୟ, ରାଜପଦ, ଅନେଶତ ସୁନ୍ଦରୀ ରାଣୀ ଥାଉଁ ଥାଉଁ, ଭୋଗ ବିଳାସକୁ ତ୍ୟାଗ କରି ଯୁବରାଜ ଯୋଗୀ ହେବା କଥା ଶୁଣାଇ ପାରୁଛ କିପରି ? ତୁମେ ଗର୍ଭଧାରୀ ମାତା ହୋଇ ଯଦି ଏକମାତ୍ର ପୁତ୍ର ପ୍ରତି ତୁମର ଏ କଳ୍ପନା ଥିଲା, ତେବେ ଅଜ୍ଞାନ ବାଳୁତ କାଳରେ ଯୋଗୀ କରାଇଲ ନାହିଁ କାହିଁକି ? ଯୁବା ବୟସରେ ରାଜପୁତ୍ର ଅନେଶତ ସୁନ୍ଦରୀ ପତ୍ନୀଙ୍କୁ ତ୍ୟାଗ କରି ଚାଲିଯିବା ପାଇଁ କହି ପାରୁଛ କିପରି ? ସେମାନଙ୍କର ସ୍ୱାମୀହରା ଶୋକବଦନ ଦେଖି ତୁମେ ସହ୍ୟ କରିବ କିପରି ? ରାଜପୁତ୍ର ହୋଇ ଭିକ୍ଷା ଥାଳ ଧରି ଜନପଦରେ ବୁଲିବ, ଏହା କେଉଁ ପରି ନିଷ୍ପତ୍ତି ମୋତେ ବୁଝାଇ ଦିଅ ! ଅପୁତ୍ରିକ ଦୋଷ କହି ମୋତେ ଯେଉଁ ଦଣ୍ଡ ଦେବା ପାଇଁ ବିଚାର କରିଛ, ତାହା କେବେ ସମ୍ଭବ ହେବ ନାହିଁ।

ଯୋଗୀ ହେବା ପାଇଁ ଅଜ୍ଞାନ ପୁତ୍ରର ଅନିଚ୍ଛା ଭାବ ଦେଖି ମୁକ୍ତା ଦେଈଙ୍କର ଛାତି କୋଡ଼ି ହେବାକୁ ଲାଗିଲା। ଦେହରୁ ପ୍ରାଣ ଛାଡ଼ି ଚାଲି ଯାଉଥିବା ପରି ବୋଧହେଲା। ଚକ୍ଷୁରୁ ଅଶ୍ରୁଧାର ବହି ଚାଲିଲା। ସେ ଛାୟାଚିତ୍ର ପରି ଦେଖୁଥିଲେ ଏକଇର ବଳା ବିଶିକେସନ ଗୋବିନ୍ଦଙ୍କର ମୃତ ଶରୀର କୋକେଇରେ ଶ୍ମଶାନ ଅଭିମୁଖେ ଚାଲିଛି ! ପୁତ୍ରର ମୋହମାୟା ବଚନର ସାରମର୍ମକୁ ସେ ସ୍ପଷ୍ଟ ବୁଝି ପାରୁଥିଲେ। ମୃତ୍ୟୁ ସନ୍ନିକଟରେ ରହି ମୋହଯୁକ୍ତ ଟାଣପଣିଆ ଦେଖାଉଥିବା ପୁତ୍ରର ହୃଦୟର ଭାଷାକୁ ଶ୍ରବଣ କରି ମୁକ୍ତା ଦେଈ ସବୁ ବୁଝିଗଲେ। ମୋହ ଜାଲରେ ଛନ୍ଦି ହୋଇ ଦୁଃଖକୁ ସୁଖ ମଣି କାଳପଥରେ ଚାଲୁଥିବା ମନୁଷ୍ୟ ଯାହା ଚିନ୍ତା କରି ଦିନ ବଞ୍ଚେ, ଏହା ଠିକ୍ ସେହି ଚେତନାର ଭାଷା ! ଏଭଳି ମନୁଷ୍ୟ ବାଳୁତ ପଣରେ ଅଳପ ଆୟୁଷ ସାରି ଫେରିଯାନ୍ତି ! ମୁକ୍ତା ଦେଈ ପଣତ କାନିରେ ଲୁହ ପୋଛି ଭାବି ହେଲେ ! ନିର୍ଝରିଣୀ ପରି ପବିତ୍ର ମାତୃ ହୃଦୟର ଗଭୀର କଥା ବାଳୁତ କୁମର ବା କାହୁଁ ଜାଣିବ ! ମନୁଷ୍ୟ ଜୀବନ ମୃତ୍ୟୁ ପାଇଁ ନୁହେଁ ମୁକ୍ତି ପାଇଁ, ଏ ଗୂଢ଼ୟତତ୍ତ୍ୱ ବାଳୁତ ମସ୍ତିଷ୍କ କିପରି ବୁଝି ପାରିବ ! ସେ ଗୋବିନ୍ଦଙ୍କୁ ବୋଧ ଦେଇ କହିଲେ- ଧନରେ, ବାପରେ ! ତୁ ଯାହା କହୁଛୁ, ସେ ସବୁ ମାୟା ରାକ୍ଷସର କଥା ! ସେ ମାୟା ଭଗବାନଙ୍କର ଅନ୍ୟ ଏକ କ୍ରିୟାଶୀଳ ଶକ୍ତି ! ଯେଉଁ ମନୁଷ୍ୟ ଜଗତ କଲ୍ୟାଣରେ ବ୍ରତୀ ହୋଇ ପାରନ୍ତି ନାହିଁ, ସେମାନେ ସେଇ ଜନ୍ମ-ମରଣଚକ୍ରରେ ଘୁରି ବୁଲନ୍ତି !

ବାଷ୍ପରୁଦ୍ଧ କଣ୍ଠରେ ମୁକ୍ତା ଦେଈ ପୁତ୍ରକୁ ପୁଣି ବୁଝାଇଲେ- ଧନରେ, ମହାକାଳ ଯମ ସେଇ ମାୟାଚକ୍ର ବଳରେ ତୋତେ ବାନ୍ଧି ନେବା ପାଇଁ ଏବେ ସମୟ ଆସିଛି। କାଳଯମ ତୋତେ ପ୍ରତୀକ୍ଷା କରିଛନ୍ତି ! ସେ ଯେତେବେଳେ ତୋର ଏଇ ଅମାନିଆ କଥାକୁହା କୋମଳ ପିଣ୍ଡରୁ ପ୍ରାଣ କାଢ଼ି ନେଇଯିବେ, ସେତେବେଳେ ପୁତ୍ର ତୋ ସଙ୍ଗରେ କେହି ଯିବେ ନାହିଁ। ଯେଉଁମାନଙ୍କୁ ଛାଡ଼ି ଯୋଗୀ ହେବା ନିମନ୍ତେ ଅନିଚ୍ଛା ପ୍ରକାଶ କରୁଛୁ, ସେ ବେଳରେ ସେମାନଙ୍କୁ ଛାଡ଼ି ଚାଲି ଯିବା ପାଇଁ ନିୟତି ତୋତେ ବାଧ୍ୟ କରିବ। ଆଉ ତୋ ଅଜାଣତରେ ସବୁ ଘଟି ଯାଇଥିବରେ ପୁତ୍ର ! ଯେଉଁମାନଙ୍କୁ ଏବେ ପ୍ରିୟ ବୋଲି ଭାବୁଛୁ, ଆପଣାର ସ୍ୱୀକାର କରୁଛୁ, ସେମାନେ କେହି ତୋ ସଙ୍ଗରେ ନଥିବେ ! କେବଳ ଧର୍ମବଳ ସାଥୀ ଭାବ, ସାକ୍ଷୀ ଭାବ ନେଇ ତୋ ପାଖରେ ଥିବେ ! ଯେତିକି ଦାନ, ତପ କରିଥିବୁ, ସେତିକି ଫଳ ପାଇବୁ ! ପୁତ୍ର ଗୋବିନ୍ଦାଇ, ସତ୍ୟକୁ ଉଲ୍ଲଙ୍ଘନ କର ନା'ରେ ବାପ। ଅତୀତ ଜନ୍ମର ପାପକ୍ରିୟାରୁ ତୋର ଅକାଳ ମୃତ୍ୟୁ ଘଟିବ, ଏହି ସତ୍ୟକୁ ସ୍ୱୀକାର କର ! ତୋତେ ଜନ୍ମ ମୃତ୍ୟୁର ଭୌତିକ ଧାରାରୁ ଉର୍ଦ୍ଧ୍ୱକୁ ଉଠାଇ ନେବାର ପ୍ରୟାସକୁ ହାସ୍ୟାସ୍ପଦ ମଣ ନାହିଁ। ତୋର ଯୋଗୀ ହେବା ପଛରେ ଆମ୍ଭ ଉଭୟଙ୍କର ଚିର ମଙ୍ଗଳ ନିହିତ ରହିଛି ! ତୁ ଭଗବତ୍ ଦର୍ଶନ କରି ଅମର ହେବୁ, ମୁଁ ଅପୁତ୍ରିକ ଦୋଷରୁ ମୁକ୍ତ ହୋଇ ମହା ଆନନ୍ଦରେ ଜୀବ ଥିବା ଯାଏଁ ତୋ ମୁଖ ଦର୍ଶନ କରୁଥିବି।

ହେ' ପୁତ୍ର, ମୋର ବୋଲ କର। ମାଆର ପଣତ କାନିରେ ବାନ୍ଧି ହୋଇ ଯାଅ। ମୟାର ପ୍ରହେଳିକା ଭିତରୁ ବାହାରି ଆସିଲେ ସେଇ ନନ୍ଦ ନନ୍ଦନ ମନେ ପଡ଼ନ୍ତି ! ତାଙ୍କ ନାମବ୍ରହ୍ମକୁ ଉଚ୍ଚାରଣ କଲେ, ସେ ମୋକ୍ଷପଥରେ ବାହି ନିଅନ୍ତି ! ତୁ ତାଙ୍କୁ ଯେତିକି ଡାକିବୁ ସେତିକି ଭଗବତ ଦର୍ଶନ ପଥରେ ଅଗ୍ରସର ହେବୁ। ଯୋଗ, ତପସ୍ୟା ପଥରେ ପାଦ ଥାପିଲେ ଭଗବାନ ଶ୍ରୀକୃଷ୍ଣଙ୍କର ତତ୍‌କ୍ଷଣାତ କରୁଣା ପ୍ରାପ୍ତ ହେବା ସମ୍ଭବ ! ତାଙ୍କ କୃପା ମିଳିଗଲେ ସବୁ ଅସମ୍ଭବ ସମ୍ଭବ ହୋଇ ଯାଏ ! ତାପରେ ଦେଖିବୁ ପୁତ୍ର ଜନ୍ମମୃତ୍ୟୁର ନିୟନ୍ତ୍ରକ ଯମ ତୋର କିଛି ବିଗାଡ଼ି ପାରିବେ ନାହିଁ। ଯୁଗ ଯୁଗ ଧରି ତୋ ଦେହରେ ମହାକାଳଙ୍କ ଦନ୍ତ ଚିହ୍ନ ଲାଗିବ ନାହିଁ ! ତୁ ଅଜର ଅମର ହୋଇ ଚାରିଯୁଗରେ ଈଶ୍ୱରଙ୍କ କର୍ମ କରୁଥିବୁ। ହେ' ପୁତ୍ର, କେତେ ଦୁଃଖ ସହି ଶିବ ପାର୍ବତୀଙ୍କ କଲ୍ୟାଣରୁ ତୋତେ ପାଇଥିଲି ! ତୋତେ ପାଇ ଜଗତରେ ଫଳବତୀ ନାରୀ ବୋଲାଇବି ବୋଲି କେତେ କଣ୍ଟକିତ ପଥରେ ଘାଣ୍ଟି ହୋଇଛି, ସେ କଥା କହିବି ଶୁଣ ବାପ। ହରି ଓଁ ତତ୍ ସତ୍ !

*ଦୂରଭାଷ-୯୬୬୮୬୩୧୨୫୭*




କେବେକେବେ ଖୁବ୍ ସଜେଇହୋଇ ପାଖକୁ ଆସି ପାରୋ ଦେବଦାସକୁ କହେ-ମୋ ସହିତ ଯାତ୍ରା ଦେଖିବାକୁ ଯିବୁ? ଦେବଦାସର ଭାରି ଇଚ୍ଛାହୁଏ ହଁ ମାରିବାକୁ। କେତେ କଣ ଖାଇବାକୁ ମିଳିବ ତା ସହିତ ଗଲେ। ହେଲେ ଏ ଉକ୍ଟୁଣୀ ମୁଣ୍ଡିକୁ ସେ ସହିବ କିପରି ଭାବି ରହିଯାଏ। ପାରୋ କଣ ଭାବେ କେଜାଣି ଝାଁଉଳିଯାଏ..ଦୁଃଖରେ। କହେ-ମୁଣ୍ଡ ଧୋଇଲେ ଜ୍ୱର ହେଉଚି ପରା! ବାପା ମନା କରୁଛି ଧୋଇବାକୁ। ହେଲେ ଆଜି ବସି ବସି ଉକ୍ଟୁଣୀ ପାନିଆଁରେ ମୁଣ୍ଡରୁ ସବୁ ଉକ୍ଟୁଣୀ ସଫା କରିଦେଇଛି.. ଦେଖୁନୁ। କହି ସେ ରିବନ୍‌ବନ୍ଧା ମୁଣ୍ଡକୁ ନୁଆଇଁଦିଏ ଦେବଦାସ ଆଗରେ। ଦେବା ଦେଖେ ତା ଚୂଟିରେ ଅସଂଖ୍ୟ ଉକ୍ଟୁଣୀ ଅଣ୍ଡା। ସେଗୁଡାକ ଫୁଟି ଦିଶୁଛନ୍ତି ଉପରକୁ।

ମୁଣ୍ଡରୁ ଭାସିଆସେ ଭଣଭଣିଆ ଗନ୍ଧଟାଏ। ମୁହଁ ବିକୃତ କରେ ଦେବା। ବିରକ୍ତିରେ କହେ-ଛିଃ..ତୋ ମୁଣ୍ଡ କି ଗନ୍ଧ..! ତୋ ସାଙ୍ଗରେ ଯୁଆଡେ ବି ଲାଜ ମାଡିବ। ତୁ ଯା..ଯା.. ମୋର ବେଳ ନାହିଁ। ସେଠାରୁ ଦୌଡି ପଳାଏ ପାରୋ..! ଦେବା ପଛରେ ଭାବେ..ତାକୁ ଦୁଃଖ ହୋଇଥିବ। ହେଉ ପଛେ..ସେ କଣ କରିବ!

ଦିନେ ମାଆ କହିଲା-କିରେ ଦେବା,ସେ ତ ତୋରି ପରି ଛୋଟିଆ ପିଲାଟାଏ। ମୁଣ୍ଡରେ ଉକ୍ଟୁଣୀ ବୋଲି ତାର କେହି ସାଙ୍ଗ ହେଉ ନାହଁ? ଇଏ କି କଥାଟାଏ ଯେ! ପିଲାଟା ଏକା ଏକା କେତେ ଖେଳିବ! ଏବେଠାରୁ ଏମିତି ମନୋଭାବ କାଇଁକି ତୋର! ଛିଃ..ବାପା ଏମିତି ରୁକ୍ଷ ହ'ନି କାହା ଉପରେ।

ଦେବା ବିରକ୍ତିରେ ଉଠିଯାଏ ସେଠାରୁ..ତା କଥା କହନା ମାଆ। ସମସ୍ତେ କହନ୍ତି,ତା ବାପା କୁଆଡେ ଅନ୍ୟମାନଙ୍କ ରକ୍ତ ଶୋଷୁଛି! ଆଉ ତାକୁ ଉକ୍ଟୁଣୀମାନେ! ତେଣୁ ତାକୁ ଦେଖିଲା କ୍ଷଣି ଚିଡା ଲାଗେ।

ମାଆ ବୁଝାଏ-ନା ନା...ତା ବାପର ଦୋଷ ସେ କାଇଁ ଭୋଗିବ? ସେ ଛୋଟିଆ ପିଲାଟା କି ପାପ କରିଚି? ସେ ଜାଣି ବି ନଥିବ ତା ବାପ ଗୁଣତକ। ତୁ ଏମିତି ବ୍ୟବହାର କରନି ତା ପ୍ରତି। ମାଆ ଛେଉଣ୍ଡ ପିଲାଟେ। ତୁ ଯେମିତି ବାପଛେଉଣ୍ଡ ବୋଲି ତୋତେ ସମସ୍ତେ ତାତ୍ସଲ୍ୟ କରନ୍ତି! ସେମିତି ତା ଅବସ୍ଥା ହେଉଛି। ତା ଯତ୍ନ ନେବାକୁ କେହି ନାହିଁ। ସେଥିପାଇଁ ଅପରିଷ୍କାର ହୋଇ ବୁଲୁଛି ବିଚାରି! ନିଜେ ଯୋଉ ଦୁଃଖରେ ଅଛୁ ସେ ଦୁଃଖ ଅନ୍ୟକୁ ଦେଉଛୁ କିପରି! କିନ୍ତୁ ତୁ ତାକୁ ଯେତେ ଦୂର୍ ଦୂର୍ କଲେ ବି ସେ ଭଲ ପିଲାଟେ! ଏମିତି ଅପମାନିତ ହୋଇ ମନେମନେ ଦୁଃଖ ପାଉଥିବ! ହୁଏତ ଲୁଚେଇ ଲୁଚେଇ ତୁମ ସମସ୍ତଙ୍କ ଶ୍ରଦ୍ଧା ଲୋଡୁଥିବ।

ଦେବା ତା କଥା ଟିକେ ଚିନ୍ତା କଲା। ସତେ ତ! ତା ପରି ଅବସ୍ଥା ପାରୋର! ଏଥିପାଇଁ ସେ ଦାୟୀ ନୁହେଁ। ମନରେ ଟିକେ ଦୟା ଆସିଥିଲା ଅବଶ୍ୟ। ସେଥିପାଇଁ ପାରୋ ସହିତ ଟିକେ ଟିକେ ମିଶିବା ଆରମ୍ଭ କରିଥିଲା ଦେବା..। କିନ୍ତୁ ଖାଲି ଦୟା ଭାବଟା କେତେବେଳ ଯାଏଁ ମନରେ ରହି ପାରିବ! ସେ ଭାବଟା ମନରୁ ଅନ୍ତର ହୋଇଗଲେ ସେ ପୁଣି ଚିଡିବା ଆରମ୍ଭ କରିଦେବ ତା ଉପରେ! ପୁଣି ତାକୁ ପୂର୍ବ ପରି ଦୂର୍ ଦୂର୍ କରିବ। ସେ ଲୁହ ଥମ୍ ଥମ୍ ଆଖିରେ ଛିଡା ହୋଇ ଚାହିଁବ ତାକୁ।

ବେଳେବେଳେ ସେ ଘରକୁ ଆସେ। ମାଆ ସହିତ ଗପସପ ହୁଏ। ହୁଏତ ମାଆର ସ୍ନେହ ଲୋଡେ। ମାଆ ବି କମ୍ ନୁହଁ ଯେ! ସେ ଆସିଲା ମାତ୍ରେ ତା ମୁଣ୍ଡ କୁଣ୍ଡେଇ ଉକ୍ଟୁଣୀ ବାଛିଦିଏ। କଣ କଣ ସବୁ ଔଷଧ ଲଗେଇ ମୁଣ୍ଡ ଧୋଇଦିଏ। ଆଉ କେତେବେଳେ ତାକୁ ସଫାସୁତର କରି ପକାଏ। ସେତେବେଳେ ଦେବା ଈର୍ଷାରେ ଜଡସଡ ହୁଏ। ତା ମାଆ କାଇଁକି ଆଉ କାହାକୁ ଭଲପାଇବ ଯେ! ଆଉ କାହିଁକି କାହାକୁ ତା'ପରି ସ୍ନେହ କରିବ! ମୁହଁ ଓ ମନ ଉଭୟ ଭାରିହୋଇଯାଆନ୍ତି। ମାଆ ସହିତ ପାରୋର ଘନିଷ୍ଠତା ବଢିଯାଇଥିଲା ସେତେବେଳେ। ମାଆ ପାଖକୁ ନ ଆସିଲେ ସେ ବାଉଳା ହୋଇଯାଇଥିଲା। ଆଉ ମାଆ ବି ପାରୋ କାଇଁ ଆସିଲାନି ତା ଦେହମୁଣ୍ଡ କଣ ହେଲା ବୋଲି ବୁଝିବାକୁ ଯାଉଥିଲା। ସେଥିପାଇଁ କେବେକେବେ ମାଆ ଉପରେ ସେ ରାଗେ ତ ପୁଣି କେବେ ପାରୋ ଉପରେ। ସେଦିନ ଖରାବେଳେ ପାରୋ ତାଙ୍କ ଘର ଆଡକୁ ଆସିଲାବେଳେ ସେ ଖତଗଦା ପାଖେ ଛିଡା ହୋଇଥିଲା ଦେବା। ତାକୁ ଦେଖି କହିଲା

ଏ କୁଆଡେ ଯାଉଛୁ କି ଏମିତି ତରବର ହୋଇ?

ମିନି ଖୁଡୀ ମାନେ 'ତୋ ମାଆ' ପାଖକୁ।

କାଇଁକି?

ସ୍କୁଲ୍ ଫ୍ରକ୍‌ର ବୋତାମ ଛିଣ୍ଡିଯାଇଛି ତ..ଖୁଡୀ ଲଗେଇଦେବେ।

କାଇଁ ମୋ ମାଆ କଣ ତୋ ଠିକା ନେଇଛି କି?

ଖୁଡୀ କଣ ଠିକାଦାର? ଠିକାଦାର ମାନେ ହେଲେ ମୋ ବାପା,ଗଗନ ବଡବାପା,ଚନୁ ଦାଦା,ଆଉ ହଁ ଲକି ଭାଇ ବି ଆଜିକାଲି ସେମାନଙ୍କ ସହିତ ପଡି ଠିକାଦାରୀ କଲାଣି। ମିନି ଖୁଡୀ ପରା ସ୍ତ୍ରୀ ଲୋକ। ସେ କେମିତି ଗୋଡି ମାଟି କାମ କରିବ ଯେ!

ତୁ ମୋତେ ଥଟ୍ଟା କରୁଛୁ? ରାଗରେ ଚମକିଗଲା ତା ପାଖକୁ ଦେବା।

ଏଁ..ଥଟ୍ଟା କାଇଁ କରିବି? ତୁ ତ ଟିଙ୍ଗାଟେ। ଓଲଟା ବୁଝିବୁ। ମୁଁ ଯାଏଁ..ତୋ ପାଖେ ଛିଡା ହୋଇ ସମୟ ବୃଥା ନଷ୍ଟ କରିବାକୁ ଚାହୁଁନି।

ଏଇ..ଯାଇପାରିବୁନି?

କାଇଁ ତୋ କଥାରେ? ରାଗିକି ପ୍ରଶ୍ନ କଲା ପାରୋ।

ହଁ ମୋ କଥାରେ।

ତୁ କିଏ କି ମୋତେ ଆଦେଶ ଦେବାକୁ?

ତୋ ମିନି ଖୁଡୀର ପୁଅ,ଜାଣିନୁ କିଲୋ ଛୋପରି। ବେଶୀ ଫୁଲେଇ କାଇଁ ହଉଚୁ! ଦେଖିବୁ ଏଇନେ?

କଣ?

ଖତଗଦାକୁ ଠେଲିଦେବି ଯେ ମଜ୍ଜା ପାଇଯିବୁ।

ତୁ କାଇଁ ଏତେ ରାଗୁଛୁ? ମୁଁ ତୋର ତ କିଛି ଅସୁବିଧା କରୁନି।

ତେବେ ତୁ କାଇଁ ମୋ ମାଆ ପାଖକୁ ସବୁବେଳେ ଯାଉଛୁ?

ତୋର ଏମିତି କଣଟା ସରିଯାଉଛି କି?

ସରିବନି? ସେ ପରା ସବୁବେଳେ ଆଜିକାଲି ତୋତେ ଖୋଜୁଛି।

ସତେ..? ମନି ଖୁଡୀ ମୋତେ ଏତେ ଭଲପାଏ?

ତୋତେ ଖୁସି ଲାଗୁଛି? ରାଗରେ ଜରଜର ହୋଇ କହିଲା ଦେବା।

କାଇଁ ଲାଗିବନି ଯେ! ମୁଁ ବି ଖୁଡୀକୁ ବହୁତ ଭଲପାଏ ଯେ!

ଏତେ ଆଉ ଦେଖେଇହ'ନି। ମୁଁ କଣ ବାପ ସ୍ନେହ ପାଇବାକୁ ତୋ ବାପାଙ୍କ ପାଖକୁ ଯାଏ କି?

ନାଇଁ।

ତାହେଲେ ତୁ କାଇଁ ଆସୁଛୁ? ଆଉ ଆସେନି। ସରଳ କରି ବୁଝାଇ ଦେଲା ଦେବା।

ଏମିତି କାଇଁ ପଥର ହୋଇଯାଉଛୁ ଦେବା। ମୋ ବାପା ସେମିତିକା ଲୋକ ନୁହଁ ଯେ ସ୍ନେହ ବାଂଟିବ। କିନ୍ତୁ ତୋ ମାଆ ବହୁତ ଭଲ। ତାଙ୍କ ସ୍ନେହ ପାଇ ଲୋଭ ହୁଏ। ତୁ ମାଆଟେ ପାଇଛୁ ତ ତେଣୁ ବୁଝିପାରିବୁନି ମାଆର ଅଭାବ କଣ!

(କ୍ରମଶଃ...)




# ନାଁ ନଥିବା ଗୀତର ସ୍ୱର



## ପ୍ରତୀକ୍ଷା ଜେନା

ପକ୍ଷୀ ତୋର ଜାତି କହ,
କହ କହ, ତୋର ଘର, ତୋର ସହର
କି' ଦେଶର ସୀମାରେଖା କହ!

ଯେଉଁ ଗଛର ଫଳ ଖାଉ,
ଯେଉଁ ନଈର ପାଣି ପିଉ,
ଯେଉଁ ଘର ଛାତରେ ଉଡିଯାଇ
ବସିପଡୁ, ତା'ର ଧର୍ମ କହ।
ତୋର ଯଦି ଇଷ୍ଟ କେହିଥାଏ,
ସେ କେଉଁ ଦେବସ୍ଥଳୀରେ ପୂଜାପାଏ କହ!



କହରେ ପକ୍ଷୀ, ତୋର ନାମ କହ!
ନାଁ, କହିଲେ ଚିହ୍ନା ହେବୁ,
ନାଁ କହିଲେ ତୋର ହଜାର ହଜାର ବର୍ଷର
ବଂଶ ଗାରିମା ଖୋଜାହେବ,
ତୋର ଛପନ ପୁରୁଷମାନେ କି କର୍ମ କରିଥିଲେ
କି ପାପ ଅବା ପୁଣ୍ୟର ଭାଗୀଦାର
ହେଇଥିଲେ, ତା'ର ଗୁମର ଖୋଲିବ।
ତୋର ନାଁ କହିଲେ, ତୋର ଜାତି ଜଣାପଡିବ,
ତୋ ପାଇଁ ଅନଶନ ହେବ।

ତୋର ପିଲାଛୁଆ, ତୋର ଆଗାମୀ ଆନେଶୋତ
ପିଢ଼ିଯାଏ ସୁରକ୍ଷିତ ହେବେ।
ତୋର କାଠିକୁଟାର ନୀଡରେ ନୀଳମର୍କତ
ଖଞ୍ଜିଦେବ ସରକାର।
ପ୍ରବାଳ ବିଛେଇ ଦେବ ସାମ୍ନାରେ,
ଖୁଣ୍ଟି ଖାଇବୁ।
ସରକାର ସୁରକ୍ଷିତ କରିଦେବ ତୋର ଡେଣା।
ପକ୍ଷୀ, ଏତେ ଭାର ଡେଣାରେ ବୋହି
ତୁ ଉଡିପାରିବୁ କହ!
ଭିନ୍ନ ପ୍ରଜାତିର ବିରଳ ଅଂଶବିଶେଷ ହୋଇପାରିବୁ
କହ!
ଆଖିରେ ଆକ୍ରୋଶ ନେଇ ବନ୍ଦୀ ହୋଇପାରିବୁ ପକ୍ଷୀ!
ତୋର ଡେଣାରେ ଚଞ୍ଚଳତା ଭରି ଫଗୁ ହେଇ ପାରିବୁ ପକ୍ଷୀ!
କହ ପକ୍ଷୀ, ତୋର ଇଚ୍ଛା କହ।
କେବେ କେବେ ଗୋଟେ ଜାତି କି ବର୍ଣ୍ଣର
ମଣିଷମାନେ ଇଚ୍ଛାକୁ ମୂର୍ଚ୍ଛିଦେଇ ମହାଭାରତୀୟ କାଳରୁ
ଲମ୍ବି ଆସିଥା'ନ୍ତି ପିମ୍ପୁଡିର ଧାର ପରି।
ତାଙ୍କୁ ସୁରକ୍ଷା ଦେବ।
ସଂରକ୍ଷଣ ଦେବ।
କିଏ ହୋ ତମେ, ତାଙ୍କୁ ନା' ଦେବ।
ଛାଡ ପକ୍ଷୀ, ମନେରଖ,
ମରିବାଯାଏ କାହାକୁ ନାଁ କହିବୁନି;
ମିଠା ଫଳ ଭଲ।

*କ୍ୱାର୍ଟର ନଂ-ବି/୨୧୨୭*
*ନାଲକୋ ନଗର, ଅନଗୁଳ*



# ହେ ! ଯମରାଜ ମୋତେ ନେଇଚାଲ

## ଶିବାଶୀଷ ମହାପାତ୍ର

ଉଦୁଉଦିଆ ଖରାବେଳ। ଲୋକଟା ଆମ୍ବ ଗଛ ମୂଳରେ ମନ ଦୁଃଖରେ ବସିଥାଏ। ନିଜର ପୂଣ୍ୟ ବଳରେ ଦିବ୍ୟ ଚକ୍ଷୁ ପାଇଥାଏ? ହଠାତ ନଜର ପଡିଲା ସ୍ୱୟଂ ଯମରାଜ ଦି ହାତରେ ତିନି ଚାରୋଟି ଆତ୍ମାକୁ ଧରି ବିଲ ଆଡେ ଚାଲିଛନ୍ତି। ଜଣଙ୍କୁ ଘୋଷାରି ଘୋଷାରି ନଉଥାଆନ୍ତି। ସେ ଲୋକଟା ଯିବନି ଯିବନି କହି ବହୁତ ନେହୁରା ହଉଥାଏ। ଲୋକଟା ଦଉଡି ଯାଇ ଯମରାଜଙ୍କ ଗୋଡ ତଳେ ଶୋଇଗଲା। କହିଲା

- ପ୍ରଭୁ ମୋତେ ଛାଡି କୁଆଡେ ଯାଉଛନ୍ତି! ମୋତେ ସାଙ୍ଗରେ ନେଇ ଯାଆନ୍ତୁ।

- କାହିଁ ତୋର ପୁଣି କଣ ଅସୁବିଧା ହେଲାକି!

- ପ୍ରଭୁ ଏଠି ବାହା ହବା ଯାଏ ସବୁ ଠିକ୍ ଠାକ୍ ଥିଲା। ବାହାଘରଟା ସରୁ ସରୁ ଆରମ୍ଭ ହେଇଗଲା ସବୁ ଦୁଃଖ।

- କିରେ ଦୁଃଖ କଣ !ତୁ ତ ନାଚ ଗୀତ ବାଜା ବଜେଇ ବାଣ ଫୁଟେଇ ବାହା ହେଇଥିଲୁ।

- ହଁ ପ୍ରଭୁ। ମୁଁ କଣ ଜାଣିଥିଲି ବାହାଘର ପରେ ଏତେ ଦୁଃଖ ଥାଏ ବୋଲି !

- ଆରେ ହେଲା କଣ କହ।

- ପ୍ରଭୁ ! ବେଦୀରେ ବ୍ରାହ୍ମଣ କଥାରେ ସବୁ ଦେବା ଦେବୀଙ୍କୁ ସାକ୍ଷୀ ରଖି ତାକୁ ସବୁବେଳେ ଖୁସିରେ ରଖିବି ବୋଲି ସବୁ ମଡାଚଣ୍ଡିଆଙ୍କ ଆଗରେ କହିଲି। ସାତ ଜନମକୁ ଏମିତି ମାଇପଟେ ମିଳୁ ବୋଲି କହି ହୋମ ନିଆଁ ଚାରିପଟେ ସାତ ଘେରା ପକେଇ ମୁଣ୍ଡିଆ ମାଇଲି।

- ପୁଣି ଅସୁବିଧା ରହିଲା କଉଁଠି !

- ପ୍ରଭୁ ମୁଁ ସିନା ଯେ ସବୁ କଲି। ହେଲେ ନା ସେ କିଛି ଶପଥ କଲା ନା କାହାକୁ କିଛି କଥା ଦେଲା। ତାକୁ ଖୁସିରେ ରଖିବା ମୋର କର୍ତବ୍ୟ ହେଲେ ତାର ମୋ ପାଇଁ କିଛି କରିବାର କି କହିବାର ନାହିଁ। ଓଲଟି ଭାଇକୁ ଶିଖେଇ ମୋ ପିଠିରେ ଗୋଟେ ବିଧା ମରେଇଲା। ବୋଧେ କେଡେ ଜୋର ମୁଁ ସମ୍ଭାଳିପାରୁଛି ପରଖିନେଲା। ପ୍ରଭୁ ! ସେହି ବିଧା ଖାଇବା ଦିନଠୁ ମୋ ଆଖିରୁ ଲୁହ ଗଡୁଛି ଯେ ଗଡୁଛି ବନ୍ଦ ହବାର ନାଁ ଧରୁନି।

- ତୁ ତ କାଠ ହାଣି ଆସିଥିଲୁ। ସାପକାମୁଡାରେ ବଣରେ ମରି ପଡିଥିଲୁ। କେତେ କାନ୍ଦି କୁଟି ସେ ତୋତେ ବଞ୍ଚେଇଲା।ତୋତେ ସାଙ୍ଗରେ ଘରକୁ ନେଇକି ଗଲା।

- ହଁ ପ୍ରଭୁ ସତକଥା। କାନ୍ଦିକୁଟି ନେହୁରା ହେଇକି ମୋତେ ବଞ୍ଚେଇଲା। ସାଙ୍ଗରେ ଘରକୁ ବି ନେଲା। ଘରେ ପହଞ୍ଚୁ ପହଞ୍ଚୁ ମୋତେ ବହେ ଛେଚିଲା। କହିଲା ହଇରେ ମାଇଚିଆ ଅକର୍ମା ତୁ ବଣକୁ କାଠ ପାଇଁ କିଆଁ ଯାଇଥିଲୁ ! ତୋ ଆଖି ଫୁଟିଯାଇଛି ! ଦେଖାଯାଉନି ! ଚୁଲୀ ଲଗେଇ ରାନ୍ଧିବାର କେବେ ମୋତେ ଦେଖିଛୁ! ମୋ ବୋପା ପା ଡବଲ ସିଲିଣ୍ଡର ବାଲା ଗେସଟେ ବାହାଘରକୁ ଦେଇଥିଲା ଖାସ ସେଇଥି ପାଇଁ! ତୋତେ ଯମ ଡାକିଲାଣି ତୁ ମରେ କିଛି କଥା ନାହିଁ। ହେଲେ ଚେକ ବହିରେ ସାଇନ କରିଦେଇ ଯା ମରେ। ମୁଁ ତାକୁ ବଝେଇ କହିଲି ଆଲୋ ମୋ ସୁକୁଟା ବୋଉ ମୁଁ ମଲେ ପା ତୁ ସବୁ ପାଇବୁ। ବେଙ୍କ ପଇସା କଣ କିଏ ନେଇଯିବନା କଣ ! ମୁଁ ମରିଗଲେ ପା ସବୁ କିଛି ତୁ ହିଁ କେବଳ ଭୋଗ କରିବୁ। ପ୍ରଭୁ ! କଣ କହିବି ଏତିକି ଶୁଣୁ ଶୁଣୁ ମୋତେ ଯାହା ହାତରେ ଛେଚୁଥେଲା, ଯେ ଥର ଗୋଡରୁ ଲୁଗା ଟେକିଲା। ଗୋଇଁଠା ପରେ ଗୋଇଁଠା । ପ୍ରଭୁ କଣ ଆଉ ସେ କଥା କହିବି !

- କିରେ ଯେ କି କଥା । ତୁ ମଲା ପରେ ତ ସବୁ ସମ୍ପତି ତାର। ସେଥିରେ ପୁଣି କାହିଁକି ବେଶୀ ରାଗିଲା !

- ପ୍ରଭୁ ତା କହିବା କଥା ମୁଁ ମଲା ପରେ ଲିଗାଲ ହେୟାର ସାର୍ଟିଫିକେଟ ବାହାରୁ ବାହାରୁ ମାସେ କି ଦି ମାସ ଲାଗିବ। ସେ କଣ ସେତିକି ଦିନ ଧଳା ଲୁଗା ପିନ୍ଧିକି ବୁଲିବ !ବ୍ଲକ୍ କି ବେଙ୍କ୍‌କୁ କଣ ଧଳା ଲୁଗା ପିନ୍ଧିକି ଯିବ! ତା କହିବା କଥା ମଡାଚଣ୍ଡିଆ ମଶାଣୀରୁ ଫେରିବା ଆଗରୁ ତାର ଆଉ ଗୋଟେ ମେରେଜ କରିବାର ଅଛି। ଥରେ ଧଳା ଲୁଗା ପିନ୍ଧିସାରିଲା ପରେ ଆଉ ରଂଗୀନ ଲୁଗା ପିନ୍ଧିଲେ ଲୋକେ କଣ କହିବେ! ଖରାପ ଭାବିବେନି !

- ସେଇଠୁ !

- ପ୍ରଭୁ ! ପୁରା ଚେକବହିଟାରେ ମୋ ସାଇନ କରେଇ ମୋତେ କହିଲା %ଯା ବାଡିପଡା। ଏବେ ବଣକୁ ଯା। ସେଇଠି ମରେ। ତୋତେ ସାପ ଖାଉ କି ତୁ ସାପକୁ ଖା।ମୋର ଆଉ କିଛି ଚିନ୍ତା ନାହିଁ।% ପ୍ରଭୁ ମୋର ଆଉ ଇଛା ନାହିଁ ବଞ୍ଚିବାକୁ। ମୋତେ ନେଇଯାଅ ପ୍ରଭୁ।

- ଆରେ କଣ ଏମିତି ତୁ କହୁଛୁ !

- ପ୍ରଭୁ ! ହେଇ ଦେଖ। ସେ ମୋ ଆଡକୁ ଆସୁଛି । ହାତରେ କଣ ଗୋଟେ ସାପ ପେଡିଟେ ଧରିକି ଆସୁଛି ନା କଣ। ବୋଧେ ମୋ ଉପରକୁ ସାପଟାକୁ ଫୋପାଡିକି ଯିବ! ପ୍ରଭୁ ସାପ କାମୁଡିବା ଆଗରୁ ମୋତେ ନେଇଚାଲ ପ୍ରଭୁ। ମୁଁ ଆଉ ବଞ୍ଚିବାକୁ ଚାହୁଁନି ପ୍ରଭୁ। ଆଉ ତା ମାଡ ଗାଳି ସମ୍ଭାଳି ପାରୁନି ପ୍ରଭୁ। ମୋତେ ନେଇଯାଅ ପ୍ରଭୁ। ମୋର ଆଉ ଯେ ହିନିମାନିଆ ଜୀବନ ଦରକାର ନାହିଁ।

*ମୋ- ୭୮୦୯୨୫୮୮୨୦*

ଆଗରୁ ହସୁ ନଥିବା ଓ ଟିକିଏ କଥାରେ
ମୁହଁ ଲୁଚେଇ କାନ୍ଦୁଥିବା ଝିଅ
ଜୀବନର କାଉଁରୀ ସ୍ପର୍ଶରେ ଆଉ ଥରେ
ହସିବା ଆରମ୍ଭ କରିଛି।
କିଛି ଗୋଟେ ଘଟଣା ପରେ
ଏକୁଟିଆ ରହିବାକୁ ଭଲ ପାଉଥିବା ଝିଅ
ଏବେ ଟିକେ ମିଶିବା ଆରମ୍ଭ କରିଛି
ଆଗରୁ ଟିକେ କଥାରେ ନାକ ନାଲି କରୁଥିବା
ଝିଅ, ଏବେ ଅନେକ କଥାରେ ହସୁଛି।
କେତେଜଣ ନିଷ୍ଠୁର ଲୋକଙ୍କ ପାଇଁ
ଦୁନିଆକୁ ଘୃଣା କରୁଥିବା ଝିଅଟି
ଏବେ ସମାଜ ମନସ୍କ ହେବା ଆରମ୍ଭ କରିଛି
ପରିବାର ପରିବେଶ ସାଙ୍ଗସାଥି ମାନଙ୍କ ସହ
ପୂର୍ବାପେକ୍ଷା ବେଶୀ ମିଶିବା ଆରମ୍ଭ କରିଛି।
ଆଗଭଳି ଆଉ ସେ କାନ୍ଦୁନି
ଅନେକ କିଛି ଏବେ ହସି ହସି ସାମ୍ନା କରୁଛି
ଆଗ ଭଳି ଚୁପ ହେଇ ବସୁନି
ଏବେ କଥା କଥାକେ ହସୁଛି।
ଦିନେ ଅନ୍ଧାରକୁ ଆଦରି ନେଇଥିବା ଝିଅ
ଏବେ ବେଶୀ ବେଶୀ ବହି ପଢୁଛି
ଘରୁ ବାହାରୁ ନଥିବା ଝିଅଟି
ଏବେ ବୁଲିବାକୁ ମନ କରୁଛି।
ଆଗଭଳି ଅଝଟ ହେଉନି
ଅତୀତର ଖୋଳପା ଭିତରୁ ବାହାରି
ହଠାତ ବଡ ହେଇଯାଇଛି ନିଜଠୁ ଅଧିକା
ସମସ୍ତଙ୍କ କଥା ବୁଝିପାରୁଛି।
ଝିଅ ପୁଣି ହସିବା ଆରମ୍ଭ କରିଛି
ମନ ଖୋଲି ହସି ପାରୁନି ସିନା
ପଛକଥା ଭୁଲିବାକୁ ଅହରହ ଚେଷ୍ଟା କରୁଛି
ନିଜକୁ ବଦଳେଇବାକୁ ଯାଇ





# ହସକୁରୀ ଝିଅ

## ସଚ୍ଚିଦାନନ୍ଦ ବାରିକ



ଏବେ ଅନେକ କିଛି ନୂଆ କରୁଛି
ଦିନେ ମୋ ଦେଇ ହେବନି କିଛି
କିଛି କରିପାରିବିନି କହୁଥିବା ଝିଅଟି
ଏବେ ନିଜକୁ ନିଇତି
ନୂଆ ରୂପରେ ପରଖିବାକୁ ଚେଷ୍ଟା କରୁଛି।
ହସକୁ ଭୁଲି ଯାଇଥିବା ଝିଅଟି
ଏବେ ପୁଣି ହସିବା ଆରମ୍ଭ କରିଛି
ଆଗରୁ ଟିକେ କଥାରେ ଡରୁଥିବା ଝିଅ
ଏବେ ପୁଣି ଭରସିବା ଆରମ୍ଭ କରିଛି
ଆଗରୁ ସବୁ କଥାକୁ ଧରୁଥିବା ଝିଅ
ଏବେ ଅନାବଶ୍ୟକ କଥାକୁ
ବାଏଁ ବାଏଁ ଉଡେଇବା ଶିଖି ଯାଇଛି
କିଏ କ'ଣ ଭାବିବ ବୋଲି ଭାବୁଥିବା ଝିଅ
ଏବେ ବିନ୍ଦାସ୍ ରହିବାକୁ ଭଲ ପାଉଛି।
ଦୁଃଖକୁ ଯିଏ ଅଙ୍ଗେ ନିଭେଇଛି
ସିଏ ହିଁ ହସିପାରେ ମନଖୋଲା ହସ
ଆଗରୁ ତାକୁ ଦେଖି ଦେଖି
ଅଭ୍ୟସ୍ତ ହୋଇଯାଇଥିବା ଦୁନିଆ
ତା'ର ଏ ପରିବର୍ତ୍ତନ ଦେଖି ଭ୍ରମରେ ପଡିଛି।
ସିଏ ହସେ ସିନା
ତା' ଆଖି ଛଳ ଛଳ ହେଇଯାଏ
ଚଷମା ଭିତରେ / ଜାଣି ପାରିଲେ
ହସି ଦେଇ ମୋଡ ବଦଳାଏ କଥାରେ।

*ଝୁମ୍ପୁରା, କେନ୍ଦୁଝର*

# ସ୍ୱପ୍ନ

## ଆଭାଷ କୁମାର ବରାଳ



ସ୍ୱପ୍ନଟା ପଚିଶ ବର୍ଷ ପରେ ମୁଁ ପୁଣି ଦେଖିବି ବୋଲି ଜମା ଜାଣିନଥଲି। ଠିକ୍ ପଚିଶ ବର୍ଷ ତଳେ ଗୋଟାଏ ସ୍ୱପ୍ନ ଦେଖିଥଲି ଏବଂ ଆଜି ବି ସେଇଠି ମୋ ନିଜକୁ ପାଇଲି, ଆଉ ଗୋଟେ ସ୍ୱପ୍ନାରେ କିନ୍ତୁ ପଚିଶ ବର୍ଷ ପରେ। ସବୁ ସେମିତି ଥିଲା, ସେମିତି ଯେମିତି ପଚିଶ ବର୍ଷ ତଳେ ମୁଁ ଛାଡିଥିଲି। ହେଲେ ବଦଳି ଯାଇଥିଲା। ସମୟ ... ସ୍ୱପ୍ନର ସମୟ ଆଉ ସ୍ୱପ୍ନରେ ଥିବା ଚରିତ୍ର ମାନଙ୍କର ସମୟ ...। ସ୍ୱପ୍ନଟା ଥିଲା ଏମିତି : ଯେ ମୁଁ ଯାଉଥିବା ରାସ୍ତାଟା ହଠାତ ବନ୍ଦ ହେଇ ଯାଇଥଲା। ବୋଧହୁଏ ରାସ୍ତାଟା ସେଇଠି ସରି ଯାଇଥିଲା। ଆଗକୁ ନ ଯାଇ ପରି ମୁଁ ସେଇଠି ମୋ ଗାଡିଟିକୁ ସେଇଠି ସେମିତି ରଖିଦେଇ ବାଟ ଖୋଜିଲି। ରାସ୍ତାର ବାମ ପାଖରେ ଗୋଟିଏ ଘରର ଫାଟକ। ମୁଁ ସେଇ ଫାଟକ ଟପିଲି। ଫାଟକ ପରେ ଗୋଟିଏ ଲମ୍ବ ବଗିଚା। ମାନେ ପଡୁନି ଯେ ବଗିଚାରେ ଆଉ କିଛି ଗଛଥିଲା କି ନାହିଁ। କିନ୍ତୁ ମନେ ପଡୁଛି ଗୁଡିଏ କେନା ଗଛ ଫୁଲରେ ଭର୍ତ୍ତି ହେଇଥିଲା। ସେଇଠି କିଛି ସମୟ ପାଇଁ ମୁଁ ଅଟକି ଗଲି। ମୋତେ ଲାଗିଲା ଯେମିତି ଏଇ ଜାଗା ଟିକୁ ମୁଁ ଆଗରୁ ଆସିଛି। କାରଣ ସେଇ କେନା ଗଛର ସେଇ ସେମିତି ଫୁଟିଥିବା ଫୁଲକୁ ମୁଁ ଆଗରୁ ଦେଖିଛି। ତେବେ ମୁଁ ଆଗକୁ ଚାଲିଲି ଯଦିଓ କାହିଁକି ଚାଲୁଥିଲି ମୁଁ ଜାଣି ନଥିଲି।

ସ୍ୱପ୍ନର ବି କ'ଣ କିଛି ଅର୍ଥ ଥାଏ? କେଜାଣି ଥିବ ପରା। ତେବେ ମୁଁ ଚାଲୁଥିଲି ଆଗକୁ। ଆଗରେ ଗୋଟିଏ ଘର। ଘରର କବାଟ ବୋଧେ ଖୋଲା ଥିଲା। ମୁଁ ତ ଭିତରେ ପଶିଲି। ସତେ ଯେମିତି ଆଗରୁ ମୁଁ ଜାଣିଥିଲି ଯେ ତ ଭିତରକୁ ଯିବାକୁ ହେବ। ମୁଁ ପାଶୀଲ ପରେ ଜଣେ କେହି ଆସିଲେ। ଜଣେ ମହିଳା। ସେ ମୋ ମୁହଁକୁ ଚାହିଁଲେ। ହୁଏତ ଜାଣିବାକୁ ଯେ ମୁଁ କୁଆଡେ ଆସିଛି। ମୁଁ ତାଙ୍କୁ କିଛି କହିବା ଆଗରୁ ଆଉ ଜଣେ ମହିଳା ଆସିଲେ। ସେ ମୋତେ ଦେଖି ହଠାତେ କହିଲେ ଆପଣ? ମୁଁ କହିଲି ମୋତେ କ'ଣ ଆପଣ ଜାଣିଛନ୍ତି? ସେ କହିଲେ ହଁ ମୋର ମନେ ଅଛି। ଆପଣ ଆଗରୁ ଏଠାକୁ ଆସିଥିଲେ। ବହୁତ ଦିନ ତଳେ। ସେତେବେଳେ ମୁଁ ସ୍କୁଲରେ ପଢୁଥିଲି। କହିବାପରେ ଅନ୍ୟ ମହିଳାଙ୍କୁ ଚାହିଁ କହିଲେ... ତୁ କ'ଣ ତାଙ୍କୁ ଚିହ୍ନି ପାରୁନୁ?

ଅନ୍ୟ ମହିଳା ଜଣକ ମନା କଲେ। ସେ ମୋତେ କି ମୁଁ ତାଙ୍କୁ ମୋଟେ ଚିହ୍ନି ପାରୁନଥିଲି। ଘରର ଭିତରେ ଆମେ ଗୋଟେ ପାହାଡ ପାଖକୁ ଗଲୁ। ସେଇଠୁ ତଳକୁ ଓହ୍ଲୋଇବାକୁ ହେଲା। ମୋର କିଛି କିଛି ମନେ ପଡୁଥିଲା ସେଇ ଘରର ନକ୍ସା। ପାହାଡ ଓହ୍ଲେଇବା ପରେ ଗୋଟେ ବଡ ଅଗଣା। ସେଇଠି ଆମେ ଆସି ଠିଆ ହେଲୁ।

ମୋତେ ଜାଣି ପାରିଥିବା ମହିଳା ଜଣକ ପଚାରିଲେ - ଆପଣ କ'ଣ ଆଜିଯାଏ ସେ ଚୋରିର କାଠ କିଛି ଜାଣି ପାରିଲେନି? ମୁଁ ମନା କଲି। କାରଣ କେଉଁ ଚୋରି କଥା ସେ କହୁଥିଲେ ମୁଁ ଜାଣି ପାରୁନଥିଲି। ସେ ପୁଣି କହିଲେ, ବାପା ତ ଆଉ ଚାକିରିରେ ନାହାନ୍ତି। ସେ କୋଉ କାଳରୁ ଅବସର ନେଇ ସାରିଲେଣି। ଏବେ ତ ସେ ଆଉ ଚଲାଚଲି କରିପାରୁନାହାନ୍ତି।

ସେତିକି ବେଳେ ଅନ୍ୟ ମହିଳା ଜଣକ ହୁଏତ ମନେ ପକେଇଲେ ଘଟଣାଟିକୁ। ସେ କଥା ଉଠାଇ କହିଲେ - ସେ କଥା ତ ପଚିଶ ବର୍ଷ ତଳର। ଆପଣ ବୋଧହୁଏ ସେତେବେଳେ ଗୋଟିଏ କଲେଜରେ ଚାକିରି କରୁଥିଲେ। ମୁଁ ହଁ ଭରିଲି। କାରଣ ମୋର ବି ମନେ ପଡୁଥିଲା ପଚିଶ ବର୍ଷ ତଳେ ମୁଁ ଆସିଥିଲି ଏଇ ଘରକୁ।

ସେହି ମହିଳା ଜଣକ ପଚାରିଲେ - ଏବେ ଆପଣ କେଉଁଠିଐ ମୁଁ କହିଲି ଯେ, ମୁଁ ସେଇଛି ଅଛି। ସେ ପୁଣି ପଚାରିଲେ - ସେତେବେଳେ ଯିଏ ଅଧକ୍ଷ ଥିଲେ ସିଏ? ମୁଁ କହିଲି - ସିଏ ତ ବହୁତ ଦିନ ହେଲା ଅବସର ନେଲେଣି। ସେ ପଚାରିଲେ - ତେବେ ଆପଣ କ'ଣ ସେ ଚୋରି କଥା ଏବେଯାଏଁ ସମାଧାନ କରିନାହାନ୍ତିଐ ମୁଁ କହିଲି କହି ପାରିବିନି। କାରଣ ମୁଁ ଆଉ ସେ କଥା କିଛି ଭାବିନି। ହୁଏ ତ ସେଇଟା ଆପେ ଆପେ ସମାଧାନ ହେଇଥିବ। କିମ୍ବା ସମୟ ତାକୁ ସମାଧାନ ତ ପରିସର ବାହାରକୁ ନେଇ ଯାଇଥିବ। କିନ୍ତୁ ମୋର ଆଉ ସେ କଥା ଭାବିବା ବି କିଛି ଦରକାର ପଡିନି। ତେବେ ଆଜି ପୁଣି କେମିତି ଆସିଲେ? ସେ ପଚାରିଲେ। ମୁଁ କିଛି କହି ପାରିଲିନି। କାରଣ ବି ମୋତେ ଜଣାନଥିଲା... ହୁଏତ ଏଇ ଜାଗାଟିକୁ ଆସିବାକୁ ମୋ ରାସ୍ତା ତ ବନ୍ଦ କରି ଦିଆଯାଇଥାଏ। ହୁଏତ ରାସ୍ତା ବନ୍ଦ ନଥିଲା ମୁଁ ଏଠି ଆସି ପହଞ୍ଚି ପାରିନଥାନ୍ତି। ଖାଲି କହିଲି - ସେ ଅଧକ୍ଷ ଅନେକ ଦିନରୁ ମରି ଗଲେଣି। ଏବେ ଯିଏ ଅଧକ୍ଷ, ହୁଏ ତ ତାଙ୍କୁ ମୁଁ ଲୁଚିବାକୁ ଯାଇ ଏଠାକୁ ପଳେଇ ଆସିଛି। ହୁଏତ ମୁଁ ବାଟ ଖୋଜୁଛି। ତେଣୁ ପଚାରିଲି, ବାପାଙ୍କୁ ଦେଖି ପାରିବି? ସେମାନେ ଏକ ସଙ୍ଗେ ମନା କଲେ। କହିଲେ ନାହିଁ। ତାଙ୍କୁ ଦେଖା କଲେ ବି ଆପଣ କିଛି ପାଇବେନି। ସେପରି ଅବସ୍ଥାରେ ବି ସେ ଆଉ ନାହାନ୍ତି। ମୁଁ ମଥା ହଲାଇଲି। ମୋର ସେଇଠି ମନେ ପଡିଲା ଯେ, ବହୁତ ଦିନ ତଳେ ମୁଁ ଗୋଟିଏ ସ୍ୱପ୍ନ ଦେଖିଥିଲି। ସ୍ୱପ୍ନଟି ଏମିତି ଥିଲା। : ଯେ ମୁଁ ମୋର ଅଧକ୍ଷ ମୋତେ ଗୋଟିଏ ଚୋରିର ଅନୁସନ୍ଧାନ ଦାୟିତ୍ୱ ଦେଇଥିଲେ। ତାରି ପଛରେ ଅଶି ମୁଁ ଏଠି ପହଞ୍ଚିଥିଲି। ସେତେବେଳେ ଏଇ ଝିଅମାନେ ଖୁବ କମ ବୟସର ଥିଲେ। ସେତେବେଳେ ସେମାନେ ତିନିଜଣ ଝିଅ ଥିଲେ। ପାଖରେ ତାଙ୍କର ମା' ବି ଥିଲେ। ସେମାନଙ୍କ ବାପା ରେଳବାଇ ବିଭାଗର ଆରକ୍ଷୀ ବିଭାଗର କିଛି ଗୋଟିଏ ବଡ ଚୌକିରେ ଥିଲେ ଏବଂ ଚୋରୀ ଟି ସେଇ ରେଳବାଇ ଓ ଗୋଟିଏ ଛାତ୍ରୀଙ୍କୁ ନେଇ ସେମିତି କିଛି ଥିଲା। ମୋର ଆଉ କିଛି ମନେନାହିଁ। ସେତେବେଳେ ବି ମୁଁ ସେଇ ମୋତେ ଚିହ୍ନି ପାରିଥିବା ମହିଳାଟିର ପ୍ରେମରେ ପଡିଥିଲି। କିନ୍ତୁ କିଛି କହିନଥିଲି। ଏବେ ହୁଏତ ସେ କଥା କହିବାକୁ ଆସିଥିଲି। କିନ୍ତୁ ସେହି କହିବାର ଆଉ ଆବଶ୍ୟକତା ଆଉ ମୁଁ ମନେ କଲିନି। ଯା ଭିତରେ ପଚିଶ ବର୍ଷ ବିତି ଯାଇଥିଲା। ସ୍ୱପ୍ନରେ ବି ଚରିତ୍ର ମାନଙ୍କର ବୟସ ବଦଳି ଯାଇଥିଲା। ହୁଏତ ସ୍ୱପ୍ନଟି ସେଇଠି ରହିଲା। ସ୍ୱପ୍ନର ବିକଣ କିଛି ଆରମ୍ଭ ଆଉ ଶେଷ ଥାଏ କି।

(ଏଠି କହିବା ଦରକାର ଯେ ମୋ ନିଜ ବାହାଘରକୁ ଏବେ ପଚିଶ ବର୍ଷ ପୁରିଲା। ମୋ ସ୍ତ୍ରୀକୁ ଯା ଭିତରେ ଅନେକ ବର୍ଷ ପୁଣି ଗଲାଣି କିନ୍ତୁ ମୁଁ ଆଜି ପର୍ଯ୍ୟନ୍ତ ତାକୁ ଭଲପାଏ ବୋଲି କହି ପାରିନି ... ଆଉ ଯେଉଁ ଘରକୁ ଯାଇଥିଲି ସେଇ ଘର ତ ମନୋଜର ଘର ଭଳି ମୋତେ ଲାଗୁଥିଲା ... ମନୋଜର ଦୁଇଦିନ ତଳେ ପୁଅ ମରି ଯିବାରୁ ତା'ଘରକୁ ଯାଇଥିଲି। ଯୋଉଠି ରାସ୍ତାଟିଏ ସରିଯାଇଥିଲା ସେଇଠି ବାଁ ପାଖ ଶେଷ ଘରଟା ତାର। ଆଉ ସେ ଘରକୁ ମୋତେ ହୁଏତ ଯିବାକୁ ପଡିବନାହିଁ)

*ଭୁବନେଶ୍ୱର*
*୯୯୩୭୧୬୦୮୬୬*

# ବିଶ୍ୱାସର ସଜଫୁଲ

## ପ୍ରବୀଣ କୁମାର କବି



ବିଶ୍ୱାସର ସଜଫୁଲଟି
ଏଠି ଫୁଟୁଫୁଟୁ ମଉଳିପଡେ
ଠିକ୍ ଗୋଟେ ମଲା-ନିଦର
ସୁନୀଳ ସ୍ୱପ୍ନ ପରି,
କିଛି ବୁଝନ୍ତିନି
କିଛି ବୁଝି ବି ବୁଝନ୍ତିନି
ତାର ଅସହାୟତାକୁ,
ସ୍ୱାର୍ଥର ମହୁଲି ନିଶାରେ ହେଉ
କିବା ହେଉ ଅବା ଭୟର ଚାବୁକ୍ ମାଡରେ।
ସବୁଜାଣି ସୁଦ୍ଧା
ମାଳି କିନ୍ତୁ ଅଜଣା ହେବାର
ମୁସ୍କିଲ୍ ଅଭିନୟ କରେ
ମୁହଁରେ ଧଳା-ନାଲିମିଶା ମେଞ୍ଚାଏ
ପାଉଡର ବୋଳି,
ଦର୍ଶକ ବିଚରା ଏଠି ନିରବ, ନିଶ୍ଚଳ
ଖାଲି ଆଶା ବିଶ୍ୱାସର ତାଳି ମାରନ୍ତି,
ବାହାବାହା କରନ୍ତି
ତାର ସେ ମିଛ କାହାଣୀରେ ବିଭୋର ହୋଇ।



ଶେଷରେ,
ମଉଳା ଫୁଲଟା
ଅଣନିଶ୍ୱାସୀ ହୋଇପଡେ
ମାନବିକତାର ଅନୁପସ୍ଥିତିରେ,
ଆଉ ସ୍ୱାର୍ଥ ଏବଂ ଭୟର ଭୟଙ୍କର ଅଙ୍କ କସାରେ
ଏଠି ଫେଡିହୋଇଯାଏ ନ୍ୟାୟ
ଏବଂ ଝଡିପଡେ ଫୁଲ
ଆଉ ଝଡିପଡେ ବିଶ୍ୱାସ...।



*ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ*
*ପତିତପାବନ ମହାବିଦ୍ୟାଳୟ*
*ଆନନ୍ଦପୁର, କେନ୍ଦୁଝର*
*ମୋ : ୭୬୦୯୦୭୭୦୨୩*

## ଜିଲ୍ଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ

**ଭବାନୀପାଟଣା :** ଜିଲାସ୍ତରିୟ ବିଶ୍ୱରେଡକ୍ରସ ଦିବସ ମଙ୍ଗଳବାର ଦିନ ପାଳିତ ହୋଇଛି । ଏହି ଅବସରରେ ସକାଳେ ଏକ ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ଅଞ୍ଜନ କୁମାର ମାଣିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପରେ ଜିଲାପାଳଙ୍କ ସମ୍ମିଳନିକକ୍ଷରେ ଏକ ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅଞ୍ଜନ କୁମାର ମାଣିକ, ଅତିରିକ୍ତ ଜିଲ୍ଲାପାଳ ଚନ୍ଦ୍ରମଣି ବଡନାୟକ, ସିଡିଏମଓ ସରୋଜ କୁମାର ତିଆଡି, ରେଡକ୍ରସର ଅବୈତନିକ ସମ୍ପାଦକ ତଥା ଆସିଷ୍ଟାଣ୍ଡ କଲେକଟର ବାସନ୍ତି ସେଠୀ, ପ୍ରୋଗ୍ରାମ ଅଫିସର ଓଏସଡିଏମଏ ଗୀତାଞ୍ଜଳି ସା, ଜିଲା ଶିଶୁ ମଙ୍ଗଳ ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଓ ମା ମାଣିକ୍ୟେଶ୍ୱରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ପ୍ରମୁଖ ଯୋଗଦେଇ ଜନଜେନେରୀ ଡୁନାଣ୍ଟଙ୍କୁ କୃତଜ୍ଞତା ଜଣାଇବା ସହ ଭାରତୀୟ ରେଡକ୍ରସ ସୋସାଇଟି କଳାହାଣ୍ଡି ଶାଖା ପକ୍ଷରୁ ବିପର୍ଜୟ ପ୍ରପିଡିତ ଅସୁରକ୍ଷିତ ଓ ଯେ କୌଣସି କାରଣରୁ ଦୁର୍ଦ୍ଦଶାଗ୍ରସ୍ତ ଜନସାଧାରଣଙ୍କର ଉଦ୍ଧାର ଓ ସାହାଯ୍ୟ ପାଇଁ ଯେଉଁ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଅବଗତ କରିଥିଲେ । ପରେ ଅବୈତନିକ ସମ୍ପାଦକ ତଥା ଆସିଷ୍ଟାଣ୍ଡ କଲେକଟର ବାସନ୍ତି ସେଠୀ ବାର୍ଷିକ ବିବରଣିରେ ପ୍ରକାଶ କରିଥିଲେ ଯେ ଗତ ଆର୍ଥିକ ବର୍ଷ ୨୦୧୭-୧୮ ରେ ସଂସ୍ଥା କୁ ଦାନ ବାବଦକୁ ଟ. ୧୭,୫୪.୨୭୫ ଓ ଅନ୍ୟାନ୍ୟ ବାବଦରେ ଟ. ୧୨,୩.୪୭୧, ଏହିପରି ସର୍ବମୋଟ ୨୦୧୭-୧୮ ଆର୍ଥିକ ବର୍ଷ ରେ ଟ. ୨୯୩୭୪୬ ମିଳିଛି ।

## ଅପହର୍ତ୍ତାଙ୍କ କବଳରୁ ଖସିଆସିଲେ ସ୍କୁଲ ଛାତ୍ର



**ଖୋରଧା :** ବେଗୁନିଆ ଥାନା ଅଧିନସ୍ଥ କଣ୍ଟାବାଡ଼ ଗ୍ରାମର ୯ମ ଶ୍ରେଣୀରେ ପଢୁଥିବା ଛାତ୍ର ସୁବାଶିଷ ପାଣିଗ୍ରାହୀ (୧୪) ଅତି ଚତୁରତାର ସହିତ ଅପହର୍ତ୍ତାମାନଙ୍କ କବଳରୁ ଖସି ଆସିବାରେ ସକ୍ଷମ ହୋଇଛନ୍ତି। ଗତ ଫେବୃୟାରୀ ୪ ତାରିଖରେ ନିଜ ଗ୍ରାମ ନିକଟସ୍ଥ ଏକ ପୋଖରିକୁ ଗାଧେଇବାକୁ ଯାଇଥିବା ସମୟରେ ଅପହରଣକାରୀମାନେ ସୁବାଶିଷକୁ ଅପହରଣ କରିନେଇଥିଲେ। ବହୁ ଖୋଜା ଖୋଜି ପରେ ସୁବାଶିଷଙ୍କୁ ନ ପାଇ ପରିବାର ଲୋକେ ବେଗୁନିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେଶ ନଂ.୩/୧୮ରେ ଏକ ଅପହରଣ ମାମଲା ରୁଜୁ କରି ଚୁପ୍ ହୋଇ ବସି ରହିଥିଲା। ସୁବାଶିଷଙ୍କ ସୂଚନା ମୁତବକ ଅପହରଣକାରୀମାନେ ତାଙ୍କ ଜେଜେଙ୍କର ଦୁର୍ଘଟଣା ହୋଇଛି କହି ତାଙ୍କୁ ଡ଼ାକି ନେଇଥିଲେ। କିଛି ବାଟ ଗଲାପରେ ସେମାନଙ୍କ କାର୍ଯ୍ୟକଳାପରେ ସନ୍ଦେହ ପ୍ରକଟ କରି ଖସି ଆସିବାକୁ ଚେଷ୍ଟା କରିବା ସମୟରେ ଅପହରଣକାରୀମାନେ କିଛି ରାସାୟନିକ ଦ୍ରବ୍ୟ ତାଙ୍କ ମୁହଁକୁ ଫୋପାଡ଼ି ଅଚେତ କରିଦେଇଥିଲେ। ଚେତା ଫେରିବା ପରେ ସେ ଜାଣିବାକୁ ପାଇଥିଲେଯେ, ତାଙ୍କୁ ଏକ ଘରେ ହାତ ଗୋଡ଼ ବାନ୍ଧି ରଖାଯାଇଛି। ସେହି ଅଞ୍ଚଳ ପୁରୀ ବୋଲି ସେ ଜାଣିବାକୁ ପାଇଥିଲେ। ଅପହରଣକାରୀମାନେ ଦିନ ରାତ୍ରି ତାଙ୍କୁ ଜଗି ରହୁଥିଲେ। ଅପହରଣକାରୀମାନଙ୍କର ଅନୁପସ୍ଥିତିରେ ସୁଯୋଗ ନେଇ ସେ ସେଠାରୁ ଖସି ଆସିଥିଲେ। ଖସିଆସିବା ସମୟରେ ଅପହରଣକାରୀମାନଙ୍କର ଏକ ବ୍ୟାଗ ନେଇ ଚାଲି ଆସିଥିଲେ। ସେଥିରେ ତିନୋଟି ମୋବାଇଲ ଫୋନ୍ କିଛି ଟଙ୍କା ପ୍ୟାଣ୍ଟ ସାର୍ଟ ଥିଲା। ସେ ଅଟକ ଥିବା ସ୍ଥାନରୁ ପୁରୀ ବସଷ୍ଟାଣ୍ଡକୁ ଆସି ସେଠାରୁବସରେ ଭୁବନେଶ୍ୱରକୁ ଚାଲିଆସିଥିଲେ। ବ୍ୟାଗରୁ ଅପହରଣକାରୀମାନେ ବ୍ୟବହାର କରୁଥିବା ମୋବାଇଲ ଫୋନରୁ ତାଙ୍କ ମାମୁଁଙ୍କୁ ଫୋନ୍ କରିଥିଲେ। ଅପହରଣକାରୀମାନଙ୍କ କବଳରୁ ଖସି ଆସି ରାଜଧାନୀ କଲେଜ ନିକଟରେ ଅଛନ୍ତି ବୋଲି ନିଜ ମାମୁଁଙ୍କୁ ଫୋନ ମାଧ୍ୟମରେ କହିଥିଲେ। ପରିବାର ବର୍ଗ ଏକ କାର ଯୋଗେ ଭୁବନେଶ୍ୱର ଯାଇ ସୁବାଶିଷଙ୍କୁ ଆଣି ଖୋରଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଉପସ୍ଥିତ ହୋଇ ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ। ଏ ସମସ୍ତ ଘଟଣାଟିକୁ ତଦନ୍ତ କରି ଅପହର୍ତ୍ତାମାନଙ୍କୁ ନିଶ୍ଚୟ ଗିରଫ କରାଯିବ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୀପ୍ତିରଂଜନ ରାୟ ପ୍ରକାଶ କରିଛନ୍ତି।

## ନିଲମ୍ବିତ ୪ଥ ଶ୍ରେଣୀ କର୍ମଚାରୀଙ୍କ ଅନଶନ

**ଭବାନୀପାଟଣା :** ଓଡିଶା ଆଦର୍ଶ ବିଦ୍ୟାଳୟ ଅଧିନସ୍ଥ କଳାହାଣ୍ଡି ଶାଖାର ୧୩ ଗୋଟି ବ୍ଲକରେ ପରିଚାଳିତ ଆଦର୍ଶ ବିଦ୍ୟାଳୟରେ ଗତ ୨୨ ମାସ ଧରି କାର୍ଯ୍ୟରତ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ କୌଣସି କାରଣ ନଥାଇ ନିଲମ୍ବିତ କରିଥିବା ଜଣାଯାଇଛି । ଗ୍ରୁପ ୫ ସେବାସଂସ୍ଥା ଜରିଆରେ ନିଯୁକ୍ତି ପାଇଥିବା ୩୯ ଜଣ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପୁଣି ଥଇଥାନ କରିବାସହ ସେମାନଙ୍କର ୧୦ ମାସର ବକେୟା ଦରମା ଓ ଇପିଏଫ୍ ଦାବୀ ନେଇ ସୋମବାର ଠାରୁ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୪ ଘଣ୍ଟିଆ ଅନଶନ ଧାରଣା ଜାରି ରହିଛି। ଏହିସବୁ ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଅନଶନ ଓ ଗଣଧାରଣ ଦିଆଯିବ ବୋଲି କର୍ମଚାରୀ ସଂଘ ତରଫରୁ ପ୍ରକାଶ ପାଇଛି । ସୂଚନା ଯୋଗ୍ୟରେ ଗତକାଲି କଳାହାଣ୍ଡି ଜିଲ୍ଲାପାଳ ଅଞ୍ଜନ କୁମାର ମାଣିକଙ୍କ ସହ କର୍ମଚାରୀ ସଂଘ ତରଫରୁ ଆଲୋଚନାହୋଇ ଦାବୀମାନ ଉପସ୍ଥାପନା କରାଯାଇଥିଲା । ତେବେ ଏହି ଆଲୋଚନା ଦ୍ୱାରା ସଂଘର ଦାବୀ ଅନୁସାରେ ପୂରଣ ନେଇ ଠୋଷ ପ୍ରତିଶୃତି ମିଳିନଥିବାରୁ ଅନଶନ ପୁଣି ଚାଲୁରହିଥିବା ସଂଘ ତରଫରୁ ସୂଚନା ଦିଆଯାଇଛି । ଏଥି ସହ ମାନ୍ୟବର ରାଜ୍ୟପାଳଙ୍କୁ କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ଏକ ୯ଦଫା ସ୍ମାରକପତ୍ର ପ୍ରଦାନ କରାଯାଇ ତୁରନ୍ତ ସେମାନଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଦାବୀ କରାଯାଇଛି । ଏହି ଦାବୀ ମୁତାବକ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ତଥା ଡିଜିଙ୍କ ଅନୁମତି ଚିଠିକୁ ନକଲ କରି ନକଲି ଅନୁମତି ପତ୍ର ହାସଲ କରିଥିବା ଦର୍ଶାଇଥିବା ଶ୍ରୀ ଜଗନ୍ନାଥ ସିକୁରିଟି ସରଭିସ ଭୁବନେଶ୍ୱର ନାମରେ ଟାଉନଥାନା ଭବାନୀପାଟଣାରେ ଏତାଲା ହୋଇଥିବା ବେଳେ ସେମାନଙ୍କୁ ତୁରନ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏହି ସଂଘ ଦାବି କରିଛି । ସଂଘର ସଭାପତି ପବିତ୍ର ସାହୁ, ସରୋଜ କୁମାର ରଣା, ସିଦେଶ୍ୱର ପଣ୍ଡା, ଡିଙ୍ଗର ରାଉତ ଏବଂ ଗ୍ରୀନ୍ କଳାହାଣ୍ଡି ସଭାପତି ତଥା ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ନାୟକ, ସାମାଜିକ କର୍ମକର୍ତ୍ତା ସତ୍ୟବାଦୀ ନାଏକ, ଶ୍ରମିକ ନେତା ଚିନ୍ମୟ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଏହି ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ସୋମବାର ଠାରୁ କଳାହାଣ୍ଡି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଥିବା ବେଳେ ଏହି ଘଟଣା ନେଇ ଜିଲ୍ଲା ସାରା ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

### ସ୍କିଲ୍ କନକ୍ଲେଭ୍‌ର ଉଦ୍‌ଯାପିତ

## ‘ଦକ୍ଷତା ବିକାଶ ପାଇଁ ଦୁଇ ହଜାର କୋଟି’

**ଭୁବନେଶ୍ୱର :** ସାରା ବିଶ୍ୱର ପୂର୍ବ ଭାଗର ଅର୍ଥନୈତିକ ଗତିବିଧିର ପ୍ରାଣକେନ୍ଦ୍ର ହେବାର ସ୍ୱାଭାବିକ ସ୍ଥାନ ଓଡ଼ିଶା ଓ ଭୁବନେଶ୍ୱର। ଓଡ଼ିଶାରେ ଦକ୍ଷତା ବିକାଶ କ୍ଷେତ୍ରରେ ୨୦୦୦ କୋଟି ଟଙ୍କା ବିନିଯୋଗ ହେବ ବୋଲି ସ୍କିଲ୍ କନକ୍ଲେଭ୍‌ରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଜଟଣୀସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ସ୍କିଲ୍ କନକ୍ଲେଭ୍‌ର ଶେଷ ଦିନରେ ଶ୍ରୀ ପ୍ରଧାନ କହିଛନ୍ତି, ଉତ୍ତର ପ୍ରଦେଶରୁ ନେଇ ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ ଓ ଉତ୍ତର ପୂର୍ବ ରାଜ୍ୟ ସମେତ ନେପାଳ, ଭୂଟାନ, ବଙ୍ଗଳାଦେଶ ଓ ଶ୍ରୀଲଙ୍କା ଆଦି ଏସୀୟ ଦେଶ ସମୂହରେ ୭୦ କୋଟି ଲୋକ ରହୁଛନ୍ତି । ପୂର୍ବ ଭାରତ ସମେତ ଏହି ରାଷ୍ଟ୍ରଗୁଡିକର ଜନତାଙ୍କର ଆର୍ଥିକ ସ୍ଥିତି ସେତେ ଉନ୍ନତ ମାନର ନୁହେଁ। ବିଶ୍ୱର ୭ ଶହ କୋଟି ଜନତାର ଦଶ ଭାଗ ରହୁଥିବା ଏହି ବିଶ୍ୱର ପୂର୍ବ ଭାଗରେ ରହୁଥିବା ଦେଶମାନଙ୍କର ବିକାଶର ପ୍ରାଣକେନ୍ଦ୍ର ଓଡ଼ିଶା ଓ ଭୁବନେଶ୍ୱର ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଭୁବନେଶ୍ୱରକୁ କେନ୍ଦ୍ର କରି ଗଢ଼ି ଉଠୁଥିବା ଭାରତୀୟ ତୈଳ ନିଗମ ଓ ତୈଳ ଶିଳ୍ପ ଦ୍ୱାରା ପ୍ରତିଷ୍ଠିତ ହେଉଥିବା ସ୍କିଲ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ ହେଉ ଅଥବା ଦକ୍ଷତା ବିକାଶ ମନ୍ତ୍ରଣାଳୟ ଦ୍ୱାରା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ସ୍କିଲ୍ ବା ପୂର୍ବରୁ ଥିବା ସିପେଟ୍ ବା ସେଣ୍ଟ୍ରାଲ୍ ଟୁଲ ରୁମ୍ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶାରେ ୨ ହଜାର କୋଟିର ପୁଞ୍ଜି ନିବେଶ କରାଯାଉଛି। ଶ୍ରୀ ପ୍ରଧାନ କହିଛନ୍ତି, ଏହି ଦୁଇ ଦିନର ଆଲୋଚନାର ବିଷୟକୁ ନେଇ ଆଗାମୀ ମାସେ ଦେଢ଼ ମାସ ମଧ୍ୟରେ ନୀତି ଆୟୋଗ ସହ ସ୍କିଲ୍ ମନ୍ତ୍ରଣାଳୟର ବିଧିବଦ୍ଧ ଆଲୋଚନା କରାଯିବ। ପରେ ଜୁନ ମାସ ଶେଷ ସୁଦ୍ଧା ଓଡ଼ିଶାରେ ସ୍କିଲ୍ ରୋଡ୍ ମ୍ୟାପ୍‌କୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରାଯିବ। ଦେଶର ଉଚ୍ଚାଭିଳାଷୀ ଯୋଜନା ସହ ଓଡ଼ିଶାକୁ ଯୋଜନାବଦ୍ଧ ଭାବେ ସାମିଲ କଲେ ହିଁ ରାଜ୍ୟର ସାଧାରଣ ଜନତା ଏହାର ଲାଭ ନେଇପାରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି କନକ୍ଲେଭ ସ୍ଥାନରେ ୨ ଶହ ବର୍ଷ ପୂର୍ବେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ନାଁରେ ଲଢ଼ା ଯାଇଥିଲା । ଏକବିଂଶ ଶତାବ୍ଦୀର ଆମେ ପ୍ରଥମ ୧୮ ବର୍ଷ ପାର କରିସାରିଛେ । ଆଉ ୧୮ ବର୍ଷ ପରେ ୨୦୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ହେବ। ୨୦୩୬ ମସିହା ସୁଦ୍ଧା ଆଉ ୨ ଶହ ବର୍ଷ ପାଇଁ ଓଡ଼ିଶାର ଭବିଷ୍ୟତ ନିର୍ମାଣର ଭିତ୍ତିଭୂମି ଦେବାର ଏହା ପ୍ରକୃଷ୍ଟ ସମୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷ ସୁବ୍ରତୋ ବାଗଚୀ, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ମୁକ୍ତିକାନ୍ତ ମିଶ୍ର, ଦକ୍ଷତା ବିକାଶ ସଚିବ କେପି କ୍ରିଷ୍ଣା, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଡିରେକ୍ଟର ସଂତୃପ୍ତ ମିଶ୍ର, ଅଏଲ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଶ୍ୱଜିତ୍ ରାୟ ଉପସ୍ଥିତ ଥିଲେ।

## ଶୁଭଲକ୍ଷ୍ମୀଙ୍କୁ ଅଭିନନ୍ଦନର ସୁଅ

**ହିନ୍ଦୋଳ :** ନିକଟରେ ପ୍ରକାଶ ପାଇଥିବା ମାଟ୍ରିକ ପରୀକ୍ଷାରେ ୯୪% ମାର୍କ ରଖି ଅଞ୍ଚଳ ପାଇଁ ଗର୍ବ ଆଣିଦେଇଥିବା ହିନ୍ଦୋଳ ଉଚ୍ଚ ବିଦ୍ୟାୟର ଛାତ୍ରୀ ଶୁଭଲକ୍ଷ୍ମୀ ସାମନ୍ତଙ୍କୁ ଅଭିନନ୍ଦନର ସୁଅ ଛୁଟିଛି।



ଉକ୍ତ ପରୀକ୍ଷାରେ ସର୍ବମୋଟ ୬୦୦ ନମ୍ବର ମାର୍କରୁ ସେ ୫୬୩ ମାର୍କ ରଖିଛନ୍ତି। ଏଥିପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀମାନେ ତାଙ୍କୁ ପ୍ରଶଂସା କରିବା ସହିତ ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଛନ୍ତି।

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କାହିଁକି ଆଳୁ ...

ପ୍ରଭାବ ଓଡ଼ିଶା ଉପରେ ପଡ଼ିଛି। ଯେଉଁଥିପାଇଁ ଓଡ଼ିଶାରେ ଆଳୁ ଦର ବୃଦ୍ଧି ପାଇଛି। ତା’ଛଡ଼ା ଏବର୍ଷ ରାଜ୍ୟରେ ମଧ୍ୟ ଯଥେଷ୍ଟ ପରିମାଣର ଆଳୁ ଉତ୍ପାଦନ ହୋଇନାହିଁ। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ ବେଆଇନ୍ ଭାବରେ ଧାର୍ଯ୍ୟ ପରିମାଣ ଠାରୁ ଅଧିକ ଆଳୁ ମହଜୁଦ ରଖୁଛନ୍ତି। ଫଳରେ ବଜାରରେ ଏହାର କୃତ୍ରିମ ଅଭାବ ଦେଖାଦେଇଛି। ତେଣୁ ଜିଲ୍ଲାପାଳମାନେ ଏଭଳି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଦରକାର ପଡ଼ିଲେ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ୍-୧୯୫୫ ଅନୁସାରେ ଆଳୁ କଳାବଜାରୀଙ୍କୁ ଗିରଫ କରିବା ପାଇଁ ମଧ୍ୟ କୁହାଯାଇଛି। ଅନ୍ୟପକ୍ଷେ କଟକ ସହର ସମେତ ରାଜ୍ୟର କିଛି ସ୍ଥାନରେ ଆଳୁ ଗୋଦାମଗୁଡ଼ିକ ଉପରେ ଚଢ଼ଉ କରାଯାଇଥିବା ସୂଚନା ଦେଇଛନ୍ତି ଖାଦ୍ୟ ଓ ଯୋଗାଣମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ କଟକରେ ପାଇକାରୀ ଆଳୁ ବ୍ୟବସାୟୀମାନେ ସର୍ବାଧିକ ୫ ଶହ କ୍ୱିଣ୍ଟାଲ୍ ଏବଂ ଭୁବନେଶ୍ୱର ଓ ଅନ୍ୟ ସହରଗୁଡ଼ିକରେ ୩୫୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ମହଜୁଦ ରଖିପାରିବେ। ସେହିପରି ଆଳୁ ଉତ୍ପାଦନ ହେଉଥିବା ଏଥିସହ ସେ କହିଛନ୍ତି ଯେ, ରାଜ୍ୟରୁ ଯେଭଳି ପରିବହନ ବାଧାପ୍ରାପ୍ତ ନହେବ, ସେନେଇ ଦୃଷ୍ଟି ଦେବାକୁ ସୀମାବର୍ତ୍ତୀ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନାଫେଡ୍ ମାଧ୍ୟମରେ ଆଳୁ କିଣାଯିବା ନେଇ ରାଜ୍ୟ ସରକାର ଚିନ୍ତା କରୁଥିବା ସମ୍ପର୍କରେ କହିଛନ୍ତି ମନ୍ତ୍ରୀ। ତେବେ ନାଫେଡ୍ ମାଧ୍ୟମରେ ଆଳୁ କିଣାଗଲେ ଦର ଯେ କମିବ, ତା’ର କୌଣସି ଗ୍ୟାରେଣ୍ଟି ନାହିଁ ବୋଲି ସେ କହିଛନ୍ତି। ବ୍ୟବସାୟୀ ନାଫେଡ୍‌ଠୁ ୧୬ ଟଙ୍କାରେ ଆଳୁ କିଣିଲେ କେତେ ଟଙ୍କାରେ ବିକ୍ରି କରିବେ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି ମନ୍ତ୍ରୀ। ଆଳୁ ଦର ବୃଦ୍ଧିକୁ ନେଇ ଭୟଭୀତ ନହେବାକୁ ବିଭାଗ ତରଫରୁ ସୂଚନା ଦିଆଯିବା ଦ୍ୱାରା ଖାଉଟି ଓ ଛୋଟ ବ୍ୟବସାୟୀ ବେଶୀ ଆତଙ୍କିତ ହୋଇପଡୁଛନ୍ତି। ସମସ୍ୟାର ସମାଧାନ ପାଇଁ ବିଭାଗର ପଦକ୍ଷେପ ଉଚିତ୍ ହୋଇଥିଲେ ବି ଏହାର ସ୍ଥାୟୀ ସମାଧାନ ନିମନ୍ତେ ଉପଯୁକ୍ତ ପଦକ୍ଷେପ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କେବଳ ବିଫଳତା ଲୁଚାଇବାକୁ ଯାଇ ବିଭାଗ ଯଦି ଏଭଳି କରୁଥାଏ ତାହାକୁ କେହି ଗ୍ରହଣ କରିବେ ନାହିଁ।

## ୩୯ ପ୍ରସ୍ତାବକୁ ...

୯ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଭିଡ଼ିଓ କନ୍‌ଫରେନ୍‌ସିଂ ଦ୍ୱାରା ପ୍ରଥମେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ଗ୍ରାମ ପଞ୍ଚାୟତ ଗୁଡ଼ିକର ସରପଞ୍ଚମାନଙ୍କୁ ସେମାନଙ୍କ ଗାଁର ବିକାଶ ଯୋଜନା ସମ୍ପର୍କରେ ଉପସ୍ଥାପନା କରିବା ପାଇଁ କହିଥିଲେ। ସେମାନଙ୍କ ଠାରୁ ପଞ୍ଚାୟତ ଭିତ୍ତିଭୂମି ବିକାଶ ପାଇଁ ଆସିଥିବା ପ୍ରସ୍ତାବ ଗୁଡ଼ିକୁ ବିଚାର କରି ତୁରନ୍ତ ମଞ୍ଜୁରୀ ପ୍ରଦାନ କରିଥିଲେ।

## ୧୦ଲକ୍ଷ ପର୍ଯ୍ୟନ୍ତ ...

ଏସିଡ୍ ଆକ୍ରମଣର ପୀଡ଼ିତାଙ୍କୁ ୧୫ ଦିନ ମଧ୍ୟରେ ୧ ଲକ୍ଷ ଟଙ୍କା ଦିଆଯିବ। ଏହାପରେ ୨ ମାସ ମଧ୍ୟରେ ୨ ଲକ୍ଷ ଟଙ୍କା ମିଳିବ। ସେହିପରି ପୋଡ଼ିଦିଆଯିବା ଘଟଣାରେ ପୀଡ଼ିତାଙ୍କୁ ସର୍ବନିମ୍ନ ୭ ଲକ୍ଷ ଓ ସର୍ବାଧିକ ୮ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ। ଦୁଷ୍କର୍ମ ଯୋଗୁ ଗର୍ଭବତୀ ହେଲେ ପୀଡ଼ିତାଙ୍କୁ ୩ ଲକ୍ଷରୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ମିଳିବ। ଗର୍ଭପାତ ହେଲେ କିମ୍ବା ସନ୍ତାନ ଜନ୍ମଦେବା କ୍ଷମତା ହରାଇଲେ ପୀଡ଼ିତାଙ୍କୁ ୨ ଲକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦିଆଯିବ। ଏ ସମ୍ପର୍କରେ ଶୁଣାଣି ବେଳେ ଏନ୍‌ଏଏଲ୍‌ଏସ୍‌ଏ ନିର୍ଦ୍ଦେଶକ ଏସ୍‌ଏସ୍ ରାଠି କୋର୍ଟଙ୍କୁ କହିଥିଲେ ଯେ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ଯୋଜନାରେ ସେମାନେ ସଂଶୋଧନ କରିଛନ୍ତି ଏବଂ ଏହାକୁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି। କୋର୍ଟଙ୍କୁ ଆମିକସ୍ କ୍ୟୁରି ଭାବେ ସହାୟତା କରୁଥିବା ବରିଷ୍ଠ ଆଡଭୋକେଟ୍ ଇନ୍ଦିରା ଜୟସିଂ କହିଥିଲେ, ଏପର୍ଯ୍ୟନ୍ତ ମାତ୍ର ୯ ଟି ରାଜ୍ୟ ନିର୍ଭୟା ପାଣ୍ଠିରୁ ଅର୍ଥ ପାଇଛନ୍ତି। ଅତିରିକ୍ତ ସଲିସିଟର୍ ଜେନେରାଲ୍ ପିଙ୍କି ଆନନ୍ଦ ଖଣ୍ଡପୀଠଙ୍କୁ କହିଥିଲେ ସରକାର ଏ ପର୍ଯ୍ୟନ୍ତ ନିର୍ଭୟା ପାଣ୍ଠିରୁ ୯୨୦ କୋଟି ଟଙ୍କା ଦେଇ ସାରିଲେଣି। ୨୦୧୨ ଡିସେମ୍ବର ୧୬ରେ ଦିଲ୍ଲୀରେ ଘଟିଥିବା ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ମାମଲା ପରେ ୨୦୧୩ରେ କେନ୍ଦ୍ରସରକାର ଯେଉଁ ନିର୍ଭୟା ପାଣ୍ଠି ଘୋଷଣା କରିଥିଲେ ସେଥିରେ ୩୫୦୦ କୋଟି ଟଙ୍କା ରହିଛି।

## ପଞ୍ଚାୟତରେ ...

ପଞ୍ଚାୟତରେ ଗୋଟିଏ ହିସାବରେ କଂକ୍ରିଟ ଖଳା ନିର୍ମାଣ ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁସାରେ ଏପର୍ଯ୍ୟନ୍ତ ୪୩୦୪ଟି ଖଳା ନିର୍ମିତ ହୋଇଛି। ଅଧିକରୁ ଅଧିକ ଅଣରଣୀ ଚାଷୀଙ୍କୁ ଫସଲବୀମାଭୁକ୍ତ କରିବା ନେଇ ପଦକ୍ଷେପ ନିଆଯାଇଛି। ୨୦୧୬-୧୭ରେ ଏହି ସଂଖ୍ୟା ୩୦,୦୦୦ ଥିବାବେଳେ ୨୦୧୭-୧୮ରେ ଏହି ସଂଖ୍ୟା ୧ଲକ୍ଷ ୩୯ ହଜାରରେ ପହଞ୍ଚିଛି। ବିଜୁ କୃଷକ କଲ୍ୟାଣ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୫୭ଲକ୍ଷ ୬୪ ହଜାର ଚାଷୀ ପରିବାରଙ୍କୁ ପଞ୍ଜିକୃତ କରାଯାଇଛି ଓ ୪ଲକ୍ଷ ୭୭ହଜାର ହିତାଧିକାରୀ ବୀମା ସୁବିଧା ପାଇଛନ୍ତି। କନ୍ଦମୂଳ ଉତ୍ପାଦନ କ୍ଷେତ୍ରରେ ଆମ ରାଜ୍ୟ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଉତ୍ପାଦିତ ଆଳୁ ସଂରକ୍ଷିତ କରି ଅଭାବ ସମୟରେ ଲୋକଙ୍କୁ ଯୋଗାଇବା ପାଇଁ ଆଳୁ ମିଶନ ଗଠନ ହୋଇଥିଲା। ତେଣୁ ଆଳୁ ମିଶନକୁ ସୁଦୃଢ଼ କରିବା ନେଇ ମଧ୍ୟ ପଦକ୍ଷେପ ନିଆଯିବ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ସଫଳତା ସମ୍ପର୍କରେ ମନ୍ତ୍ରୀ କହିଥିଲେ ଯେ କୃଷକମାନଙ୍କ ଆୟ ଦ୍ୱିଗୁଣିତ ହେବା ପଛରେ ଗୋପାଳନ, କୁକୁଡ଼ା ଓ ଛେଳି ପାଳନ ଏବଂ ମାଛ ଚାଷର ବିଶେଷ ଅବଦାନ ରହିଛି। ୨୦୧୭-୧୮ରେ ଓଡ଼ିଶାରୁ ୫୦ହଜାର ମେଟ୍ରିକ ଟନ ଚିଙ୍ଗୁଡ଼ି ଓ ସାମୁଦ୍ରିକ ମତ୍ସ୍ୟଜାତ ଦ୍ରବ୍ୟ ରପ୍ତାନି କରାଯାଇଛି। ଏବାବଦରେ ୩ ହଜାର କୋଟି ଟଙ୍କାର ବୈଦେଶିକ ମୁଦ୍ରା ଉପାର୍ଜନ କରାଯାଇଛି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବିଗତ ୪ ବର୍ଷରେ ୧୪ ପ୍ରତିଶତ ବୃଦ୍ଧି ଘଟିଛି। ପ୍ରଥମ ଥର ପାଇଁ ଦୁଗ୍ଧ ଉତ୍ପାଦନରେ ଓଡ଼ିଶା ଏକ ବଳକା ରାଜ୍ୟରେ ପରିଣତ ହୋଇପାରିଛି। ଏବେ ଓଡ଼ିଶାରୁ ଦୈନିକ ପ୍ରାୟ ୬୦ରୁ ୭୦ ହଜାର ଲିଟର ଦୁଗ୍ଧ ଝାଡ଼ଖଣ୍ଡ ଓ ଛତିଶଗଡ଼କୁ ଯୋଗାଇ ଦିଆଯାଉଛି। ଦୁଗ୍ଧ ପ୍ରକ୍ରିୟାକରଣ ପାଇଁ ୫ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ପ୍ଲାଣ୍ଟ ପ୍ରତିଷ୍ଠା କରିବା ନିମନ୍ତେ ମଧ୍ୟ ବିଭାଗ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଏତଦ୍‌ବ୍ୟତୀତ ବିଭାଗରେ ଖାଲି ପଡିଥିବା ୧୬୪୪ଟି ପଦ ପୂରଣ ପାଇଁ ନିଷ୍ପତ୍ତି କରାଯାଇଛି।

## ସଚିବଙ୍କ ନିକଟରେ ...

କରୁଥିବା ଅଭିଯୋଗ ହୋଇଛି। ଏପରିକି ସାଧାରଣ ଲୋକଙ୍କୁ କର୍ମଚାରୀମାନେ ଫ୍ରାଙ୍କିଙ୍ଗ୍ ମେସିନ୍ ଖରାପ ଅଛି ବୋଲି ମିଛକଥା କହି ନଗଦ ଶୂନ୍ୟରେ କାରବାର କରିବାକୁ ବାଧ୍ୟ କରୁଛନ୍ତି। ଭିତିରି ଖବର ଅନୁଯାୟୀ ଘରୋଇ କମ୍ପାନୀ ସହ ସରକାରୀ ବାବୁଙ୍କ ମଧୁଚନ୍ଦ୍ରିକା ଚାଲିଥିବା ବିଷୟରେ ଅଭିଯୋଗ ଉଠାଇଛନ୍ତି ଭୁବନେଶ୍ୱର ଲୟର୍ସ ଗ୍ରୁପ୍‌ର ଶତାଧିକ ଆଇନଜୀବୀ। ଏନେଇ ସେମାନେ ରାଜସ୍ୱ ସଚିବଙ୍କୁ ଏକ ଅଭିଯୋଗ ପତ୍ର ଦେଇ ଘଟଣା ସମ୍ପର୍କରେ ଖୋଲତାଡ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜଣାଇଛନ୍ତି। ଏହି ଗ୍ରୁପ୍‌ର ଅଭିଯୋଗ ଅନୁଯାୟୀ ସ୍ଥାନୀୟ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟଧାରା ଯୋଗୁଁ ସାଧାରଣ ଜନତା ମଧ୍ୟ ଜମି କିଣାବିକା ବେଳେ ମୋହରିଅର ଓ ଓକିଲମାନଙ୍କୁ ନଗଦ ଶୂନ୍ୟରେ ରେଜିଷ୍ଟ୍ରେସନ କରିବାକୁ ବାଧ୍ୟ କରୁଛନ୍ତି।

## ‘ଆଧାର’ ଶୁଣାଣି ...

ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ ଏବଂ ମୋବାଇଲ୍ ନମ୍ବର ସହ ଆଧାର ନମ୍ବର୍ ଲିଙ୍କ୍ କରିବାର ଯଥାର୍ଥତା ସମ୍ପର୍କରେ ଦୃଢ଼ ମତ ଦେଇଥିଲେ। ମୋବାଇଲ୍ ବ୍ୟବହାରକାରୀମାନେ ଆଧାର ନମ୍ବର ଲିଙ୍କ୍ ନ କଲେ ତାହା ସେମାନଙ୍କ ପାଇଁ ଆଇନ୍‌ର ଅବମାନନା ହେବ ବୋଲି କେନ୍ଦ୍ର ପକ୍ଷରୁ ଦର୍ଶାଯାଇ ଥିଲା। ତେବେ କୋର୍ଟ କହିଥିଲେ, ସରକାର ତାଙ୍କ ନିର୍ଦ୍ଦେଶର ଭୁଲ ତର୍ଜମା କରିଛନ୍ତି ଓ ମୋବାଇଲ୍ ବ୍ୟବହାରକାରୀଙ୍କ ପାଇଁ ଆଧାର ବାଧ୍ୟତାମୂଳକ କରିବା ନିମନ୍ତେ ଏହାକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରିବାକୁ ଚାହୁଁଛନ୍ତି। କର୍ଣ୍ଣାଟକ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ କେଏସ୍ ପୁଟ୍ଟାସ୍ୱାମୀ ଓ ଅନ୍ୟ ଆବେଦନକାରୀମାନେ ଆଧାରର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଓକିଲ ଉଦୟଆଦିତ୍ୟ ବାନାର୍ଜୀ ଗଣମାଧ୍ୟମକୁ କହିଛନ୍ତି, ଆମେ ଜୁଲାଇ କିମ୍ବା ଅଗଷ୍ଟ ମାସ ସୁଦ୍ଧା ଅନୁକୂଳ ରାୟ ପାଇବୁ ବୋଲି ଆଶା କରୁଛୁ।

## ‘ପଞ୍ଚାୟତିରାଜ ...

ଲୋକଙ୍କୁ ବୋକା ବନାଇବାକୁ ଚେଷ୍ଟା କରାଯାଉଛି। ଚାରିବର୍ଷରେ ବିଜୁ ପକ୍କା ଘର ବାବଦରେ ୧୭୩୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ କେନ୍ଦ୍ରୀୟ ଯୋଜନାରେ ୮୫୬୫ କୋଟି ଅର୍ଥ ବ୍ୟୟବରାଦ ହୋଇଛି। ଓଡ଼ିଶାକୁ ‘ଇଜ ଅଫ ଡୁଇଙ୍ଗ ବିଜନେସ୍’ର ପେଣ୍ଠସ୍ଥଳୀ ଭାବେ ଘୋଷଣା କରିଥିଲେ ମଧ୍ୟ ଓଡ଼ିଶାରେ ପୁଞ୍ଜିନିବେଶ ହାର ହ୍ରାସ ପାଇଛି। ବିଜେଡି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନାମରେ ଗଠିତ । ସେହି ବିଜୁ ବାବୁଙ୍କ ଉଦ୍ୟମରେ ସ୍ଥାପିତ ବହୁ କଳ କାରଖାନା ବନ୍ଦ ହୋଇ ପଡିଛି । ବଡ଼ବିଲଠାରେ ନିର୍ମିତ କଳିଙ୍ଗ ଆଇରନ ଓ ଷ୍ଟିଲ୍, ଚୌଦ୍ୱାରଠାରେ ଓଟିଏମ୍, ବଲାରପୁର ପେପର୍ ମିଲ୍ ବନ୍ଦ ହୋଇଯିବା ବିଜେଡି ମୁଖିଆଙ୍କ ଅପାରଗତା ନୁହେଁ କି ବୋଲି ରାଜ୍ୟ ଉପ ସଭାପତି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ସେହିପରି ରାଜ୍ୟର ସର୍ବପୁରାତନ କଳିଙ୍ଗ ଷ୍ଟୁଡିଓ ୧୯୯୯ ମସିହା ମହାବତ୍ୟା ପରେ ବନ୍ଦ ହୋଇଯିବା ରାଜ୍ୟ ସରକାରଙ୍କ ଚଳଚ୍ଚିତ୍ର ଶିଳ୍ପ ପ୍ରତି ସମ୍ପୂର୍ଣ୍ଣ ବୈମାତୃକ ମନୋଭାବ ପ୍ରଦର୍ଶନ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ବିଜେପି କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ କହିଛନ୍ତି, ଶୀତଳ ଭଣ୍ଡାର ନିର୍ମାଣ ଓ ଆଳୁ ମିଶନରେ ରାଜ୍ୟ ସରକାରଙ୍କ ବିଫଳତା ଚାଷୀକୁଳଙ୍କୁ ନିରାଶ କରିଛି। ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ପଛୁଆ ରହିଛି। ରାଜ୍ୟରେ ଚାଷୀ ଆତ୍ମହତ୍ୟା ବଢୁଥିବା ବେଳେ ରାଜ୍ୟ ସରକାର ଏହାକୁ ସ୍ୱୀକାର କରୁନାହାନ୍ତି। ଓଡ଼ିଶାର ପ୍ରାୟ ୭୦ ପ୍ରତିଶତ ଲୋକ କୃଷି ଓ କୃଷି ସମ୍ପର୍କିତ କାମରେ ନିୟୋଜିତ ଥିବା ବେଳେ ସେମାନଙ୍କର ରାଜ୍ୟ ଅର୍ଥନୀତିରେ ଯୋଗଦାନ ମାତ୍ର ୧୫ ପ୍ରତିଶତ ବୋଲି ଶ୍ରୀ ସାହୁ କହିଛନ୍ତି। ରାଜ୍ୟ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ରାଜ୍ୟରେ ଉଚ୍ଚଶିକ୍ଷା ବିଭାଗ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ବିଫଳ ହୋଇଛି। ପ୍ରମୁଖ ବିଶ୍ୱବିଦ୍ୟାଳୟମାନଙ୍କରେ ଅଧାପକଙ୍କ ପଦବୀ ଖାଲି ପଡ଼ିଛି। ଭାରତ ବର୍ଷର ସର୍ବଶ୍ରେଷ୍ଠ ୧୦୦ଟି ବିଶ୍ୱବିଦ୍ୟାଳୟ ତାଲିକାରେ ରାଜ୍ୟର ଗୋଟିଏ ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାନ ନପାଇବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀମତୀ ସାମନ୍ତସିଂହାର କହିଛନ୍ତି। ରାଜ୍ୟର ସର୍ବ ପୁରାତନ କଲେଜରେ ବାରମ୍ବାର ଛାତ୍ର ଅଶାନ୍ତି ଓ ସାଏନ୍ ଡାଏ ଘଟଣା ରାଜ୍ୟ ସରକାରଙ୍କ ଦୁର୍ବଳ ଶିକ୍ଷା ନୀତିକୁ ପଦାରେ ପକାଇଛି। ଶିକ୍ଷାନୁଷ୍ଠାନ ପରିସରରେ ବିଜେଡି ରାଜନୀତି ମାଧ୍ୟମରେ ହିଂସା ଭିଆଇ ସିଧାସଳଖ ସରଳ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ଶ୍ରୀମତୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଏଥିରେ ମୁଖପାତ୍ର ସଜ୍ଜନ ଶର୍ମା ଉପସ୍ଥିତ ଥିଲେ।

## ତ୍ରିବେଣୀର ଜଉକଣ୍ଢେଇ କାଳିଜାଈରେ ନୌକାବିହାର

**ବାଲେଶ୍ୱର :** ଚଳିତବର୍ଷ ଜଉ କଣ୍ଢେଇ ବାହାଘର ଉତ୍ସବ ଆସନ୍ତା କାଲିଠାରୁ ବାଲେଶ୍ୱର ଗାନ୍ଧିସ୍ମୃତି ଭବନଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ପକ୍ଷରୁ ରେମୁଣା ବ୍ଲକ୍ ତ୍ରିବେଣୀରେ କାଳିଜାଈ ନୌକାବିହାର କରାଯାଇଅଛି । ଏହିବର୍ଷ କନ୍ୟା ଜଉ କଣ୍ଢେଇର ନାମ କାଳିଜାଈ ଥିବାରୁ କାଠସଂଗଡ଼ା ଗ୍ରାମରେ ଥିବା ତ୍ରିବେଣୀ ସେବାଶ୍ରମର ବାବା ଦୟାନନ୍ଦ ସରସ୍ୱତୀ ଓ କାଠସଂଗଡ଼ା ଗ୍ରାମବାସୀମାନଙ୍କୁ ସମ୍ମାନ ଜଣାଇ ଏହି ନୌକାବିହାର କରାଯାଇଥିଲା । ବାଲେଶ୍ୱର ଜିଲ୍ଲାରେ ସୋନ ଓ ବୁଢ଼ାବଳଙ୍ଗର ମିଳନସ୍ଥଳ ତଥା ତ୍ରିବେଣୀ ସଂଗମର ମହିଳାମାନେ ଡଙ୍ଗାରେ ଝିଅ କାଳିଜାଈକୁ ନୌକାବିହାର କରାଇ ଅନ୍ନ ଖୁଆଇ ପୁଣି ବାପଘରକୁ ପଠାଇ ଦେଇଥିଲେ। ଏହା ଫଳରେ ଜଉକଣ୍ଢେଇ ବାହାଘର ଉତ୍ସବ ସମିତି ସହ ସୁସମ୍ପର୍କ ସ୍ଥାପନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର ସଭାପତି ସୁବାସିନୀ ଜେନା, ଆବାହକ କେଶୁ ଦାସ, ମନସ୍ୱିନୀ ଦେବୀ, କନ୍ୟାପିତା ମହେନ୍ଦ୍ର ଯେନା, ମଧ୍ୟସ୍ଥି ଅକ୍ଷୟ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିକ୍ଷିତ ଗିରି, ଡ. ଭାଗବତ ଦାଶ, ନିରଞ୍ଜନ ଗିରି, ସୁଲୋଚନା ଦାଶ, ମିନତୀ ଯେନା, ରେଖାଶ୍ରୀ ପ୍ରଧାନ, ଜିଜ୍ଞାସା ପ୍ରଧାନ, ଜିତେନ୍ଦ୍ର ଉପାଧ୍ୟାୟ, କୁନା ଶତପଥୀ, ସନିଆ ମାଝୀ, ଗଦାଧର ପ୍ରଧାନ, ତନ୍ମୟ ବିଶ୍ୱାଳ, ସୁଭେନ୍ଦୁ ଦାଶ ଇତ୍ୟାଦି ଉପସ୍ଥିତ ରହି ଜଉକଣ୍ଢେଇ ଐତିହ୍ୟ ଓ ତା’ର ବିବାହ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## କଚେରୀ ହତାରେ ବର-ଅଶ୍ୱସ୍ତ ବିବାହ

**ବାଲେଶ୍ୱର :** କଚେରୀ ହତାରେ ଥିବା ବର-ଅଶ୍ୱସ୍ତବୃକ୍ଷର ବାହାଘର ୪ର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତ୍ରିଦୋଷ କୁମାର ପତି ଓ ତାଙ୍କ ସହଧର୍ମିଣୀ ଅଞ୍ଜଳୀ ବେହେରା ବରକନ୍ୟାଙ୍କ ପିତାମାତା ଭାବେ ଏହି ବିବାହ କାର୍ଯ୍ୟରେ ସଂକଳ୍ପ କରିଥିଲେ। ପଣ୍ଡିତ ମନ୍ମଥ କୁମାର ମିଶ୍ର, ରାମକୃଷ୍ଣ ଦାଶ ଓ ଅରୂପ କୁମାର ପତି ପ୍ରମୁଖ ବ୍ରାହ୍ମଣମାନେ ଏହି ବିବାହ ଉତ୍ସବ ସଂପାଦନ କରିଥିଲେ। କଚେରୀ ହତା ବ୍ୟବସାୟୀ ସଂଘ ମହୋରୀର ସଂଘ, ଭେଣ୍ଡରସ୍ ଆସୋସିଏସନ୍ ଓ ଓକିଲମାନଙ୍କ ମିଳିତ ସହଯୋଗରେ ୪ ବର୍ଷ ଧରି ଏହି ଉତ୍ସବ ପାଳିତ ହୋଇଆସୁଅଛି। ଉକ୍ତ ଉତ୍ସବରେ ଆଇନ୍‌ଜୀବୀ ଜିତେନ୍ଦ୍ର ଉପାଧ୍ୟାୟ, ପର୍ଶୁ ପ୍ରଧାନ ଏବଂ ଅନ୍ୟ ଆଇନ୍‌ଜୀବୀମାନେ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁବିଦ୍ୟାମନ୍ଦିର କୃତି ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ





**ପାରାଦୀପ :** ବିଦ୍ୟାଭାରତୀ ଯୋଜନାରେ ଶିକ୍ଷା ବିକାଶ ସମିତି ଓଡିଶା ଦ୍ୱାରା ପରିଚାଳିତ ପାରାଦୀପସ୍ଥ ଅଗ୍ରଣୀ ଶିଶୁବିଦ୍ୟାମନ୍ଦିର ଉଲ୍ଲେଖନୀୟ ସଫଳତା ଚଳିତ ମାଟ୍ରିକ ପରୀକ୍ଷାରେ ଓଡିଶାର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ସ୍ତରରେ ସର୍ବୋଚ୍ଚ ନମ୍ବର ପୂର୍ଣ୍ଣ ସଂଖ୍ୟା ୬୦୦ରୁ ୫୮୦ ରଖିଥିବା ଛାତ୍ର ଜନ୍ମେଜୟ ପଣ୍ଡା ଶତକଡା ୯୬.୬୬ ରଖି ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଗୌରବ ଆଣିଦେଇଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିସରରେ କୃତି ଛାତ୍ରଛାତ୍ରୀ ସୁଜନା ସଞ୍ଜିବନୀ ସାହୁ -୫୭୮, ସୁଭଜୀତ୍ ସାହୁ-୫୫୨, ଶର୍ମିଷ୍ଠା ସାହୁ-୫୫୧, ଦୀପ୍ତିମାନ ଦାସ-୫୪୮, ସତ୍ୟବ୍ରତ ମଲ୍ଲିକ-୫୪୪ ଓ ସ୍ୱାତୀସ୍ମିତା ଜେନା-୫୪୦ଙ୍କ ସହିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀଙ୍କୁ ପାରାଦୀପ ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ପ୍ରତିନିଧି ମାନଙ୍କ ତରଫରୁ ୭ଜଣ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅଭିର୍ଯ୍ୟଥନା , ସୁଭେଚ୍ଛା ଓ ଉପହାର ପ୍ରଦାନ କରି ପିଲାମାନେ ନିଜେ ନିଜର ଲକ୍ଷ୍ୟ ନିର୍ଣ୍ଣୟ କରି ଆଗେଇବା ପାଇଁ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସେଠୀଙ୍କୁ ଆଇନଜୀବୀ ତଥା ଅଧିବକ୍ତା ପରିଷଦର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ତପନ କୁମାର ଦାସ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ପରେ ୫୮୦ନମ୍ବର ରଖିଥିବା କୃତିଛାତ୍ର ଜନ୍ମେଜୟ ପଣ୍ଡାଙ୍କୁ ସାମ୍ବାଦିକ ତଥା ସମାଜସେବୀ ରାକେଶ କୁମାର ପଟ୍ଟନାୟକ ପୁଷ୍ପଗୁଚ୍ଛ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ , ରବିନ୍ଦ୍ର କୁମାର ଜେନା, ଜଗବନ୍ଧୁ ସ୍ୱାଇଁ, ଦୀପକ କୁମାର ଦାସ, ବିବେକାନନ୍ଦ ରାଉତ ଓ ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଅନ୍ୟ କୃତି ଛାତ୍ରଛାତ୍ରୀ ମାନଙ୍କୁ ଉପହାର ଦେଇ ଶୁଭେଚ୍ଛା ଜଣାଇଥିଲେ । ଶେଷରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସେଠୀ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ,ଆଚାର୍ଯ୍ୟା, ଛାତ୍ର, ଚାତ୍ରୀ, ଅଭିଭାବକ ଓ ସର୍ବପରି ପରିଚାଳନା ସମିତିର କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ତତ୍‌ସଙ୍ଗେ ସଙ୍ଗେ ପରିଚାନା କମିଟିର ସମ୍ପାଦକ ପ୍ରଶନ୍ନ କୁମାର ରାଉତ ରାୟ ଓ ଯୁଗ୍ମ ସମ୍ପାଦକ ଡା. ଦେବଦତ୍ତ୍ ସାମନ୍ତ ଉପସ୍ଥିତ ରହି କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଆଇନଜୀବୀ ତଥା ସମ୍ବାଦିକ ରବିନ୍ଦ୍ର କୁମାର ଜେନା । ଏହି କୃତି ଛାତ୍ର ଛାତ୍ରୀ ମାନଙ୍କ ସଫଳତା ପାଇଁ ବିଭିନ୍ନ ସ୍ତରରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ପର୍ଯ୍ୟଟନ ଚିତ୍ର

# ଦୁଇଟି ଅବତାରରେ ପୂଜା ପାଆନ୍ତି ମହାଲସାର ନାରାୟଣୀ

**ଗୋ**ଆର ପାଣାଜୀରେ ରହଣି ଧିରେ ଧିରେ ଆଗକୁ ବଢୁଥିଲା। ମୁଁ ପ୍ରତିଦିନ ନୂଆ ନୂଆ ସ୍ଥାନ ଦେଖିବାକୁ ଯାଉଥିଲି ଏବଂ ନିଆରା ଅନୁଭୂତି ବି ସାଉଁଟୁଥିଲି। ଏବେ ଆମେ ରୁଦ୍ରେଶ୍ୱରଙ୍କ ଦର୍ଶନ ପରେ ଗୋଆର ଦୁଇଟି ବଡ ମନ୍ଦିର ଦେଖିବାର ସମୟ ହୋଇଯାଇଥିଲା। ପାଣାଜୀ ଠାରୁ ପ୍ରାୟ ୨୨ ରୁ ୨୫ କିଲୋମିଟର ଯିବା ପରେ ଏହି ଦୁଇଟି ମନ୍ଦିର ପଡିଥାଏ। ଗୋଟିଏ ହେଉଛି ମାର୍ଦୋଲ୍‌ର ମାହାଲସା ନାରାୟଣୀ ମନ୍ଦିର ଏବଂ ଅନ୍ୟଟି ହେଉଛି ମଙ୍ଗେସିର ମଙ୍ଗେସି ମହାଦେବ ମନ୍ଦିର। ତେବେ ପ୍ରାୟ ୪୫ ମିନିଟ୍ ଗାଡିରେ ଯାତ୍ରା କରିବା ପରେ ଆସି ପହଞ୍ଚିଥିଲୁ ମାର୍ଦୋଲ୍‌ର ମାହଲସା ନାରାୟଣୀ ମନ୍ଦିରରେ। ମନ୍ଦିରରେ ପହଞ୍ଚିବା ପରେ ସେଠାରେ ଜଣେ ପୂଜକଙ୍କୁ ଦେଖିବାକୁ ପାଇଥିଲୁ। ସେତେବେଳେ ସେ କିଛି ଅନ୍ୟ ଭକ୍ତମାନଙ୍କୁ ଏହି ମନ୍ଦିରର ଐତିହ୍ୟ ସମ୍ପର୍କରେ ସୂଚନା ଦେଉଥିଲେ। ଏପରି ସୁଯୋଗକୁ ମୁଁ ଆଉ ହାତଛଡା କରିବାକୁ ଚାହିଁଲି ନାହିଁ। ପୂଜକଙ୍କ ନିକଟକୁ ଯାଇ ପ୍ରଣାମ କରି ତାଙ୍କ କଥା ଶୁଣିବାକୁ ଲାଗିଲି। ଯାହା ସେ ସୂଚନା ଦେଉଥିଲେ ମାହଲସା ନାରାୟଣୀ ମନ୍ଦିର ଗୋଆର ପ୍ରାୟ ପ୍ରତି ମନ୍ଦିର ଭଳି ସ୍ଥାନାନ୍ତରଣ ହୋଇଥିଲା। ୧୫୪୩ ମସିହାରେ ପର୍ତ୍ତୁଗୀଜ ମାନଙ୍କ ଗୋଆ ଅଧିଗ୍ରହଣ ସମୟରେ ଏହି ସ୍ଥାନାନ୍ତରଣ ହୋଇଥିଲା। ପର୍ତ୍ତୁଗୀଜମାନେ ଯେତେବେଳେ ଭରନା ନାମକ ସ୍ଥାନ ଅଧିଗ୍ରହଣ କରିବାକୁ ଆସିଲେ। ସେଠାରେ ଥିବା ଏହି ମହାଲସା ନାରାୟଣୀଙ୍କ ମନ୍ଦିର ସେମାନଙ୍କ ଦୃଷ୍ଟିକୁ ଆସିଥିଲା। ଆଉ ସେମାନେ ଏହି ମନ୍ଦିରକୁ ଧ୍ୱଂସ କରିବା ପୂର୍ବରୁ ସେଠାରେ ଥିବା ଭକ୍ତମାନେ ନଦୀ ପାର କରି ମହାଲସା ନାରାୟଣୀଙ୍କୁ ମାର୍ଦୋଲ୍‌ର ଏହି ସ୍ଥାନକୁ ଆଣି ପୂଜାର୍ଚ୍ଚନା କରିଥିଲେ। ତେବେ ମହାଲସା ନାରାୟଣୀଙ୍କୁ ଦୁଇଟି ଅବତାରରେ ପୂଜାର୍ଚ୍ଚନା କରୁଥିବା ବେଳେ ଆଉ କେହି କେହି ଲୋକ ଦେବତା ଖାଣ୍ଡୋବାଙ୍କ ଧର୍ମପତ୍ନୀ ଭାବେ ମାହଲ୍‌ସାଙ୍କୁ ପୂଜା କରିଥାନ୍ତି। ଖାଣ୍ଡୋବା ହେଉଛନ୍ତି





ଭଗବାନ ଶିବଙ୍କର ଅନ୍ୟତମ ରୂପ। ତେଣୁ ନାରାୟଣୀ ରୂପୀ ପାର୍ବତୀଙ୍କୁ ମଧ୍ୟ ଏଠାରେ ଉପାସନା କରାଯାଏ। ଏତେ ଗୁଢ଼ତତ୍ତ୍ୱ କଥା ଶୁଣିବା ବେଳକୁ ମନ ଭିତରକୁ ଆସୁଥାଏ କାହିଁକି ଯେ ମା' ହେଉଛନ୍ତି ଏକ ଓ ଅଭିନ୍ନ। ଦୁଷ୍ଟ ଦଳନ ପାଇଁ ସେ ବିଭିନ୍ନ ସମୟରେ ବିଭିନ୍ନ ରୂପରେ ଉଭା ହୋଇଛନ୍ତି। ଅବଶ୍ୟ ଶାସ୍ତ୍ରଜ୍ଞ ବିଦ୍ୱାନ ପଣ୍ଡିତ ମାନେ ମା'ଙ୍କର ଏହି ବିଭିନ୍ନ ରୂପ ଭିତରେ ଅନେକ ଗୁଢ଼ତତ୍ତ୍ୱକୁ ଦେଖିପାରୁଥିବେ। ହେଲେ ଆମଭଳି ସନ୍ତାନମାନଙ୍କ ପାଇଁ ମା'ଙ୍କର ରୂପ ହେଉଛି ଗୋଟିଏ ମଙ୍ଗଳଦାୟିନୀ ରକ୍ଷାକାରିଣୀ ମା'। ଯିଏ ସବୁବେଳେ ଆମ ଭଳି ଅବୋଧ ସନ୍ତାନମାନଙ୍କ ରକ୍ଷା କରିବା ପାଇଁ ଯୁଗେ ଯୁଗେ ଉଭା ହୋଇଛନ୍ତି। ଏହିସବୁ କଥା ମନ ଭିତରେ ଭାବି ବେଳକୁ ମୋ କାନରେ କିନ୍ତୁ ପୂଜକ ମା'ଙ୍କର ମହିମା ଏବଂ ରୂପ ବର୍ଣ୍ଣନା କରୁଥିବା କଥା ଗୁଞ୍ଜରିତ ହେଉଥାଏ। ତେଣୁ ମୋ ଭାବନା ରାଇଜରୁ ବାହାରି ଆସି ପୂଜକଙ୍କ କଥାରେ ଧ୍ୟାନ ଦେବାକୁ ଆରମ୍ଭ କଲି। ସେ ବର୍ଣ୍ଣନା କରୁଥିଲେ ମାହାଲ୍‌ସା ନାରାୟଣୀ ହେଉଛନ୍ତି ଚର୍ତୁଭୂଜା। ଗୋଟିଏ ହସ୍ତରେ ତାଙ୍କର ରହିଛି ତ୍ରୀଶୂଳ ଅନ୍ୟ ଏକ ହସ୍ତରେ ରହିଛି ଖଡ୍‌ଗ ଆଉ ଗୋଟିଏ ହସ୍ତରେ ରହିଛି ଛିନ୍ନ ମସ୍ତକ ଏବଂ ଆଉ ଗୋଟିଏ ହସ୍ତରେ ରହିଛି ପାତ୍ର। ମାହାଲ୍‌ସା ନାରାୟଣୀ ଉପବିତ ଧାରଣ କରିଛନ୍ତି। ଯାହା ସାଧାରଣତଃ ଦେବତାମାନେ ଧାରଣ କରିଥାନ୍ତି। ପୂଜକ ଜଣକ ଏମିତି ମାହାଲ୍‌ସା ନାରାୟଣୀଙ୍କ ରୂପ ବର୍ଣ୍ଣନା କରିବା ଭିତରେ ଆମେ ମୁଖ୍ୟ ଗମ୍ଭୀରା ପାଖରେ ପହଞ୍ଚି ସାରିଥିଲୁ। ମାହାଲ୍‌ସା ନାରାୟଣୀଙ୍କୁ ଦର୍ଶନ କରିଥିଲୁ। ସେଠାରେ ମଧ୍ୟ ଜାଣିବାକୁ ପାଇଲୁ ଯେ, ମାହାଲ୍‌ସା ନାରାୟଣୀ ଦିନର ବିଭିନ୍ନ ସମୟରେ ବିଭିନ୍ନ ଅଳଙ୍କାର ଧାରଣ କରନ୍ତି। ଆଉ ଭକ୍ତମାନଙ୍କୁ ଭିନ୍ନ ଭିନ୍ନ ରୂପରେ ଦର୍ଶନ ଦେଇଥାନ୍ତି। ବାହାକୁ ଆସିବା ବେଳକୁ ଏକ ବିରାଟ ଦୀପ ସ୍ତମ୍ଭ ଦେଖିବାକୁ ପାଇଲୁ। ବୋଧହୁଏ ଗୋଆର ପ୍ରାୟ ସବୁ ମନ୍ଦିରରେ ଥିବା ଦୀପ ସ୍ତମ୍ଭ ଠାରୁ ଏହା ଖୁବ୍ ଆକର୍ଷଣୀୟ ଦେଖାଯାଉଥିଲା। ଆମେ ବାହାରେ କିଛି ସମୟ ବୁଲାବୁଲି କରିବା ଭିତରେ ଆମ ଗାଡି ଚାଳକ ସୂଚନା ଦେଇଥିଲା ଯେ, ଆମକୁ ମଙ୍ଗେସି ମହାଦେବଙ୍କ ମନ୍ଦିର ଯିବାକୁ ପଡିବ। ଯାହା ମାହାଲ୍‌ସା ମନ୍ଦିର ଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଅବସ୍ଥିତ ଥିଲା। ତେଣୁ ଆମେ ଆଉ ଡେରି ନ କରି ଗାଡିରେ ବାହାରିଲୁ ମଙ୍ଗେସି ମହାଦେବ ମନ୍ଦିରକୁ।

କ୍ରମଶଃ...






ଉପସ୍ଥାପନା
ଜାହ୍ନବୀସୁତ

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

**ଭବାନୀପାଟଣା :** ଆୟବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ କଳାହାଣ୍ଡି ଜିଲା ଭବାନୀପାଟଣା ରେଡ ଜଳ ସେଚନ ପ୍ରକଳ୍ପର ସହକାରୀ ଯନ୍ତ୍ରୀ ରସାନନ୍ଦ ମାଝୀଙ୍କ ନର୍ଲାସ୍ଥିତ କାର୍ଯାଳୟ , ସରକାରୀ ବାସଗୃହ , ବରଗଡରେ ତାଙ୍କ ବାସଗୃହ ଓ ଶଶୁର ଘର ଆଦି ପାଞ୍ଚୋଟି ସ୍ଥାନରେ କଳାହାଣ୍ଡି ଜିଲା ଭିଜିଲାନ୍ସ ପକ୍ଷରୁ ଖାନତଲାସ କରାଯାଇଥିଲା । ସହକାରୀ ଯନ୍ତ୍ରୀ ଶ୍ରୀ ମାଝୀଙ୍କ ବିରୁଦ୍ଧରେ ଆୟବହିର୍ଭୁତ ସଂପତ୍ତି ଠୁଳ ଅଭିଯୋଗକୁ ଭିତ୍ତିକରି ଜୟପୁର ଭିଜିଲାନ୍ସ ଏସ.ପି ଙ୍କ ନିର୍ଦ୍ଦେଶକ୍ରମେ ଭବାନୀପାଟଣା ଭିଜିଲେନ୍ସ ଇନିସପେକ୍ଟର ଅଶୋକ କୁମାର ବିରୁଆ, ବଲାଙ୍ଗିର ଭିଜିଲାନ୍ସ ଇନିସପେକ୍ଟର ସଦାନନ୍ଦ ପାଣି ଓ ଅନ୍ୟାନ୍ୟ ଭିଜିଲେନ୍ସ କର୍ମଚାରି ଏହି ଚଡାଉରେ ଅଂଶ ଗ୍ରହଣ କରିଥିଲେ। ମିଳିଥିବା ସୂଚନାଅନୁସାରେ ଇଞ୍ଜିନିୟର ମାଝୀଙ୍କ ସମ୍ପତ୍ତି ପ୍ରାୟ ୧ କୋଟି ୧୦ ଲକ୍ଷ ୩୭ ହଜାର ୫୧୫ ଟଙ୍କା ଆକଳନ ହୋଇଛି । ୧ ଲକ୍ଷ ୧୭ ହଜାର ୩୭୦ ଟଙ୍କାର ସୁନା ଗହଣା , ୮ ସହ ଟଙ୍କାର ରୁପା, ୮ ଲକ୍ଷ ୧୪ ହଜାର ୧୮୨ ଟଙ୍କାର ଗାଡି ଓ ୯ ଲକ୍ଷ ୯୯୩ ଟଙ୍କାର ଏଲଆସି ଜମା ଠାବକରାଯାଇଛି।

# ଖୋରଧା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଖୋରଧା :** ପୌରପରିଷଦ ଅଧିନରେ ରହିଛି ୨୨ ଗୋଟି ୱାର୍ଡ଼ ଏହି ୱାର୍ଡ଼ ଗୁଡ଼ିକରେ ସଫେଇ ଯୋଜନା ଏକ ପ୍ରକାର ଫେଲ ମାରିଛି। ବିଭିନ୍ନ ୱାର୍ଡ଼ରେ ପରିତ୍ୟକ୍ତ ଅବସ୍ଥାରେ ଥିବା କୂଅ ପୋଖରୀ ନାଳ ଗୁଡ଼ିକ ଠିକ୍ ଭାବରେ ସଫା କରାଯାଉ ନାହିଁ। ଯଦ୍ୱାରା ସେଥିରେ ମଶା ମାଛିଙ୍କ ଅଂଶ ବୃଦ୍ଧି ପାଉଛି। ମଶା ମାଛିଙ୍କ ପ୍ରାଦୂର୍ଭାବରେ ଲୋକେ ଅତିଷ୍ଠ ହୋଇ ପଡ଼ିଲେଣି। ଅନ୍ୟ ପକ୍ଷରେ ଯଦି ସଫେଇ କାର୍ଯ୍ୟ କରାଯାଉଛି ବାହାରୁଥିବା ଅଳିଆ ଆବର୍ଜନାକୁ ଏଣେ ତେଣେ ପକାଯାଉଛି। କାରଣ ଅଳିଆ ଆବର୍ଜନା ନଷ୍ଟ କରିବା ପାଇଁ ଡ଼ମ୍ପିଂ ୟାର୍ଡ଼ର ବ୍ୟବସ୍ଥା ନାହିଁ। ଫଳରେ ଏଣେ ତେଣେ ପକାଯାଉଥିବା ଅଳିଆ ଆବର୍ଜନାରୁ ବାହାରୁ ଥିବା ଦୁର୍ଗନ୍ଧରେ ସାଧାରଣ ଲୋକେ ଅଣନିଃଶ୍ୱାସି ହୋଇ ପଡୁଛନ୍ତି। ଏ ସମ୍ପର୍କରେ ସହରର ବୁଦ୍ଧି ଜୀବିମାନେ ବାରମ୍ବାର ପୌରପରିଷଦର କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଡ୍ରେନଗୁଡ଼ିକର ଅବସ୍ଥା ନ କହିଲେ ଭଲ। କୋଟି କୋଟି ଟଙ୍କା ଅର୍ଥ ବ୍ୟୟରେ ସହର ମଧ୍ୟରେ ବିଭିନ୍ନ ୱାର୍ଡ଼ ଗୁଡ଼ିକରେ ନିର୍ମାଣ କରାଯାଇଥିବା ଡ୍ରେନଗୁଡ଼ିକ ଅଧପନ୍ତରିଆ ଭାବରେ ପଡ଼ିରହିଥିବା ବେଳେ ସେଥିରୁ ଅଳିଆ ଆବର୍ଜନା କଢାଯାଉନଥିବାରୁ ଡ୍ରେନଗୁଡ଼ିକ ପୋତି ହୋଇଗଲାଣି। ଆଗାମୀ ବର୍ଷା ଋତୁକୁ ଆଖି ଆଗରେ ରଖି ସହର ମଧ୍ୟରେ ଥିବା ଡ୍ରେନଗୁଡ଼ିକୁ ସଫା କରାନଗଲେ ବର୍ଷା ଜଳ ନିଷ୍କାସନ ହୋଇ ନପାରି ସହରର ସାରା ଜଳାର୍ଣ୍ଣବ ହୋଇଯିବ। ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ। ଏଥିପ୍ରତି ଜିଲ୍ଲା ପ୍ରଶାସନ ତଥା ପୌରପରିଷଦ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳନ

**ପାରାଦୀପ :** ପାରାଦୀପ ଜିରୋପଏଣ୍ଟ ସ୍ଥିତ ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି ଶ୍ରମିକ ସଂଘର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସକାଳ ୭ଟାରେ ଜଗତ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ଅଭିରାମ ପରମହଂସ ଦେବଙ୍କ ପୂଜାର୍ଚ୍ଚନା କରାଯାଇ ପାରାଦୀପ ଓ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କୁ ଫଳ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା । ସକାଳ ୮ଟାରୁ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରାଯାଇଥିଲା । ଠିକ୍ ଏହା ପରେ ପରେ ସକାଳେ ୯ଟା ବେଳେ ବିଶ୍ୱ ଶ୍ରମିକ ଦିବସ ପାଳନ ଉପଲକ୍ଷେ ପତାକା ଉତ୍ତୋଳନ କରାଯାଇ ଶ୍ରମିକ ଏକତାର ସ୍ଲୋଗାଣ ଦିଆ ଯାଇଥିଲା । ଏହାପରେ ପରେ ଏକ ବିରାଟ ସାଧାରଣ ସଭା କାର୍ଯ୍ୟ ଓ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା । ବିଶ୍ୱ ଶ୍ରମିକ ଦିବସ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଯୋଜନାବୋର୍ଡ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ବିଷ୍ଣୁ ଦାସ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତାଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ମନୋଜ ଦାସ ଏବଂ ସମ୍ମାନିତ




ଅତିଥିଭାବେ ଜଗତସିଂହପୁର ଜିଲ୍ଲା ଛାତ୍ର ବିଜେଡି ସଭାପତି ଶ୍ରୀ ପ୍ରଦୀପ୍ତ କୁମାର ଭୂୟାଁ ସାଧାରଣ ସମ୍ପାଦକ ଶ୍ରୀ ବିଜୟ ଶଙ୍କର ଦାସ, ଜମିହରା କ୍ଷତିଗ୍ରସ୍ତ କୃଷକ ସଂଘର ସଭାପତି ଶ୍ରୀ ଚିନ୍ମୟ କୁମାର ଦାସ, ତୈଳ ବିଶେଧାନାଗାର ଠିକା ଶ୍ରମିକ ସମବାୟ ସମିତି ସଭାପତି ଶ୍ରୀ ମନିନ୍ଦ୍ର ଗୁରୁ, ପୂର୍ବ ଭାରତ ତୈଳ ବଶୋଧନାଗାର ଶ୍ରମିକ ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ ଦିଲିପ କୁମାର ବେହେରା, କୁଜଙ୍ଗ ବ୍ଲକ ବିଜେଡି ଦଳିତ କକ୍ଷର ସଭାପତି ଶ୍ରୀ ଅଭିରାମ ସାମଲ, ବିଜୁ ପଟ୍ଟନାୟକ ସ୍ମୃତି ସଂସଦର ଆବାହକ ବିଶ୍ୱନାଥ ବଳ, ପୂର୍ବଭାରତ କୈବର୍ତ୍ତ ମହାସଭାର କାର୍ଯ୍ୟକର୍ତ୍ତା ଶ୍ରୀ ଅକ୍ଷୟ କୁମାର ସ୍ୱାଇଁ, ପୂର୍ବଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘର ସହ ସଂପାଦକ ଶ୍ରୀନୀରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ । ଶ୍ରମିକ ସଂଘର ସଭାପତି ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ ଅଧ୍ୟକ୍ଷତାରେ ଆୟୋଜନ ଉତ୍ସବରେ ସାଧାରଣ ସମ୍ପାଦକ ପଦ୍ମଲୋଚନ ଦାଶ ସ୍ୱାଗତ ଭାଷଣ ଓ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହିତ ଶ୍ରମିକ ସଂଘର ସଂପାଦକୀୟ ବୀବରଣୀ ପାଠ କରିଥିଲେ। ବୀବରଣୀ ଅନୁଯାୟୀ ଏବ ସୁଦ୍ଧା ଶ୍ରମିକ ସଂଘର ସଭ୍ୟ ସଂଖ୍ୟା ୪୦ ହଜାରରୁ ଉର୍ଦ୍ଧ ହେଲାଣି । ଏହି ସଂଘର ସଭାପତିଙ୍କୁ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କ କଠୋର ବିରୋଧ ସ୍ୱତ୍ତେଶ୍ରମିକ ସଂଘ ୨୦୦୦ ମସିହା ନଭେମ୍ବର ୨୬ ତାରିଖରେ ଜନ୍ମ ନେଇଥିଲା ଏବଂ ୧୮ ବର୍ଷର ସଫଳ ସଙ୍ଗଠନ ଭାବେ ସମଗ୍ର ରାଜ୍ୟରେ କେନ୍ଦ୍ର ବିନ୍ଦୁ ପାଲଟିଛି । ସଭାପତି ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱ ସଫଳତା ନେତୃତ୍ୱ ମାନବ ବାଦୀ ଚିନ୍ତା ଧାରା ସମାଜ ସେବାହିଁ ତାଙ୍କ ଜୀବନକୁ ନିୟୋଜିତ କରି ପାରାଦୀପ କୁଜଙ୍ଗ, ଏରସମା ଓ କେନ୍ଦ୍ରପଡା ଜିଲ୍ଲାର ଗରିବ ଦୁଃଖୀ ରଙ୍କିଙ୍କ ଠାରୁ ଯୁବକ ଛାତ୍ର ମହିଳା ମାନଙ୍କ ଆଶା ଓ ଭରଷାର ପାତ୍ର ପାଲଟି ଯାଇଛନ୍ତି । ୧୮ ବର୍ଷ ମଧ୍ୟରେ ଶ୍ରୀ ପଟ୍ଟନାୟକ ୮ଟି ବୃହତ୍ତ ସଂଗଠନର ସଭାପତି ବା ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି । ଶ୍ରମିକ ସଂଘ ମାଧ୍ୟମରେ ଦିନକୁ ଦିନ ନିଯୁକ୍ତି ହାର କମିଯିବା ହେତୁ ସଭାପତି ଉଦବେଗ ପ୍ରକାଶ କରିବା ସହିତ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କୁ ଘୋର ସମାଲୋଚନା କରିଥିଲେ ଏବଂ ।ପରାଦୀପ ଅଞ୍ଚଳର ଥିବା ସମସ୍ତ କଳକାରଖାନାରେ କିପରି ସ୍ଥାନୀୟ ଯୁବକ ଯୁବତୀ କିପରି ନୁଯୁକ୍ତି ବା ଆତ୍ମନିଯୁକ୍ତି ପାଇ କାରିବେ ସେଥିପାଇଁ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଦାସ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଗୋଚର କରି ବିହିତ ପଦକ୍ଷେପ ନେବାକୁ ସଭାପତି ଅନୁରୋଧ କରିଥିଲେ । ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୨୦ ଜଣ ମହିଳା ଓ ପୁରୁଷ ମାନଙ୍କ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନୀତ ଅତିଥି ମାନେ ମୁଖ୍ୟ ବକ୍ତା ଓ ମୁଖ୍ୟ ଅତିଥି ବିଶ୍ୱ ଶ୍ରମିକ ଦିବସ ମହତ୍ତ୍ୱ ପାଳନର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଉକ୍ତ ଉତ୍ସବରେ ପ୍ରାୟ ୭ରୁ ୮ହଜାର ଉର୍ଦ୍ଧ ମହିଳା ଓ ପୁରୁଷ ଶ୍ରମିକ ଯୋଗଦାନ କରିଥିଲେ।

# ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଚାଲିଛି ଖୋରଧା ନୂଆ ବସ୍‌ଷ୍ଟାଣ୍ଡ

**ଖୋରଧା :** ଦୀର୍ଘଦିନ ଧରି ଏକ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପଡ଼ିରହିଛି ଖୋରଧା ନୂଆବସଷ୍ଟାଣ୍ଡ ବସଷ୍ଟାଣ୍ଡ ପରିସରମଧ୍ୟରେ ମଳ ତ୍ୟାଗ କରିବା, ଗୋବର ଗଦାଇବା, କଦଳୀକାନ୍ଦି ଫୋପାଡ଼ିବା ଏବଂ ବର୍ଷା ସମୟରେ ପାଣି ଜମି ରହିବା ଯୋଗୁଁ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଯାତ୍ରୀମାନଙ୍କ ପାଇଁ ପିଇବା ପାଣି, ପରିଶ୍ରାଗାର, ବିଶ୍ରାମଗାର, ଆଡ଼ଭାନ୍ସ ଟିକେଟ୍ ବୁକିଂ କାଉଣ୍ଟର ବ୍ୟବସ୍ଥା ନାହିଁ। ରାତ୍ରି ସମୟରେ ଅସାମାଜିକ ବ୍ୟକ୍ତିମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଏହି ପରିତ୍ୟକ୍ତ ବସଷ୍ଟାଣ୍ଡଟି ବସଷ୍ଟାଣ୍ଡ ପରିସର ଭିତରେ ଥିବା ଲାଇଟ୍ ଗୁଡ଼ିକ ଜଳୁ ନାହିଁ। ରାତ୍ରି ସମୟରେ ଯାତ୍ରୀମାନେ ନିଜକୁ ନିରାପଦ ମଣୁ ନାହାଁନ୍ତି। ଦୈନିକ ଶହ ଶହ ଟଙ୍କା ପାର୍କିଂ ଫିସ୍ ବାବଦରେ ପୌରପରିଷଦ ପକ୍ଷରୁ ଆଦାୟ କରାଯାଉଥିଲେ ମଧ୍ୟ ଏହାର ଉନ୍ନତି କରଣ ଏବଂ ରକ୍ଷଣା ବେକ୍ଷଣ ପାଇଁ ଆଦୌ ଚିନ୍ତା କରାଯାଉ ନାହିଁ।

## କଳାହାଣ୍ଡି ବାର ଏସୋସିଏସନ ନିର୍ବାଚନ

# ସନ୍ତୋଷ ସଭାପତି ଓ ଅଶୋକ ସମ୍ପାଦକ

**ଭବାନୀପାଟଣା :** କଳାହାଣ୍ଡି ବାର ଆସୋସିସେନର ସୋମବାର କର୍ମକର୍ତ୍ତା ନିର୍ବାଚନ ୨୦୧୮-୧୯ ବର୍ଷ ପାଇଁ ଅନୁଷ୍ଠିତ ହୋଇଯାଇଛି । ବାର ଆସୋସିଏସନର ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ଦିଲ୍ଲିପ ପ୍ରହରାଜର ନିର୍ବାଚନ ପରିଚାଳନା କରିଥିଲେ । ସର୍ବସମ୍ମତି କ୍ରମେ ନିଦ୍ୱନ୍ଦରେ ବରିଷ୍ଠ ଆଇନଜୀବି ସନ୍ତୋଷ କୁମାର ପଣ୍ଡା ସଭାପତି, ଶୁଭ୍ରାଂସୁ ଶେଖର ସାହୁ ଉପସଭାପତି, ଅଶୋକ କୁମାର ପଟ୍ଟନାୟକ ସମ୍ପାଦକ, ସାଜୁ ବାଲାନ ସହ ସମ୍ପାଦକ, ମହେଶ ପ୍ରସାଦ ମହାପାତ୍ର କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିବା ଜଣାଯାଇଛି । ଏଥି ସହ କାର୍ଯ୍ୟକାରୀ ସଦସ୍ୟ ଭାବେ ବରିଷ୍ଟ ବର୍ଗରେ ଆଇନଜୀବି ଜିତେନ୍ଦ୍ର କୁମାର ମହାନ୍ତି, ଶୈଳେସ କୁମାର ବେହେରା, ଅବଦୁଲ ସାଜିଦ ଓ ମନୋଜ କୁମାର ତାଣ୍ଡି ମନୋନିତ ହୋଇଥିବା ବେଳେ କନିଷ୍ଠ ବର୍ଗରେ ଆଇନଜୀବୀ କିଶୋର କୁମାର ପଣ୍ଡା, ବୈକୁଣ୍ଠ ହରିଜନ ଓ ଜସୋବନ୍ତି ଦେଇ ମନୋନିତ ହୋଇଛନ୍ତି ।

## ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ଜାପାନ-ଓଡ଼ିଶା ଶିକ୍ଷା, ସଂସ୍କୃତି ଓ ସମ୍ପର୍କ କାର୍ଯ୍ୟକ୍ରମ

# 'ଦେଶ-ଦେଶ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ଗୁରୁତ୍ୱପୂର୍ଣ୍ଣ'

**ଭୁବନେଶ୍ୱର :** ସାଂସ୍କୃତିକ ଭାବ ବିନିମୟ ଦେଶ-ଦେଶ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହିତ ଅନ୍ୟ ଦେଶର କଳା, ସଂସ୍କୃତି ସହିତ ଆମ ଦେଶର ଛାତ୍ରଛାତ୍ରୀମାନେ ପରିଚିତ ହୋଇପାରିଲେ ଭବିଷ୍ୟତ ପିଢ଼ିକୁ ଏହା ଦିଗ୍‌ଦର୍ଶନ ଦେଇଥାଏ ବୋଲି ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଅନୁଷ୍ଠିତ ଜାପାନ-ଓଡ଼ିଶା ଭାବ ବିନିମୟ କାର୍ଯ୍ୟକ୍ରମରେ ଏଭଳି ମତବ୍ୟକ୍ତ କରିଥିଲେ ଅନୁଷ୍ଠାନର ଚେୟାରମ୍ୟାନ୍ ପବିତ୍ର ରାଉତରାଏ। ଆନୁଷ୍ଠାନିକ ଶିକ୍ଷା ସହ ସାଂସ୍କୃତିକ ସମ୍ପୃକ୍ତି ରହିଲେ ଛାତ୍ରଛାତ୍ରୀମାନେ ଉତ୍ତରୋତ୍ତର ଉନ୍ନତି କରିପାରିବେ। ଏଥିସହ ବିଭିନ୍ନ ଭାଷାକୁ ଆୟତ୍ତ କରିବାର ଆଗ୍ରହ ସୃଷ୍ଟି ହେଲେ ପିଲାମାନେ ଅନେକ କଥା ଜାଣିପାରିବେ ବୋଲି ମଧ୍ୟ କହିଥିଲେ ଶ୍ରୀ ରାଉତରାଏ। ଆଶୀଷ ମିଶ୍ର ଓ ଶ୍ରୀକୁନା ଦାଶଙ୍କ ସାହାଯ୍ୟ ଉଦ୍ଦେଶ୍ୟରେ ଜାପାନର ହୋଡା ମାସନାରୀ, ନାକୋ ମିହ୍ୟାରା ଓ ୟୁରିନା ମିହ୍ୟାରା କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ






ଡକ୍ଟର ବିମଳେନ୍ଦୁ ମହାପାତ୍ର ପିଲାମାନଙ୍କୁ ସର୍ବଗୁଣ ସମ୍ପନ୍ନ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସ୍ୱରୂପାନନ୍ଦ ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ।

ଓଡ଼ିଶା ଓ ଜାପାନର କଳା ସଂସ୍କୃତିକୁ ନେଇ ଏଠାରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯେଉଁଥିରେ ଜାପାନର ବାଦ୍ୟ ସଙ୍ଗୀତ ସମସ୍ତଙ୍କୁ ବିମୋହିତ କରିଥିଲା। ଏହି ବିଦ୍ୟାଳୟର ଛାତ୍ରୀ ଜାହ୍ନବୀ ମହାନ୍ତିଙ୍କ ଓଡ଼ିଶୀ ନୃତ୍ୟକୁ ଜାପାନରୁ ଆସିଥିବା ଅତିଥିମାନେ ଉଚ୍ଚ ପ୍ରଶଂସା କରିବା ସହିତ ଉପସ୍ଥିତ ଦର୍ଶକମାନେ ମନ୍ତ୍ରମୁଗ୍ଧ ହୋଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ବିଦ୍ୟାଳୟର ଚେୟାରମ୍ୟାନ୍ ଶ୍ରୀ ରାଉତରାଏ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ସହଯୋଗୀ ଜଲିଲ ଖାଁ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାଳୟର ଉପାଧ୍ୟକ୍ଷ କବୀନ୍ଦ୍ର ଦାଶ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଏବଂ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# ଷ୍ଟୁଡିଓ ଜମି କାହାକୁ ଦିଆଯିବନି : ମନ୍ତ୍ରୀ

**ଭୁବନେଶ୍ୱର :** କଳିଙ୍ଗ ଷ୍ଟୁଡିଓର ଅବ୍ୟବହୃତ ଜମିକୁ କାହାକୁ ଦିଆଯିବାର ପ୍ରଶ୍ନ ଉଠୁନି। ଏହା ଓଡ଼ିଶାର ସାଂସ୍କୃତିକ ଐତିହ୍ୟ। ଏହାର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି। କଳିଙ୍ଗ ଷ୍ଟୁଡିଓ ଅବ୍ୟବହୃତ ଜମିରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ପାଇଁ କ୍ରୀଡ଼ା ସଚିବ ପ୍ରସ୍ତାବ ଦେବାକୁ ନେଇ ବିବାଦ ଲାଗି ରହିଥିବାବେଳେ ମନ୍ତ୍ରୀ ଶ୍ରୀ ସାମଲ ସାମ୍ବାଦିକମାନଙ୍କୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ କଳିଙ୍ଗ ଷ୍ଟୁଡିଓର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏହାର ଜମି କାହାରିକୁ ଦିଆଯିବାର ପ୍ରଶ୍ନ ଉଠୁନି। କଳିଙ୍ଗ ଷ୍ଟୁଡିଓ ହେଉଛି ଓଡ଼ିଶା ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନ୍‌ର ମୁଖ୍ୟ କାର୍ଯ୍ୟସ୍ଥଳୀ। ରାଜ୍ୟ ସରକାର ଏହି ଷ୍ଟୁଡିଓର ପୁନରୁଦ୍ଧାର ପାଇଁ ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେଠାରେ ଗୋଟିଏ ଭିଲେଜ୍ ମଡେଲ୍ ବିକଶିତ କରାଯାଉଛି। ଇଡ୍‌କୋକୁ ଏହାର ପୁନରୁଦ୍ଧାର ଦାୟିତ୍ୱ ଦିଆଯାଇଛି। ତେଣୁ କାହାରି କାନକୁହା କଥାରେ ବିଶ୍ୱାସ କରିବା ଅନୁଚିତ୍। ବିଭିନ୍ନ ବିଭାଗ କ'ଣ ଚିଠି ଲେଖୁଛନ୍ତି ତା'ଉପରେ ଗୁରୁତ୍ୱ ଦେବା ଅନାବଶ୍ୟକ। ମୁଖ୍ୟମନ୍ତ୍ରୀ କ'ଣ ଏହି ଜମି ହସ୍ତାନ୍ତର ପ୍ରସଙ୍ଗରେ କିଛି କହିଛନ୍ତି କି ନାହିଁ ତାହା ଦେଖିବା କଥା। ବରଂ ଏହି ଐତିହ୍ୟସମ୍ପନ୍ନ କଳିଙ୍ଗ ଷ୍ଟୁଡିଓର ପୁନରୁଦ୍ଧାର କରାଯାଇ ତାକୁ ଆରକେ ଷ୍ଟୁଡିଓ, ଜେମିନି ଷ୍ଟୁଡିଓ ଆଦି ଭଳି ବିକଶିତ କରାଯିବ। ଯାହାଫଳରେ ରାଜ୍ୟ ବାହାରୁ ଫିଲ୍ମ ନିର୍ମାତାମାନେ ଏଠାକୁ ଫିଲ୍ମ ଶୁଟିଂ ପାଇଁ ଆସିପାରିବେ ବୋଲି ଶ୍ରୀ ସାମଲ କହିଛନ୍ତି। ରାଜ୍ୟରେ କ୍ରୀଡ଼ା ଓ ଖେଳର ବିକାଶ ହେବା ଉଚିତ୍ କିନ୍ତୁ ତା' ଅର୍ଥ ନୁହେଁ ଯେ ଅନ୍ୟ ସଂସ୍ଥାକୁ ବନ୍ଦ କରିଦିଆଯିବ। କ୍ରୀଡ଼ାର ବିକାଶ ପାଇଁ ଅନେକ ଷ୍ଟାଡିୟମ ରହିଛି। ଅନେକ ଷ୍ଟାଡିୟମ ମଧ୍ୟ ନିର୍ମାଣ କରାଯାଇପାରିବ। କିନ୍ତୁ ରାଜ୍ୟ ସରକାର କଳିଙ୍ଗ ଷ୍ଟୁଡିଓର ଜମିକୁ ଏଥିପାଇଁ ହସ୍ତାନ୍ତର କରିବାକୁ କଦାପି ଚିନ୍ତା କରିନାହାନ୍ତି ବୋଲି ମନ୍ତ୍ରୀ ଶ୍ରୀ ସାମଲ ସ୍ପଷ୍ଟ କରିଛନ୍ତି।

## କେଦାରଗୌରୀ ମନ୍ଦିର ପରିସରରେ 'ଲୟର୍ସ ଗ୍ରୁପ୍'ର କାର୍ଯ୍ୟକ୍ରମ

# ଓଡ଼ିଶା ବାର କାଉନସିଲ ଅଧ୍ୟକ୍ଷ ଚିନ୍ମୟଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର :** ଆଇନଜୀବୀମାନଙ୍କ ଆଭିମୁଖ୍ୟ ସ୍ୱଚ୍ଛ ଓ ଲୋକାଭିମୁଖୀ ହୋଇପାରିଲେ ରାଜ୍ୟରେ ଆଇନ କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ସହଜ ହୋଇପାରିବ ବୋଲି ଭୁବନେଶ୍ୱର ଲୟର୍ସ ଗ୍ରୁପ୍ ପକ୍ଷରୁ କେଦାରଗୌରୀ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି ଓଡ଼ିଶା ବାର କାଉନସିଲ ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ଚିନ୍ମୟ ମହାନ୍ତି। ଲୟର୍ସ ଗ୍ରୁପ୍‌ର ସଭାପତି ଆଇନଜୀବୀ ଲିଙ୍ଗରାଜ ଦାଶଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସହିତ ବାର କାଉନସିଲ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ



ଗ୍ରୁପ୍‌ର ସଂଗଠକ ମନୋଜ ବଳିୟାରସିଂହଙ୍କ ପ୍ରସ୍ତାବ କ୍ରମେ ଆଇନଜୀବୀମାନେ ବୃତ୍ତିଗତ କାର୍ଯ୍ୟଧାରାରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଶ୍ରୀ ମହାନ୍ତିଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ଐତିହ୍ୟପୂର୍ଣ୍ଣ କେଦାରଗୌରୀ କୁଣ୍ଡ ଜଳର ପରିଚ୍ଛନ୍ନତା, ରକ୍ଷଣାବେକ୍ଷଣ ଓ ସ୍ୱଚ୍ଛତା ସମ୍ପର୍କରେ ମଧ୍ୟ ଚର୍ଚ୍ଚା ହୋଇଥିଲା। ଅନୁଷ୍ଠାନର ଆବାହକ ଲିଙ୍ଗରାଜ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଆଇନଜୀବୀ ଗଦାଧର ଦାସ, ବିଶ୍ୱମ୍ଭର ଦାଶ, ସରୋଜ କୁମାର ସାହୁ, ଅକ୍ଷୟ କୁମାର ଦାଶ, ଶିବଶଙ୍କର ଦାଶ, ନବ ମଲ୍ଲିକ ଓ ରାଜେଶ ପାଢ଼ୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସମୁଦ୍ର ବିଜୟ-ଏକ ଐତିହାସିକ ଦଲିଲ

**ଭୁବନେଶ୍ୱର :** ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା, ବିଶିଷ୍ଟ ସ୍ତମ୍ଭକାର, ଆଇନଜୀବୀ ତଥା କବି ଗଜାନନ ମିଶ୍ରଙ୍କର 'ସମୁଦ୍ର ବିଜୟ' ସଙ୍କଳନ ସ୍ଥାନୀୟ ରେଡକ୍ରସ୍ ଭବନରେ ଲୋକାର୍ପିତ ହୋଇଯାଇଛି। ଭାଷା ଆନ୍ଦୋଳନ ଅଧ୍ୟକ୍ଷ ସୁବାଷଚନ୍ଦ୍ର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡକ୍ଟର କମଳାପ୍ରସାଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ 'ସମୁଦ୍ର ବିଜୟ' ସମ୍ପର୍କରେ ମତ ରଖିଥିଲେ। ଲେଖକ ଓ ଗବେଷକ ଡକ୍ଟର ଅସିତ୍ ମହାନ୍ତି ଏହି ପୁସ୍ତକର ସମୀକ୍ଷା କରିବା ସହିତ ଗଜାନନଙ୍କ ଉକ୍ତ କବିତା ପୁସ୍ତକରେ ଜାତିପ୍ରାଣ ଓ ବ୍ୟକ୍ତି ଜୀବନର ନିଚ୍ଛକ ଛବି



ରହିଥିବା କହିଥିଲେ। ପ୍ରାରମ୍ଭରେ କବି ଉମାକାନ୍ତ ରାଉତ (ଅରୂପ) ସ୍ୱାଗତ ଭାଷଣ ଦେଇଥିବାବେଳେ ଭାଷା ଆନ୍ଦୋଳନ ଆବାହକ ପ୍ରଦୀପ ମହାରଥା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବିଧାନର ପରିଧି ଭିତରେ ଓଡ଼ିଶାରେ ଭାଷାର ସର୍ବବିଧ ପ୍ରୟୋଗ ପାଇଁ ଗଜାନନଙ୍କ ପ୍ରଚେଷ୍ଟା ଏବଂ ତାଙ୍କର ଆମରଣ ଅନଶନ ଓଡ଼ିଆପ୍ରେମୀଙ୍କ ମଧ୍ୟରେ ସଚେତନତା ଓ ଜାଗରଣ ସୃଷ୍ଟି କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କବି ଶ୍ରୀ ରାଉତଙ୍କ ଦ୍ୱାରା ଲିଖିତ ମୁଖବନ୍ଧ 'ସମୁଦ୍ର ବିଜୟ'ର ପ୍ରେକ୍ଷାପଟ୍ଟ- ଏକ ଐତିହାସିକ ଦଲିଲ୍' ଏହାର ସେତୁ ସଦୃଶ ବହିଟି ଏକ ଐତିହାସିକ ଦସ୍ତାବିଜ୍ ବୋଲି ମତପ୍ରକାଶ ପାଇଥିଲା। କାରଣ ଗତ ମେ ୧ରେ ବିଧାନସଭାରେ ପାରିତ ହୋଇଥିବା ଭାଷା ବ୍ୟବହାର ଉଲ୍ଲଘଂନକାରୀଙ୍କୁ ଦଣ୍ଡବିଧାନ ପରିପ୍ରେକ୍ଷୀରେ ଏହି ପୁସ୍ତକର ଗୁରୁତ୍ୱ ପ୍ରଶ୍ନାତୀତ ବୋଲି କାର୍ଯ୍ୟକ୍ରମ ଅବସରରେ ଅତିଥିମାନେ କହିଥିଲେ। 'ପକ୍ଷୀଘର' ସମ୍ପାଦକ ବନୋଜ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କରେ କହିଥିଲେ। ଏଥିରେ ରାଜ୍ୟର ବହୁ ଜଣାଶୁଣା କବି, ଲେଖକ ଓ ଭାଷାପ୍ରେମୀ ଯୋଗ ଦେଇଥିଲେ।

# ଡିଜିପି ଆର୍‌ପି ଶର୍ମାଙ୍କୁ 'ପୋଲିସ ଏକ୍ସେଲେନ୍ସ' ସମ୍ମାନ

**କଟକ :** ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ପୋଲିସ ଏକ୍ସେଲେନ୍ସ ସମ୍ମାନରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଅନୁଷ୍ଠିତ ଅର୍ନ୍ତଜାତୀୟ ପୋଲିସ ଏକ୍ସପୋ ସମ୍ମିଳନୀ ଅବସରରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ଫାଉଣ୍ଡେସନ୍ ପୋଲିସ ରିସର୍ଚ୍ଚ ପକ୍ଷରୁ ଏଭଳି ସମ୍ମାନ ପ୍ରଦାନ କରାଯାଇଛି। ପୋଲିସ ବିଭାଗରେ ଡା. ଶର୍ମାଙ୍କ ଉଲ୍ଲେଖନୀୟ କୃତିତ୍ୱ ଓ ସମାଜରେ ଜନସାଧାରଣଙ୍କ ଅଧିକାର ସୁରକ୍ଷା ପାଇଁ ତାଙ୍କୁ ଏହି ସମ୍ମାନ କେନ୍ଦ୍ରମନ୍ତ୍ରୀ ବିଜୟ ଗୋଏଲଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଫାଉଣ୍ଡେସନ ପୋଲିସ ରିସର୍ଚ୍ଚ ସଂସ୍ଥାନ ଦେଶର ବିଭିନ୍ନ ପୋଲିସ ଅଧିକାରୀଙ୍କ କୃତିତ୍ୱ ଓ କାର୍ଯ୍ୟ ଦକ୍ଷତା ବୃଦ୍ଧି ଦିଗରେ ସଦାସର୍ବଦା ଚେଷ୍ଟିତ ରହିଥିବା ସହ ବିଭାଗର ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ଓ ମନୋବଳ ବଢ଼ାଇବା ପାଇଁ ଏ ପ୍ରକାର ସମ୍ମାନ ପ୍ରଦାନ କରାଯାଇଥାଏ। ସଂସ୍ଥାନର ଇତିହାସରେ ଏ ପ୍ରକାର ଜାତୀୟସ୍ତରୀୟ ସମ୍ମାନଜନକ ପୁରସ୍କାର ପାଇବା ଡା. ଶର୍ମା ହେଉଛନ୍ତି ଦ୍ୱିତୀୟ ପୋଲିସ ଅଧିକାରୀ। ତେବେ ସଂସ୍ଥାନ ପକ୍ଷରୁ ଦିଆଯାଇଥିବା ପୁରସ୍କାର ନେଇ ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଛି ଯେ, ଏ ପ୍ରକାର ପୁରସ୍କାର ଆଗାମୀ ଦିନରେ ମନୋବଳ ଓ ଦକ୍ଷତା ବୃଦ୍ଧି ଦିଗରେ ସହାୟକ ହେବ।



# ସଲ୍‌ମାନ୍‌ଙ୍କ ଶୁଣାଣି ସ୍ଥଗିତ



**ଯୋଧପୁର :** କୃଷ୍ଣସାର ମୃଗ ଶିକାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବଲିଉଡ୍ ସୁପରଷ୍ଟାର ସଲମାନ ଖାନ୍‌ଙ୍କ ଆବେଦନ ଜୁଲାଇ ୧୭ ଯାଏ ସ୍ଥଗିତ ରଖାଯାଇଛି। ଯୋଧପୁର ଜିଲ୍ଲା ଓ ସେସନ୍ସ ଜଜ୍ ଦେବ କୁମାର ଖତ୍ରୀ ବହୁ ଚର୍ଚ୍ଚିତ ୧୯୯୮ ମସିହା କୃଷ୍ଣସାର ମୃଗ ମାମଲାରେ ସଲମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଦୁଇରାତି ଜେଲ୍‌ରେ ରହିବା ପରେ ଏପ୍ରିଲ ୭ରେ ବିଚାରପତି ରବୀନ୍ଦ୍ର କୁମାର ଯୋଶୀ ସଲମାନଙ୍କୁ ଜାମିନ ପ୍ରଦାନ କରିଥିଲେ। କୋର୍ଟରେ ସଲମାନ ରାୟକୁ ସଂପୂର୍ଣ୍ଣ ଖାରଜ ପାଇଁ କରିଥିବା ଆବେଦନର ଶୁଣାଣି ହୋଇଥିଲା। ତେବେ ଜିଲ୍ଲା ଓ ସେସନ୍ସ କୋର୍ଟ ଜଜ୍ ଚନ୍ଦ୍ର କୁମାର ସୋନଗାରା କୌଣସି ଶୁଣାଣି ନ କରି ଏହାକୁ ଜୁଲାଇ ୧୭ ଯାଏ ସ୍ଥଗିତ ରଖିଛନ୍ତି।

# କୁନା ତ୍ରିପାଠୀ ରାଜ୍ୟ ଫିଲ୍ମ ଉନ୍ନୟନ ନିଗମ ଅଧ୍ୟକ୍ଷ



**ଭୁବନେଶ୍ୱର :** ରାଜ୍ୟ ଫିଲ୍ମ ଉନ୍ନୟନ ନିଗମର ଅଧ୍ୟକ୍ଷ ଭାବେ ସତ୍ୟବ୍ରତ ତ୍ରିପାଠୀ(କୁନା)ଙ୍କୁ ନିଯୁକ୍ତି ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଏହି ନୂଆ ଦାୟିତ୍ୱ ଦେଇଛନ୍ତି। ସେ ମୁନ୍ନା ଖାଁଙ୍କ ସ୍ଥାନରେ କାର୍ଯ୍ୟ କରିବେ। ମାର୍ଚ୍ଚ ୮ ତାରିଖରେ ମୁନ୍ନା ଖାଁଙ୍କୁ ରାଜ୍ୟ କାଜୁ ଉନ୍ନୟନ ନିଗମର ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଥିଲା। ସେ ଉଭୟ ଫିଲ୍ମ ଉନ୍ନୟନ ନିଗମ ଓ କାଜୁ ନିଗମର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଅପରପକ୍ଷରେ ବିଜେଡି ନେତା ଶ୍ରୀ ତ୍ରିପାଠୀ ଓଡ଼ିଆ ଫିଲ୍ମର ବିକାଶ ଓ କଳିଙ୍ଗ ଷ୍ଟୁଡିଓର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନେବେ ବୋଲି ନିଜର ପ୍ରତିକ୍ରିୟାରେ କହିଛନ୍ତି।










Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର** | ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** | ସମ୍ପାଦକ : **ତାରକ ମହାନ୍ତି**